


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-168 •SUNDAY •14 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୬୮ •ରବିବାର •୧୪ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


## ମେସିଙ୍କ ଝଲକ ପାଇଁ ପ୍ରଶଂସକଙ୍କ ହଙ୍ଗାମା

# ସଲ୍ଟଲେକ୍‌ରେ ଭଙ୍ଗାରୁଜା



### କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ମମତା

■ କୋଲକାତା, ୧୩।୧୨ (ଏଜେନ୍ସି): ବିଶ୍ୱପ୍ରସିଦ୍ଧ ଫୁଟବଲ ତାରକା ତଥା ବିଶ୍ୱଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଆଜି ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ନେଇ କୋଲକତାରେ ଅଶାନ୍ତ ବାତାବରଣ ଦେଖାଦେଇଛି। ଏହି ଗସ୍ତରେ ସେ ପ୍ରଥମେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ତାଙ୍କର ଝଲକ ପାଇବା ଲାଗି ଦର୍ଶକମାନେ ୫ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟିକଟ କିଣିଥିଲେ। ମେସି ଷ୍ଟାଡିୟମ।।ରେ ପ୍ରବେଶ କରିବା ମାତ୍ରେ ଦର୍ଶକ ଉତ୍ସାହିତ ହୋଇପଡ଼ିଥିଲେ। କନ୍ତୁ ସୁରକ୍ଷା କର୍ମୀ ଓ କେତେକ ଆୟୋଜକ ମେସିଙ୍କୁ ଘେରି ରହିବାରୁ ଦର୍ଶକ ତାଙ୍କୁ ଦେଖି ପାରି ନଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ଉତ୍ତେଜନା। ଅନେକ ଦର୍ଶକ ପାଟିତୁଣ୍ଡ କରିବା ସହିତ ଷ୍ଟାଡିୟମ ଭିତରକୁ ବୋତଲ ଫିଙ୍ଗିବା ଆରମ୍ଭ କରିଥିଲେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଅଳ୍ପ ସମୟ ପରେ ମେସିଙ୍କୁ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ତାଙ୍କୁ ଦେଖି ନ ପାରି ଦର୍ଶକମାନେ ହଙ୍ଗାମା କରିଥିଲେ। ଯାହାଫଳରେ ମେସିଙ୍କ ଅଢ଼େଇ ଘଣ୍ଟାର କାର୍ଯ୍ୟକ୍ରମ ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା।। ▶ପୃଷ୍ଠା-୭

# ନାଗରିକତା ଛାଡୁଛନ୍ତି ବର୍ଷକୁ ୨ ଲକ୍ଷ

## ୫ ବର୍ଷରେ ବିଦେଶ ପଳାଇଲେଣି ୯ ଲକ୍ଷ ଭାରତୀୟ



### କୋଭିଡ ମହାମାରୀ ପରେ ବଢ଼ିଛି ବିଦେଶ ପ୍ରୀତି

ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଭାରତୀୟ ନାଗରିକତା ଛାଡିବା ପ୍ରକ୍ରିୟା ଓ ଏହାର ସଂଖ୍ୟାରେ ଲଗାତର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ବିଦେଶ ମନ୍ତ୍ରଣାଳୟ ତରଫରୁ ସଂସଦରେ ତଥ୍ୟ ପ୍ରଦାନ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷ ଭାରତୀୟ ନାଗରିକତା ଛାଡି ବିଦେଶରେ ସ୍ଥାୟୀ ଭାବେ ବସବାସ କରିଛନ୍ତି ବୋଲି କୁହାଯାଇଛି। ରାଜ୍ୟସଭାରେ ଏ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ରାଜ୍ୟମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ, ୨୦୧୧ରୁ ୨୦୨୪ ମଧ୍ୟରେ ପାଖାପାଖି ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଛନ୍ତି। କିନ୍ତୁ ୨୦୨୧ ପରେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି। ୨୦୨୦ କରୋନା ମହାମାରୀ ବର୍ଷରେ ଏହି ସଂଖ୍ୟାରେ ଅବନତି ହୋଇଥିଲା ଓ ଏହା ୮୫ ହଜାରରେ ପହଞ୍ଚିଥିଲା। କିନ୍ତୁ ଏହାପରେ ଏହି ସଂଖ୍ୟା ୨ ଲକ୍ଷ ଆଖପାଖରେ ପହଞ୍ଚିଛି। ୨୦୧୧ରେ ୧୨୨୮୧୯, ୨୦୧୨ରେ ୧୨୦୯୨୧, ୨୦୧୩ରେ ୧୩୧୪୦୫, ୨୦୧୪ରେ ୧୨୯୩୨୮, ୨୦୧୫ରେ ୧୩୧୪୮୯, ୨୦୧୬ରେ ୧୪୧୬୦୩, ୨୦୧୭ରେ ୧୩୩୦୪୯, ୨୦୧୮ରେ ୧୩୪୫୬୧, ୨୦୧୯ରେ ୧୪୪୦୧୭, ୨୦୨୦ରେ ୮୫୨୫୬, ୨୦୨୧ରେ ୧୬୩୩୭୦, ୨୦୨୨ରେ ୨୨୫୬୨୦, ୨୦୨୩ରେ ୨୧୬୨୧୯ ଓ ୨୦୨୪ରେ ୨୦୬୩୭୮ ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

ତେବେ ଗତ ୩ ବର୍ଷ ମଧ୍ୟରେ ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ୫,୯୫୪ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୁରକ୍ଷା ▶ପୃଷ୍ଠା-୭


# ବର୍ଦ୍ଧିତ ଦରମା, ଭତ୍ତା ନେବେନି ନବୀନ

## ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

### ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ଚିର ଋଣୀ

### 'ଫନୀ' ସମୟରେ ୬ ମାସର ଦରମା ଦାନ କରିଥିଲେ ନବୀନ

### ୨୦୧୫ରେ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ କରିଛନ୍ତି ଦାନ



■ ଭୁବନେଶ୍ୱର, ୧୩।୧୨ (ସମିସ): ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭା ଶୀତକାଳୀନ ଅଧିବେଶନରେ ସରକାର ୪ଟି ବିଲ୍ ଆଣି ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତାକୁ ଅଢ଼େଇ ଗୁଣ ବୃଦ୍ଧି କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଶନିବାର ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖି ତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟ ଗରିବ ଲୋକଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପ୍ରତୀକାତ୍ମକ ଭାବେ ନୈତିକତାର ବାର୍ତ୍ତା ଦେଇଛି।

ଗତ ୯ ତାରିଖରେ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାସ୍ ହୋଇଛି। ଏହି ବିଲ୍ ପାସ ପରେ ରାଜ୍ୟର ସମସ୍ତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି। ବିଧାୟକମାନଙ୍କର ଅନ୍ୟୁନ ଅଢ଼େଇ ଗୁଣା ଦରମା ବଢ଼ିଥିବା ବେଳେ ବିରୋଧୀ ଦଳ ନେତା ଭାବେ ନବୀନଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାରରେ ପହଞ୍ଚିଛି।

ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ଭଲ ପାଇବା, ସ୍ନେହ, ସମର୍ଥନ ଏବଂ ଆଶୀର୍ବାଦ ପାଇଛି। ମୋ ପ୍ରତି ଏବଂ ମୋ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ। ଆପଣ ଜାଣିଥିବେ ଯେ ୨୦୧୫ ମସିହାରେ ଆମ ପରିବାର କଟକସ୍ଥିତ ନିଜ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ବ୍ୟବହାର ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲୁ। ସେହିଭଳି ଓଡ଼ିଶା ▶ପୃଷ୍ଠା-୭

## ମାଲକାନଗିରି ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ଅପେକ୍ଷା

# ଆହୁରି ୩୬ ଘଣ୍ଟା ପାଇଁ ଇଣ୍ଟରନେଟ୍ ବନ୍ଦ



### ଏମ୍‌ଭି-୨୬ ଗ୍ରାମରୁ ଉଠିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩

### ପୋଡାଜଳା ଘଟଣାରେ ୬ ଗିରଫ

■ ମାଲକାନଗିରି, ୧୩।୧୨ (ସମିସ): ଏମ୍‌ଭି-୨୬ ଗ୍ରାମରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଉଚ୍ଛେଦ କରାଯାଇଛି ବୋଲି ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ମଧ ଉପସ୍ଥିତ ଥିଲେ। ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ଜିଲ୍ଲାପାଳ ଏଥିରେ ସୂଚନା ଦେଇଛନ୍ତି। ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ଫେରିଛି। ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି। କରାଯାଇଥିବା ଶାନ୍ତି କମିଟି ବୈଠକ ମଧ ସଫଳ ହୋଇଛି। ସମସ୍ତଙ୍କ ମଧ୍ୟରେ ଶାନ୍ତି ପୂର୍ବଭଳି ଫେରିଥିବା ଜିଲ୍ଲପାଳ ସୂଚାଇଛନ୍ତି। ପୁଲିସ୍ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳମାନଙ୍କରେ ମଧ ଶାନ୍ତି କମିଟି ବୈଠକ କରାଯାଉଛି। ସେହିପରି ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଅହରହ ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି ଜିଲ୍ଲାପାଳ। ଏଥିସହ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି। ସେହିପରି ମୃତ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

**କେରଳ ପୌର ନିର୍ବାଚନ**

# ୪୫ ବର୍ଷ ପରେ ବାମଗଡ଼ରେ 'ପଦ୍ମ'

■ ତିରୁଅନନ୍ଦପୁରମ, ୧୩।୧୨ (ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି। ଏହା କେରଳ ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା। ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି। ତିରୁବନନ୍ଦପୁରମ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି। ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା। ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ▶ପୃଷ୍ଠା-୭






# ରକ୍ତମୁଖା ବାଲି ମାଫିଆ

## ଫୁଟିଲା ଗୁଳି; ଅଶାନ୍ତ ଗିଲାଯୋଡ଼ି



### ୨ କାର୍ ଭଙ୍ଗାରୁଜା, ୪ ଜଣଙ୍କୁ ପୁଲିସ ଜିମା

■ ବସ୍ତା ବ୍ଲକ, ୧୩।୧୨ (ସମିସ): ଦିନକୁ ଦିନ ବାଲିର ଅବାଧ ଚୋରା ଚାଲାଣ ଥମିବାର ନାମ ନେଉ ନାହିଁ। ପ୍ରଶାସନ ନିଜର ସରକାରୀ କଳ ଲଗାଇ ବାଲି ଚୋରି ଓ ଖନନକୁ ରୋକିବାକୁ ଅସମର୍ଥ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବାଲି ମାଫିଆଙ୍କୁ ରୋକ ଦେବା ପାଇଁ ସତେ ଯେପରି ସେମାନେ ଅସହାୟ ହୋଇ ପଡ଼ିଥିବା କୁହା ଯାଉଛି। ଅନ୍ୟପକ୍ଷେ ବାଲି ଚୋରି କରି ଶହ ଶହ ଡମ୍ପର ଟ୍ରାକ୍ଟର ରାତି ସାରା ବାଲି ବୋହୁଥିବା ବେଳେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡୁଛନ୍ତି। ଯାହାକୁ ନେଇ ଏହି ଚୋରି ରୋକିବାକୁ ସ୍ଥାନୀୟ ଗ୍ରାମବାସୀ ଅଣ୍ଟା ଭିଡୁଥିବା ବେଳେ ମାଫିଆ ମାନେ ରକ୍ତ ମୁଖା ହୋଇ ଉଠୁଛନ୍ତି। ଯିଏ ତାଙ୍କ ବ୍ୟବସାୟରେ କଣ୍ଟା ହେଲା ତାକୁ ଆକ୍ରମଣ କରିବାର ଦୂରର କଥା ଆଇନ, ପୁଲିସ ଓ ପ୍ରଶାସନକୁ ଖୋଲା ଚାଲେଞ୍ଜ କରି ବିରୋଧ କାରୀଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିବା ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛି। ଧିରେ ଧିରେ ମାଫିଆମାନେ ଖୋଲା ଖୋଲି ଅସାମାଜିକ କାରବାର ରେ ବନ୍ଧୁକ ବ୍ୟବହାର କରିବା ଚିନ୍ତାର କାରଣ ପାଲଟିଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡି ଅଶାନ୍ତ ହୋଇ ପଡ଼ିଛି। ଏକ ମାସ ମଧ୍ୟରେ ବାଲି ଚାଲାଣକୁ ବିରୋଧ କରୁଥିବା ଲୋକଙ୍କ ଦୋକାନ ପୋଡ଼ି, ଭୁଜାଲିରେ ମରଣାନ୍ତକ ଆକ୍ରମଣ ଭଳି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ଟି କାରରେ ବାଲି ମାଫିଆ ବାହାର ଅଞ୍ଚଳରୁ କିଛି ଗୁଣ୍ଡା କୁ ଧରି ଗ୍ରାମ ଭିତରେ ପଶି ଗୁଳି ଫୁଟାଇବା ଘଟଣା ବସ୍ତା ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଏହାର ପରିଣାମ ସ୍ୱରୂପ ଗ୍ରାମବାସୀ ସେମାନଙ୍କୁ ଘେରି ଯିବା ଫଳରେ ସେମାନେ ଫେରାର ହେବାକୁ ମସୁଧା କରୁଥିବା ବେଳେ ଶେଷରେ ସମସ୍ତେ ଖସି ନ ପାରି ୪ ଜଣ ଦୁର୍ବୃତ୍ତ ଲୋକଙ୍କ ହାତରେ ଧାରା ପଡ଼ିବା ସହିତ ୨ଟି କାର ଛାଡ଼ି ପଳାଇଥିବା ବେଳେ ଉତ୍ୟକ୍ତ ଲୋକ ଦୁଇଟି ଗାଡ଼ିକୁ ଭାଙ୍ଗି ଦେବା ସହିତ ଅଟକଙ୍କୁ ସିଂଲା ପୁଲିସକୁ ହସ୍ତାନ୍ତର କରି ଥିବା ଜଣା ପଡିଛି।

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଅମ୍ବାକୁଡୁଚି ଗ୍ରାମରେ ଥିବା ବାଲି ଖାଦାନ କୁ ନେଇ ଗତ ନଭେମ୍ବର ୨୮ ତାରିଖରେ ଗିଲୋଜୋଡି ଗ୍ରାମରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଜଣେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବା ସହ ଏକାଧିକ ଗୁରୁତର ହୋଇ ଥିଲେ। ଯାହାକୁ ନେଇ ସେବେଠାରୁ ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରା ଯାଇଛି। ମାତ୍ର ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହ ଅବସ୍ଥାରେ ତିନୋଟି କାର ରେ କିଛି ଯୁବକ ଗ୍ରାମ ଭିତରକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ପଚରାଉଚରା କରିବାରୁ ସେମାନେ ଫାଙ୍କା ଗୁଳି ଚାଳନା କରି ଗୋଟିଏ କାର ସହ ▶ପୃଷ୍ଠା-୭



## ପାକିସ୍ତାନ କୋର୍ଟରେ 'ଧୂରନ୍ଧର'

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନର କରାଚୀର ଏକ କୋର୍ଟରେ ବଲିଉଡ ସିନେମା 'ଧୂରନ୍ଧର' ବିରୋଧରେ ଏକ ଆବେଦନ ଦାଏର କରାଯାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ଏହି ସିନେମାରେ ପାକ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ଫଟୋ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ପତାକା ଓ ପାର୍ଟି ରାଲିଗୁଡ଼ିକର ଚିତ୍ର ବିନା ଅନୁମତିରେ ବ୍ୟବହାର କରାଯାଇଛି। ପୁଣି ଆତଙ୍କବାଦକୁ ପିପିପି ସମର୍ଥନ କରୁଛି ବୋଲି ଏହି ସିନେମାରେ ଦର୍ଶାଇବାକୁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ପିପିପି କର୍ମୀ ମହମ୍ମଦ ଆମୀର କରାଚୀର ଜିଲ୍ଲା ଓ ସେସନ କୋର୍ଟରେ ଏ ନେଇ ଆବେଦନ କରିଛନ୍ତି। ସିନେମାର ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ସିନେମା ପ୍ରଚାର ସହିତ ଜଡିତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରିବାକୁ ଆବେଦନରେ ଦାବି କରାଯାଇଛି। ସିନେମାର ପ୍ରମୁଖ ଅଭିନେତା ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଆର ମାଧବନ, ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ସମେତ ନିର୍ଦ୍ଦେଶକ ଆଦିତ୍ୟ ଧର, ନିର୍ମାତା ଲୋକେଶ ଧର ଓ ଜ୍ୟୋତି କିଶୋର ଦେଶପାଣ୍ଡେଙ୍କ ନାମ ଆବେଦନରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ ବିରୋଧୀ ଆଭିମୁଖ୍ୟ ପାଇଁ ଧୂରନ୍ଧରକୁ ୬ଟି ଉପସାଗରୀୟ ଦେଶରେ ନିଷିଦ୍ଧ କରାଯାଇଛି। ମୁକ୍ତିଲାଭ କରିବାର ୯ମ ଦିନରେ ଏହି ସିନେମା ୧୫.୭୮ କୋଟି ଟଙ୍କା ଆୟ କରିଛି। ଏଥିସହ ଧୂରନ୍ଧର ମୋଟ ଉପରେ ୨୫୫.୫୩ କୋଟି ଟଙ୍କା ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି।



## ନୋବେଲ ପୁରସ୍କାର ବିଜୟିନୀ ଗିରଫ

ତେହେରାନ, ୧୩।୧୨ (ଏଜେନ୍ସି): ଇରାନରେ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ମାନବାଧିକାର କର୍ମୀ ନର୍ଗିସ ମହମ୍ମଦୀଙ୍କୁ ପୁଣିଥରେ ଗିରଫ କରାଯାଇଛି। ନର୍ଗିସ ମଶହଦ ଶହରରେ ଏକ ଶୋକ ସଭାରେ ସାମିଲ ହେବାକୁ ଯାଇଥିଲେ। ସେଠାରେ ହିଁ ତାଙ୍କ ଗିରଫ କରାଯାଇଛି। ସେ ସ୍ୱର୍ଗତ ମାନବାଧିକାର ଓକିଲ ଖୋସରୋ ଅଲକୋର୍ଦୀଙ୍କ ସ୍ମୃତି ସଭାରେ ଯୋଗ ଦେବାକୁ ଯାଇଥିଲେ। ଗତ ସପ୍ତାହରେ ଅଲକୋର୍ଦୀଙ୍କୁ ନିଜ କାର୍ଯ୍ୟାଳୟରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେ ହୃଦ୍‌ଘାତ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ଇରାନ ଅଧିକାରୀମାନେ କହିଥିଲେ। କିନ୍ତୁ ଏହାକୁ ସନ୍ଦେହ କରାଯାଉଛି। ବିନା ହିଜାବରେ ସେ ଭାଷଣ ଦେଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ନର୍ଗିସଙ୍କୁ କେଉଁଠାରେ ରଖାଯାଇଛି ସେ ନେଇ କିଛି କୁହାଯାଇନାହିଁ। ନର୍ଗିସଙ୍କ ଗିରଫ ନେଇ ନୋବେଲ କମିଟି ଚିନ୍ତା ପ୍ରକଟ କରିଛି। ୨୦୨୩ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଂଘର୍ଷ ଓ ମାନବାଧିକାରଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା। ଇରାନରେ ମୃତ୍ୟୁଦଣ୍ଡ, ଜବରଦସ୍ତି ହିଜାବ ପିନ୍ଧାଇବା, ଅଭିବ୍ୟକ୍ତିର ସ୍ୱାଧୀନତା ନେଇ ଲଗାଯାଇଥିବା କଟକଣା ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଏହି କାରଣରୁ ତାଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା।

## ପାକିସ୍ତାନରେ ପଢ଼ା ହେବ ସଂସ୍କୃତ, ଗୀତା

ଲାହୋର, ୧୩।୧୨(ଏଜେନ୍ସି): ସ୍ୱାଧୀନତା ପରେ ପାକିସ୍ତାନରେ ପ୍ରଥମଥର ପାଇଁ ସଂସ୍କୃତ ଭାଷାରେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଲାହୋର ୟୁନିଭର୍ସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସ (ଏଲ୍‌ୟୁଏମ୍‌ଏସ୍)ରେ ପ୍ରଥମ ୩ ମାସରେ ଏ ନେଇ ଏକ କ୍ଷୁଦ୍ରକାଳୀନ ସପ୍ତାହନ୍ତ କର୍ମଶାଳା ଆରମ୍ଭ କରିଛି। ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସଂସ୍କୃତ ଭାଷା ସହିତ ଭଗବତ ଗୀତା ଓ ମହାଭାରତକୁ ମଧ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ଧାର୍ମିକ ନୁହେଁ ବରଂ ଏହା ଶିକ୍ଷାଗତ ଓ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅଧ୍ୟାପକମାନେ କହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି ଯେ, ସଂସ୍କୃତ ଏହି ଭୂମି ପାଇଁ ବିଦେଶୀ ନୁହେଁ। ଏହା ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ଚିନ୍ତାଧାରକୁ ନୂଆ ରୂପ ଦେଇଛି। ଏହାକୁ ଅଧ୍ୟୟନ କଲେ ଆମେ ଆମର ନିଜସ୍ୱ ଅତୀତକୁ ଭଲଭାବେ ବୁଝିବାରେ ସକ୍ଷମ ହୋଇପାରିବୁ। ସଂସ୍କୃତ କୌଣସି ଗୋଟିଏ ଧର୍ମରେ ବନ୍ଧା ନୁହେଁ ବୋଲି କୁହାଯାଇଛି।

## 'ଜାନୁଆରୀରେ ଶିବ୍‌କୁମାର ମୁଖ୍ୟମନ୍ତ୍ରୀ ହେବେ'

ବେଙ୍ଗାଲୁରୁ, ୧୩।୧୨(ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ବିଧାୟକ ଇକବାଲ ହୁସେନ ଏକ ବଡ଼ ଭବିଷ୍ୟବାଣୀ କରି ହଇଚଇ ସୃଷ୍ଟି କରିଛନ୍ତି। ବିଧାନସଭାର ଶୀତକାଳୀନ ଅଧିବେଶନ ପରେ ଅର୍ଥାତ ଡିସେମ୍ବର ୬ରେ ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦ ଅଲଙ୍କୃତ କରିବେ ବୋଲି ସେ କହିଛନ୍ତି। ଫଳରେ କର୍ଣ୍ଣାଟକରେ କଂଗ୍ରେସ ନେତୃତ୍ୱ ନେଇ ହେଉଥିବା ଆକଳନ, ଆଲୋଚନ ଓ ଅନୁମାନ ଆହୁରି ଜୋରଧରିଛି। ଇକବାଲ ରାମନଗର ବିଧାୟକ ଭାବେ ଶିବକୁମାର ଓ ଅନ୍ୟ ବିଧାୟକଙ୍କ ବିଳମ୍ବିତ ରାତି ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି। ଏହି ବୈଠକରେ ୫୦ରୁ ୫୫ ବିଧାୟକ ଯୋଗ ଦେଇଥିଲେ। ତେବେ ଏହା ଶକ୍ତି ପ୍ରଦର୍ଶନ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପଦ ପାଇଁ ଶିବକୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ମଧ୍ୟ ଟଣାଓଟଣା ଦୀର୍ଘ ବର୍ଷ ଧରି ଚାଲୁ ରହିଛି।

## ୟୁପି ବିଜେପିର ନୂଆ ଅଧ୍ୟକ୍ଷ ହେବେ ପଙ୍କଜ ଚୌଧୁରୀ

ଲକ୍ଷ୍ନୌ, ୧୩।୧୨(ଏଜେନ୍ସି): କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଉତ୍ତରପ୍ରଦେଶ ବିଜେପିର ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ରାଜଧାନୀ ଲକ୍ଷ୍ନୌସ୍ଥିତ ବିଜେପି କାର୍ଯ୍ୟାଳୟରେ ସେ ନିଜର ନାମାଙ୍କନ ଦାଖଲ କରିଛନ୍ତି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବାର ସମୟସୀମା ଥିଲା। କିନ୍ତୁ ଆଉ କେହି ନାମାଙ୍କନ ଦାଖଲ କରି ନଥିବାରୁ ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବିରୋଧରେ ବିଜେପି ଅଧ୍ୟକ୍ଷ ହେବା ସ୍ପଷ୍ଟ ହୋଇଛି। ପଙ୍କଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟତର ଭାବେ ଜଣାଶୁଣା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକଙ୍କ ସମେତ ୧୦ଜଣ ନେତା ପଙ୍କଜଙ୍କ ନାମକୁ ନେଇ ପ୍ରସ୍ତାବ ଦେଇଥିଲେ। ଏବେ ରବିବାର ଲୋହିଆ ନ୍ୟାସନାଲ ଲ ୟୁନିଭର୍ସିଟିରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ନୂଆ ଅଧ୍ୟକ୍ଷ ଭାବେ ପଙ୍କଜଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ପଙ୍କଜ ଯୋଗୀଙ୍କ ଗଡ଼ ଗୋରଖପୁରରୁ ଆସିଛନ୍ତି ଓ ସେ ମହରାଜଗଞ୍ଜରୁ ୭ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି।

## ଗୁଇନ୍ଦାଗିରି ଅଭିଯୋଗରେ ସେନା ଅଧିକାରୀ ଗିରଫ

ଗୌହାଟୀ, ୧୩।୧୨(ଏଜେନ୍ସି): ପାକିସ୍ତାନ ଗୁପ୍ତଚର ନେଟ୍‌ୱର୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଆସାମରେ ଜଣେ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଆସାମ ପୁଲିସ ବାୟୁସେନା ଅଧିକାରୀ କୁଳେନ୍ଦ୍ର ଶର୍ମାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। କୁଳେନ୍ଦ୍ର ଜେଜପୁରର ପଟିଆ ଅଞ୍ଚଳରେ ବାସିନ୍ଦା। ପୁଲିସ ତାଙ୍କ ଉପରେ ଲଗାତର ନଜର ରଖିଥିଲା ଓ ପ୍ରାଥମିକ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଏକ ଗୁପ୍ତଚର ସଂସ୍ଥାକୁ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ଦେଉଥିବାର ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଓ ଲାପଟପ୍‌ରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେହଜନକ ସାମଗ୍ରୀ ଜବତ କରାଯାଇଛି। ଅବସର ନେବା ପୂର୍ବରୁ ତାଙ୍କୁ ତେଜପୁରର ଏୟାର ଫୋର୍ସ ଷ୍ଟେସନରେ ଜୁନିଅର ୱାରେଣ୍ଟ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ୨୦୦୨ରେ ସେ ଅବସର ନେଇଥିଲେ। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ କହିଛି।

# ପଶ୍ଚିମବଙ୍ଗ ଏସ୍‌ଆଇଆର୍‌ରେ କଟିଲା ୫୮ ଲକ୍ଷ ଭୋଟରଙ୍କ ନାମ

କକୋଲକାତା, ୧୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଶେଷ ପରେ ନିର୍ବାଚନ କମିଶନ ଶୁକ୍ରବାର ଆସନ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଛି। ରାଜ୍ୟରେ ମୋଟ୍ ୫୮ ଲକ୍ଷରୁ ଅଧିକ ନାମ ଭୋଟର ତାଲିକାରୁ ହଟାଯାଇଛି ବୋଲି କମିଶନ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରୁ ୪୪, ୭୮୭ ଭୋଟରଙ୍କ ନାମ ହଟାଯାଇଛି। ଏଠାରେ ଗତ ଜାନୁଆରୀରେ ତାଲିକାରେ ୧, ୬୧, ୫୦୯ ଭୋଟର ଥିଲେ। ସେହିପରି ବିଜେପି ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନନ୍ଦୀଗ୍ରାମ ଆସନରେ ୧୦, ୫୯୯ ଭୋଟ ହଟାଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଏଠାରେ ୨, ୭୮, ୨୧୨ ଭୋଟର ଥିଲେ। ଜିଲ୍ଲାଗୁଡ଼ିକୁ ନେଇ ପ୍ରକାଶିତ ପରିସଂଖ୍ୟାନରେ ସାଉଥ ୨୪ ପ୍ରଗଣା ସବୁଠାରୁ ଉପରେ ରହିବ। ଏହି ଜିଲ୍ଲାରେ ୮ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ହଟାଯାଇଛି। ଏହି ଅଞ୍ଚଳ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ବୋଲି ବିବେଚନା କରାଯାଇଥାଏ। ସେ ଡାଇମଣ୍ଡ ହାର୍ବର ଆସନରେ ଗତ ଲୋକସଭା ନିର୍ବାଚନରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ସେପଟେ ବିଜେପି ନେତା ଅମିତ ମାଲବୀୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିସେମ୍ବର ୧୧ ପୂର୍ବରୁ ଅନ୍ତିମ ତାରିଖରେ ନିଜ ଏସ୍‌ଆଇଆର ଫର୍ମ ପୂରଣ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ମମତା ପୁଣି ଥରେ ଲୋକଙ୍କୁ ଭୂଆଁ ବୁଲାଇବାକୁ ପ୍ରୟାସ କରିବାର ନିଜର ପୁରୁଣା ପ୍ରକୃତିକୁ ଦୋହରାଇଛନ୍ତି। ସେ ଡିସେମ୍ବ୍ରର ୧୧ରେ ନିଜର ଏସ୍‌ଆଇଆର ଫର୍ମ ଭରିଛନ୍ତି। ପଶ୍ଚିମବଙ୍ଗର ଜଣେ ବୈଧ ମତଦାତା ଭାବେ ବଜାୟ ରହିବା ପାଇଁ ସେ ଫର୍ମ ପୂରଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।



■ ମମତାଙ୍କ ଆସନରେ ୪୪ ହଜାର ନାମ କଟାଗଲା
■ ସାଉଥ ପ୍ରଗଣା ଜିଲ୍ଲାରେ ବାଦ୍ ପଡ଼ିଲେ ୮ ଲକ୍ଷ

ନିର୍ବାଚନ କମିଶନ ଦେଇଥିବା ପରିସଂଖ୍ୟାନ ଅନୁସାରେ ରାଜ୍ୟର ୧୯୪ଟି ବିଧନସଭା ଆସନଗୁଡ଼ିକ ମଧ୍ୟରୁ କୋଲକାତାର ଚୋରଙ୍ଗୀ ଓ କୋଲକାତା ପୋର୍ଟ ଭଳି କ୍ଷେତ୍ରରେ ସର୍ବାଧିକ ନାମ କଟାଯାଇଛି। ଚୋରଙ୍ଗୀ ଆସନରେ ୭୪, ୫୫୩ ନାମ ହଟାଯାଇଛି। ଏଠାରେ ନୟନା ବନ୍ଦୋପାଧ୍ୟ ଟିଏମସି ଟିକେଟରେ ନିର୍ବାଚିତ ହୋଇଥିଲେ। ସେହିପରି କୋଲକାତା ପୋର୍ଟରୁ ୬୩, ୭୩୦ ନାମ ଭୋଟର ତାଲିକାରୁ କଟାଯାଇଛି। ଏଠାରୁ ବରିଷ୍ଠ ମନ୍ତ୍ରୀ ଫିରହାସ ହାକିମ ବିଜୟୀ ହୋଇଥିଲେ। ସେହିପରି ଟାଲିଗଞ୍ଜରୁ ୩୫, ୩୦୯ ନାମ ହଟାଯାଇଛି। ତେବେ ବାଙ୍କୁରା ଜିଲ୍ଲାର କୋତୁଲପୁରରୁ ସବୁଠାରୁ କମ୍ ୫, ୬୭୮ ନାମ କଟାଯାଇଛି। ମତଦାତାଙ୍କ ମୃତ୍ୟୁ, ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେବା ଓ ନକଲି ପ୍ରବେଶ କାରଣରୁ ଭୋଟରମାନଙ୍କ ଏହି ନାମଗୁଡ଼ିକୁ କଟାଯାଇଛି। ବିଜେପି ବିଧାୟକଙ୍କ କ୍ଷେତ୍ରରୁ ମଧ୍ୟ ନାମ କଟାଯାଇଛି। ଏହି କ୍ରମରେ ନନ୍ଦୀଗ୍ରାମରେ ସର୍ବାଧିକ ନାମ କଟାଯାଇଛି। ଆସନସୋଲ ସାଉଥରୁ ୩୯, ୨୦୨, ସିଲିଗୁଡ଼ିରୁ ୩୧, ୧୮୧ ନାମ କଟାଯାଇଛି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ମତଦାତା ସୂଚୀ ପ୍ରକାଶ ପାଇବ।




ସଂସଦ ଆକ୍ରମଣ ଘଟଣାର ୨୪ ବର୍ଷ ପୂରିଛି। ଏହି ଅବସରରେ ସଂସଦ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପ ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ସାଂସଦ ସହିଦ ସୁରକ୍ଷାକର୍ମୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରୁଛନ୍ତି।

## ସେନାରେ ୪୯୧ ନୂଆ ଯୁବ ଅଧିକାରୀ

ଡେରାଡୁନ୍, ୧୩।୧୨(ଏଜେନ୍ସି): ଡେରାଡୁନସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀ (ଆଇଏମ୍‌ଏ)ର ଐତିହାସିକ ଡ୍ରିଲ ସ୍କୋୟାରରେ ଶନିବାର ୧୫୭ତମ ପାସିଂ ଆଉଟ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପରେଡ୍‌ରେ ପରମ୍ପରା, ଅନୁସାଶନ, ସୈନ୍ୟ ଗାରିମାର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କଠିନ ପ୍ରଶିକ୍ଷଣ ପୂରା କରିଥିବା ଅଧିକାରୀଙ୍କୁ କ୍ୟାଡେଟ ଭାରତୀୟ ସେନାରେ କମିଶନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ନୂଆ ୪୯୧ ଅଧିକାରୀ ଭାରତୀୟ ସେନାରେ ଯୋଗ ଦେଇଥିଲେ।

## ଅସହ୍ୟ ହେଲା ଦିଲ୍ଲୀ ପ୍ରଦୂଷଣ



ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ଅତିଶୟ ହୋଇଛି ଓ ବାୟୁ ବିଷାକ୍ତ ହେବାରେ ଲାଗିଛି। ଏହି ବର୍ଦ୍ଧିତ ଏକ୍ୟୁଆଇକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିକ୍ୟୁଏଏମ୍) ଜିଆର୍‌ଏପି-୪ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ଗୋଟିଏ ଦିନରେ ଦୁଇଥର ଗ୍ରାପ ବଦଳାଯାଇଛି। ସକାଳେ ଗ୍ରାପ୍-୩ ଲାଗୁ କରାଯାଇଥିଲା। କିନ୍ତୁ ପରେ ଏହରାକୁ ହଟାଇ ଗ୍ରାପ୍-୪ ଲାଗୁ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବାୟୁ ଗୁଣବତ୍ତା ଶନିବାର ସନ୍ଧ୍ୟାରେ ଆହୁରି ଖରାପ ହୋଇଥିଲା। ସନ୍ଧ୍ୟା ୪ଟାରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୪୩୧ ଥିଲା। ଏହାର ଦୁଇଘଣ୍ଟା ପରେ ୬ଟାରେ ଏକ୍ୟୁଆଇ ୪୪୧ରେ ପହଞ୍ଚିଥିଲା। ସ୍ଥିର ବାୟୁ ଓ ବାତାବରଣ ଏବଂ ଖରାପ ପାଗ ସ୍ଥିତିକୁ ଆହୁରି ବିଗାଡିଛି। ଗ୍ରାପ-୪ ଲାଗୁ ହେବା ପରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଥାଏ। ଜାତୀୟ ରାଜପଥ, ସଡ଼କ, ଫ୍ଲାଏ ଓଭର, ଓଭର ବ୍ରିଜ୍, ବିଜୁଳି ବଣ୍ଟନ ସମ୍ପର୍କିତ ଯୋଜନା ଓ ଅତିଆବଶ୍ୟକୀୟ କାର୍ଯ୍ୟକୁ ବାଦ ଦେଲେ ଅନ୍ୟ ସବୁପ୍ରକାର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯାଇଥାଏ। ପୁଣି ଦିଲ୍ଲୀରେ ଟ୍ରକର ପ୍ରବେଶକୁ ରୋକା ଯାଇଥାଏ ଓ ଅନ୍ୟାନ୍ୟ କେତୋଟି କଟକଣା ଲାଗୁ କରାଯାଇଥାଏ। ଦିଲ୍ଲୀ ବାହାରର ପଞ୍ଜୀକୃତ ଗାଡ଼ିକୁ ଭିତରକୁ ଛଡାଯାଇନଥାଏ। ସେହିପରି ସ୍କୁଲ୍‌ରେ ଷଷ୍ଠରୁ ୯ମ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ କରିବାକୁ କିମ୍ବା ହାଇବ୍ରିଡ୍ ମୋଡରେ କ୍ଲାସ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ଏକ୍ୟୁଆଇ ଯେତେବେଳେ ୪୫୦ ପାର କରିଥାଏ ସେତେବେଳେ ହିଁ ଗ୍ରାପ୍-୪ ଲାଗୁ କରାଯାଇଥାଏ।

■ ଦିଲ୍ଲୀ-ଏନ୍‌ସିଆରରେ ଗ୍ରାପ୍-୪ ଲାଗୁ

## କେରଳ ପୌର ନିର୍ବାଚନ, ୟୁଡିଏଫ୍‌ର ବାଜିମାତ୍
## ବିଜେପି ଛଡ଼ାଇନେଲା ଥିରୁବନନ୍ତପୁରମ ନିଗମ

ଥିରୁଅନନ୍ଦପୁରମ, ୧୩।୧୨(ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି। ଏହା କେରଳ ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା। ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି।

ରାଜଧାନୀ ଥିରୁବନନ୍ଦପୁରମ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି। ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା। ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁବନନ୍ତପୁରମକୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି। ବ୍ଲକ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୧୦୬୩, ଏଲଡିଏଫକୁ ୮୨୩ ଏବଂ ଏନଡିଏକୁ ୫୦ ମିଳିଥିବା ବେଳେ ଗ୍ରାମ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୭୪୫୧, ଏଲଡିଏଫକୁ ୬୧୩୭ ଏବଂ ଏନଡିଏକୁ ୧୩୬୩ ମିଳିଛି। ଆସନ୍ତା ବର୍ଷ କେରଳ ବିଧାନସଭା ନିର୍ବାଚନ ।।ହେବାକୁ ଯାଉଥିବା ବେଳେ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି।

## ମସ୍କଙ୍କ ସହାୟତା ଲୋଡ଼ିଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପୂର୍ବତନ ପତ୍ନୀ ଜେମିମା ଗୋଲ୍ଡସ୍ମିଥ ସାମାଜିକ ଗଣମାଧ୍ୟମ 'ଏକ୍ସ'ର ମାଲିକ ଏଲନ ମସ୍କଙ୍କୁ ଏକ ଖାସ୍ ନିବେଦନ କରିଛନ୍ତି। ଇମ୍ରାନଙ୍କୁ ନେଇ ଏକ୍ସରେ ଯେଉଁ ପୋଷ୍ଟ କରୁଛି, ତାହା ଲୋକଙ୍କ ପାଖରେ ପହଞ୍ଚିବାକୁ ଦିଆଯାଉନାହିଁ। ଖାସ୍ କରି ଇମ୍ରାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅନ୍ୟାୟ ନେଇ କରୁଥିବା ପୋଷ୍ଟ ଲୋକଙ୍କ ପାଖରେ ପହଞ୍ଚୁନାହିଁ ବୋଲି କହିଛନ୍ତି। ଏଥିପାଇଁ ଏକ୍ସ ଏକାଉଣ୍ଟର ଭିଜିବିଲିଟି ଫିଲ୍ଟରିଂକୁ ଠିକ୍ କରିବାକୁ ସେ ନିବେଦନ କରିଛନ୍ତି। ଏକ୍ସକୁ ପୂର୍ବରୁ ଟୁଇଟର ବୋଲି କୁହାଯାଉଥିଲା। ମୋର ଦୁଇ ପୁଅଙ୍କୁ ଇମ୍ରାନଙ୍କ ସହ ଭେଟିବାକୁ ଓ କଥା ହେବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଜେମିମା ଅଭିଯୋଗ କରିଛନ୍ତି। ତେଣୁ କେବଳ ଏକ୍ସରେ ହିଁ ସେ ଇମ୍ରାନଙ୍କ ବିଷୟରେ ଯାହା କିଛି ଉଲ୍ଲେଖ କରିପାରିବେ। ମୋ ପୋଷ୍ଟର ପହଞ୍ଚକୁ ପ୍ରତିବନ୍ଧିତ କରାଯାଇଛି। ତେଣୁ ଏ ନେଇ ସେ ମସ୍କଙ୍କଠାରୁ ସାହଯ୍ୟ ଲୋଡିଛନ୍ତି।



# ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ'କୁ ଆମେରିକାରେ ଜୋର୍‌ଦାର୍ ବିରୋଧ

ୱାଶିଂଟନ, ୧୩।୧୨ (ଏଜେନ୍ସି): କ୍ଷମତାସୀନ ହେବା ଦିନଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଛତ୍ରନୀତିକୁ ସବୁଠି ସମାଲୋଚନା କରାଯାଉଛି। କେବେ ଶୁଳ୍କ ଲଗାଇ ତ ଆଉ କେବେ ପ୍ରବାସୀଙ୍କୁ ଅତ୍ୟାଚାର ଦେଇ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛନ୍ତି। ଏବେ ପୁଣି ଭିସା ନୀତି ଆଣି ମୂଲ୍ୟ ବୃଦ୍ଧି କରିଦେଇଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ ଭିସା' ଆବେଦନ ପାଇଁ ଟ୍ରମ୍ପ ପ୍ରଶାସନ ୧ ନିୟୁତ ଡଲାର ତଥା ୯ କୋଟି ଟଙ୍କା ନେଉଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନିଜ ଦେଶରେ ଜୋରଦାର ବିରୋଧ କରାଯାଉଛି। ଆମେରିକାର ୨୦ ରାଜ୍ୟ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରାଜ୍ୟ ମଧ୍ୟରେ ନ୍ୟୁୟର୍କ, ଇଲିନୟ, ୱାଶିଂଟନ, ମାସାଚୁସେଟ୍‌ସ ପ୍ରମୁଖ ସାମିଲ ଅଛନ୍ତି। ଟ୍ରମ୍ପ ପ୍ରଶାସନ ଲଗାଇଥିବା ଦେୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଏହି ରାଜ୍ୟଗୁଡ଼ିକ କହିଛନ୍ତି। ଏହା ଦ୍ୱାରା କର୍ମଚାରୀଙ୍କ ଘୋର ଅଭାବ ଦେଖାଦେବ। ଏବେ ରାଜ୍ୟର ଡାକ୍ତରଖାନା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସେବାରେ ଡାକ୍ତର, ଶିକ୍ଷକ ଅଭାବ ଜନିତ ସମସ୍ୟା ଭୋଗୁଛି। ଏଭଳି ସ୍ଥିତିରେ ଭିସା ମୂଲ୍ୟ ବୃଦ୍ଧି ପାଇଁ ସ୍ଥିତି ଅଧିକ ସଙ୍ଗୀନ ହୋଇଯିବ।

■ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ୨୦ ରାଜ୍ୟ
■ ଡାକ୍ତର, ଶିକ୍ଷକ ଅଭାବ ସମସ୍ୟା ବୃଦ୍ଧି ପାଇବ
■ ଆମେରିକାର ୭୫% ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ

କାଲିଫର୍ଣ୍ଣିଆର ଆଟର୍ଣ୍ଣି ଜେନେରାଲ ରବ୍ ବୋଣ୍ଟା କହିଛନ୍ତି ଯେ ଡାକ୍ତର, ଇଞ୍ଜିନିୟର, ନର୍ସ, ବୈଜ୍ଞାନିକ, ଶିକ୍ଷକଙ୍କ ଭଳି ଦକ୍ଷ ବୃତ୍ତିଗତଙ୍କ ପାଇଁ ହୋଇଥାଏ। ସାରା ବିଶ୍ୱର ଉଦୀୟମାନ ପ୍ରତିଭା ଆମେରିକା ଆସିଲେ ସାରା ଦେଶ ଆଗକୁ ବଢ଼ିଥାଏ। ରାଜ୍ୟଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଏଚ-୧ବି ଭିସା ମୂଲ୍ୟ ହଜାରେରୁ ୭,୫୦୦ ଡଲାର (ଲକ୍ଷେରୁ ୬ ଲକ୍ଷ ଟଙ୍କା) ମଧ୍ୟରେ ଥିଲା। କିନ୍ତୁ ସଂସଦର ମଞ୍ଜୁରୀ ନ ନେଇ ସରକାର ଏହି ମୂଲ୍ୟକୁ ବଢ଼ାଇ ଦେଇଥିଲେ। ଏପରି କରିବା ବେଆଇନ। ଏହି ମୂଲ୍ୟ ଭିସା ପ୍ରୋସେସିଂର ବାସ୍ତବିକ ଖର୍ଚ୍ଚଠାରୁ ଶତାଧିକ ଗୁଣ ଅଧିକ। ଏପରି କରି ସରକାର ପ୍ରଶାସନିକ ପ୍ରକ୍ରିୟା ନିୟମ (ଏପିଏ) ଉଲ୍ଲଙ୍ଘନ କରିଛନ୍ତି। କାରଣ ବିନା ନୋଟିସ ଏବଂ ସାର୍ବଜନୀନ ମତାମତ ବିନା ଏଭଳି ନିୟମ ଅଣା ଯାଇପାରିବ ନାହିଁ।

ରାଜ୍ୟଗୁଡ଼ିକ ମତରେ ଭିସା ନିୟମର ସର୍ବାଧିକ ପ୍ରଭାବ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଉପରେ ପଡ଼ିବ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଡାକ୍ତରଖାନା ଗୁଡ଼ିକୁ ଭିସାରେ ଆଶ୍ୱସ୍ତି ମିଳୁଥିଲା। କିନ୍ତୁ ଏବେ ଶିକ୍ଷକ ଏବଂ ଡାକ୍ତର ଆଣିବାରେ ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ସଂସ୍ଥାଗୁଡ଼ିକୁ ସେବା ହଟାଇବାକୁ ପଡ଼ିବ କିମ୍ବା ଅନ୍ୟ ଜରୁରୀ ଯୋଜନାରୁ ଖର୍ଚ୍ଚ କାଟ କରିବାକୁ ହେବ। ଆମେରିକା ଶିକ୍ଷା ବିଭାଗର ସଦ୍ୟ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମରିକାର ପ୍ରାୟ ୭୫ ପ୍ରତିଶତ ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ ରହିଛି। ବିଶେଷ କରି ସ୍ୱତନ୍ତ୍ରେ ଶିକ୍ଷା, ବିଜ୍ଞାନ ଏବଂ ଦ୍ୱିଭାଷୀ ଶିକ୍ଷକଙ୍କ ଘୋର ଅଭାବ ରହିଛି। ସେହିପରି ୨୦୨୪ରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଏବଂ ନର୍ସଙ୍କୁ ୧୭ ହଜାର ଭିସା ଦିଆଯାଇଥିଲା।

# ଆଜିଠୁ କମିବ ଜାଡ଼

## ୧୬ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟରେ ଲଗାତାର ୮ ଦିନ ହେବ ଶୀତ ଲହରୀ ଜାରି ରହିଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ



କମ୍ ରହିଛି। ଏହାସହ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଶୀତ ଲହରୀ ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ପାରଦ ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫.୫, ଦାରିଙ୍ଗବାଡିରେ ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର, ରାଉରକେଲା ୮, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୁଳ ୯, ସୁନ୍ଦରଗଡ଼ର କିରେଇ ୯.୨, ଢେଙ୍କାନାଳ, ରାୟଗଡ଼ା, ବୌଦ୍ଧ ଏବଂ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ କମ୍ ରହିଛି। ଆସନ୍ତା ୧୪ ତାରିଖ ଯାଏଁ ଏହି ସ୍ଥିତି ଜାରି ରହିବା ସହ ପ୍ରବଳ ଶୀତ ଅନୁଭୂତ ହେବ। ଶୀତ ଲହରୀକୁ ନେଇ ଆସନ୍ତା ୨୪ ଘଣ୍ଟାରେ ଅର୍ଥାତ ରିବିବାର ପାଇଁ ଅନୁଗୁଳ ଓ ଝାରସୁଗୁଡ଼ାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବା ବେଳେ ଏହାର ପ୍ରଭାବ ଆହୁରି ୪୮ ଘଣ୍ଟା ରହିବା ନେଇ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡିରେ ଘନ କୁହୁଡ଼ିର ଦୃଶ୍ୟମାନ ହେବାର ଆଶଙ୍କା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକରେ କୁହୁଡ଼ି ଜନିତ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

# ମହାନଦୀ ସଙ୍କଟର ସମାଧାନ କେବେ

## ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୩।୧୨(ସମିସ): ମହାନଦୀ ହେଉଛି ଓଡିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଓଡିଶାବାସୀଙ୍କ ମା' ସମାନ ମହାନଦୀର ଜୀବନସ୍ରୋତକୁ ସଂକୁଚିତ କରି ବିକଳାଙ୍ଗ କରିଦେବାର ହୀନ ଚକ୍ରାନ୍ତ ସମଗ୍ର ଓଡିଶାବାସୀଙ୍କ ପାଇଁ ବେଦନା ଦାୟକ ହୋଇପଡିଛି। ଏହାର ଆର୍ତ୍ତଚିତ୍କାର ନା କେନ୍ଦ୍ର ସରକାର ଶୁଣିପାରୁଛନ୍ତି ନା ଛତିଶଗଡ଼ ସରକାର। ଓଡ଼ିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀ ଜଳ ସଂପର୍କିତ ସମସ୍ତ ବିଧିବିଧାନକୁ ବେଖାତିର କରି ଛତିଶଗଡ଼ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ ଆହୁରି କହିଛନ୍ତି, ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ମନଇଚ୍ଛା ନିଜ ଅଧୀନରେ ରଖି ଓଡିଶାରେ ମହାନଦୀର ଧାରାକୁ ଶୁଷ୍କ ଓ ନିରସ କରି ରଖିଥିବା ଛତିଶଗଡ଼ ସରକାରଙ୍କ ମନମୁଖି କାର୍ଯ୍ୟ ଓଡିଶାର ଦାରୁଣ କ୍ଷତି ଘଟାଉଛି। ପୂର୍ବତନ ରାଜ୍ୟ ସରକାରଙ୍କ ସକଳ ଅନୁରୋଧ ଓ ଆବେଦନ ଛତିଶଗଡ଼ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ର ଜଳ ଆୟୋଗ ମଧ୍ୟ ନୀରବ ଦ୍ରଷ୍ଟା ସାଜିଲେ। ଜଳସେଚନର ଦ୍ୱାହି ଦେଇ ଛତିଶଗଡ଼ ସରକାର



ମହାନଦୀର ଉପର ମୁଣ୍ଡର କୂଳେ କୂଳେ ଅଗଣିତ ଘରୋଇ ଶିଳ୍ପମାନଙ୍କୁ ଅଜସ୍ର ଜଳ ପ୍ରଦାନ କରି ଓଡିଶାର ମହାନଦୀର ତଳ ମୁଣ୍ଡରେ ଜଳ ସଂକଟ ସୃଷ୍ଟି କଲେ। ଓଡ଼ିଶାରେ ଯେଉଁ ମହାନଦୀ ଦିନେ ବର୍ଷତମାମ୍ ଚଳଚଞ୍ଚଳ ଓ ଜଳ ପରିପୂର୍ଣ୍ଣ ରହୁଥିଲା, ତାହା ଆଜି ଶୁଷ୍କ ଓ ରୁଗ୍ଣ ହେବାକୁ ଯାଉଛି। ଏହି ପକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଗୋଟିଏ ଦଳର ସରକାର ରହିଛି। ତେଣୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ

- ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି
- ରାଜ୍ୟ ସରକାରଙ୍କ କମିଟି ପରେ କମିଟି ଗଠନ; ଫଳ ଶୂନ୍

ଆନ୍ତରିକତାର ଅଭାବ ଯୋଗୁଁ 'ଆକାଶ କଇଁଆ ଚିଲିକା ମାଛ'ରେ ପରିଣତ ହୋଇଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି; କିନ୍ତୁ ଫଳ ଶୂନ୍। ମହାନଦୀ ଟ୍ରିବ୍ୟୁନାଲରେ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ମାମଲା ପଡ଼ି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ। ବର୍ତ୍ତମାନ ରାଜ୍ୟ ସରକାର ଆପୋଷ ସମାଧାନର ପ୍ରସ୍ତାବନା କରିଛନ୍ତି। ତେବେ ଆପୋଷ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ କ'ଣ ରହିବ? ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ କି? ରାଜ୍ୟ ସରକାର ଆପୋଷ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ କି? ଛତିଶଗଡ଼ ସରକାର ଏବେ ସୁଦ୍ଧା ଚାଲୁ ରଖିଥିବା ମହାନଦୀ ଓ ତାର ଶାଖା ନଦୀମାନଙ୍କରେ ନିର୍ମାଣାଧୀନ ଆନିକଟ କାର୍ଯ୍ୟକୁ ଆପୋଷ ଆଲୋଚନାରେ ବନ୍ଦ କରିବେ କି? ମହାନଦୀ ଟ୍ରିବ୍ୟୁନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ କି? ରାଜ୍ୟବାସୀ ଟ୍ରିପଲ୍ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧି ରାଜ୍ୟ ରାଜକୋଷକୁ ଦୁର୍ବଳ କରିବ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୁବପିଢ଼ି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ରାଜ୍ୟର ସଚିବାଳୟଠାରୁ ଶୌଚାଳୟ କାର୍ଯ୍ୟ ଚାଲିଛି। କୃଷି ଅର୍ଥନୀତି ଉପରେ ନିର୍ଭର କରୁଥିବା ଆମ ରାଜ୍ୟର

**ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥ ଭୁଲି ବିଧାୟକଙ୍କ ୩ ଗୁଣା ଦରମା ବୃଦ୍ଧି ନିନ୍ଦନୀୟ**

କୃଷକମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ। ଏପରି ସ୍ଥିତିରେ ରାଜ୍ୟର ଜନପ୍ରତିନିଧି ବିଶେଷକରି ମନ୍ତ୍ରୀ, ବିଧାୟକମାନଙ୍କୁ ନୂଆବର୍ଷ ଭେଟି ଭାବରେ ତିନିଗୁଣା ଦରମା ବୃଦ୍ଧି ସହିତ ପେନ୍‌ସନ୍ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ସମଗ୍ର ଦେଶରେ ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ତଥା ସର୍ବଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଲେଙ୍କା କହିଛନ୍ତି, ଲୋକତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନପ୍ରତିନିଧିମାନେ ସେମାନଙ୍କ



ସେବା ପାଇଁ ରହିଥା'ନ୍ତି। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନ ସେବା ପାଇଁ ନିର୍ବାଚିତ ହେଉଥିବା ପ୍ରତିନିଧିମାନେ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ତିନିଗୁଣ ବୃଦ୍ଧି କରି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତ କରିଛନ୍ତି। ବଡ଼ କଥା ହେଉଛି, ବର୍ତ୍ତମାନ ସର୍ବାଧିକ ମାତ୍ର ୫୦୦ ଟଙ୍କାରେ ଅନ୍‌ଲିମିଟେଡ୍ କଲ୍ ଓ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଥିବାବେଳେ ଏ ବାବଦରେ ୧୫୦୦୦ ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ରାଜ୍ୟ ରାଜକୋଷରେ ଅର୍ଥ ଅଭାବ ଯୋଗୁଁ ହଜାର ହଜାର ଯୁବକ ଯୁବତୀ ଆଜି ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ଏହାସହ ବହୁ ସରକାରୀ ପଦବୀ ବର୍ତ୍ତମାନ ଖାଲିପଡିଥିବାବେଳେ ଏନେଇ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଫଳରେ ରାଜ୍ୟର ବହୁ ମେଧାବି ଛାତ୍ରଛାତ୍ରୀଙ୍କ ବୟସ ସୀମା ଅତିକ୍ରାନ୍ତ କରିଯିବ ସିନା, ସେମାନେ ନିଯୁକ୍ତି ପାଇପାରିବେ ନାହିଁ ବୋଲି ଡଃ ଲେଙ୍କା ଅଭିଯୋଗ କରିଛନ୍ତି।

ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିପାରୁ ନାହିଁ। ଏ ପରିସ୍ଥିତିରେ ଜନପ୍ରତିନିଧିମାନେ ରାଜ୍ୟ ରାଜକୋଷରୁ ସିଂହଭାଗ ଅର୍ଥ ନେବା ନିଶ୍ଚିତ ଭାବେ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଆହୁରି ଦୁର୍ବଳ କରିଦେବ। ତେଣୁ ଜନପ୍ରତନିଧିମାନଙ୍କ ଏହି ଅହେତୁକ ଦରମା ବୃଦ୍ଧି ପ୍ରତ୍ୟାହାର ଓ ରାଜ୍ୟରେ ଆଉଟ୍ ସୋର୍ସିଂ ସଂସ୍ଥାମାନଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଡଃ ଲେଙ୍କା କହିଛନ୍ତି।

- ଏସ୍‌ଆଇ ଚାକିରି ବିକ୍ରି ମାମଲା

# ନିତୁ ଆରୋରାକୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୧୩।୧୨(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲା ସିବିଆଇ ହାତକୁ ଆସିବା ପରେ ଖୋଲିବାରେ ଲାଗିଛି ରାଜ୍ୟ ବାହାର ଲିଙ୍କ୍। ଶନିବାର ରାଜ୍ୟ ବାହାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସିବିଆଇ। ସେ ହେଲେ ନିତୁ ଆରୋରା। ଗୁଜୁରାଟରୁ ତାଙ୍କୁ ଗିରଫ କରାଯାଇଛି ବୋଲି ସିବିଆଇ ପକ୍ଷରୁ ସୂଚନା ମିଳିଛି। ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସିବିଆଇକୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡର ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱର ଅଣାଯାଉଛି। ଭୁବନେଶ୍ୱର ଆଣାଯିବା ପରେ ନିତୁଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବ। ପୂର୍ବରୁ ନିତେଶ ନାମକ ଯୁବକଙ୍କୁ ସିବିଆଇ ବିହାରରୁ ଗିରଫ କରିଥିଲା।

ସିବିଆଇ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ନିତୁ କ୍ରାଇମ୍ ସିଣ୍ଡିକେଟ୍‌କୁ ରାଜ୍ୟବାହାରେ ଲଜିଷ୍ଟିକ୍ ସପୋର୍ଟର୍ ପ୍ରଦାନ କରୁଥିଲେ। ରାଜ୍ୟ ବାହାରେ ସିଣ୍ଡିକେଟ୍ କିଭଳି କାମ କରି ପାରିବ। ଟ୍ରେନିଂ ପାଇଁ ଆସୁଥିବା ଲୋକଙ୍କୁ କେଉଁଠି ରଖାଯିବ। ଏସବୁକୁ ନିତୁ ହିଁ ବୁଝୁଥିଲେ।

## ଆଶ୍ରମ ବିଦ୍ୟାଳୟରେ ର୍‌ୟାଗିଂ!

# ବିଛଣାରେ ପରିସ୍ରା କରିଦେବାରୁ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼

ଫିରିଙ୍ଗିଆ, ୧୩।୧୨(ସମିସ): ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ସେବାଶ୍ରମରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ଆହତ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ଗତରାତିରେ ଖାଇ ସାରି ଗୋଟିଏ ଶଯ୍ୟାରେ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ବିଛଣାରେ ପରିସ୍ରା

- ଆହତ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଲେ ସରପଞ୍ଚ
- ଆବଶ୍ୟକ ଶିକ୍ଷକ ନିଯୁକ୍ତ ନ ହେଲେ ଆନ୍ଦୋଳନ ଚେତାବନୀ
- ଛାତ୍ରଙ୍କ ଆଖିରେ ଫେଭି-କ୍ୱିକ୍ ଲଗାଇ ପୂର୍ବରୁ ଚର୍ଚ୍ଚାକୁ ଆସିଥିଲା ସ୍କୁଲ

କରିଦେଇଥିଲା। ଏହାକୁ ନେଇ ଆଜି ସକାଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ସକାଳେ ତାକୁ ଏକ ବାଡ଼ିରେ ପିଟିଥିଲେ। ଏଥିରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ହୋଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ରୋହିତ କହଁର ଆହତ ଛାତ୍ରକୁ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠପଢୁଥିବା ବେଳେ ପରିଚାଳନା ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ, ସ୍କୁଲର ବରିଷ୍ଠ ଛାତ୍ରମାନେ କିଛି କନିଷ୍ଠଙ୍କ ଆଖିରେ ଫେଭି-କ୍ୱିକ୍ ଅଠା ଲଗାଇବା ଭଳି ଘଟଣାକୁ ନେଇ ଏହି ସ୍କୁଲ ରାଜ୍ୟବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ଘଟଣାରେ ପ୍ରଧାନଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଥିଲା। ପରେ ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଅଣାଯାଇଥିବା ବେଳେ ନୂତନ ପ୍ରଧାନଶିକ୍ଷକଙ୍କ ଅସୁବିଧା ଓ ଦେହ ଅସୁସ୍ଥ ଯୋଗୁଁ ଗୋଟିଏ ଦିନ ଆଗରୁ ଛୁଟିରେ ଥିଲେ। ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀ ହଷ୍ଟେଲ ଦାୟିତ୍ୱରେ ଥିଲେ।

ଶିକ୍ଷକ ଅଭାବରୁ ସ୍କୁଲରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସରପଞ୍ଚ ରୋହିତ କହଁର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧିକ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। କିଛି ଦିନ ତଳେ ଜଣେ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ଅଣାଯାଇଥିବା ବେଳେ ସଙ୍ଗେସଙ୍ଗେ ପୁଣି ତାଙ୍କୁ ଏଠାରୁ ନିଆଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ପରିସ୍ଥିତିକୁ ଦୃଷ୍ଟି ଦେଇ ତୁରନ୍ତ ଶିକ୍ଷକ ନିଯୁକ୍ତି କରାନଗଲେ, ବିଦ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀ କହଁର ଚେତାବନୀ ଦେଇଛନ୍ତି।

## ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଭିଆଇପି ବଙ୍ଗଳାକୁ ନେଇ ଆପତ୍ତି ଉଠାଇଲା ବିଜେଡି

# ରାଜ୍ୟ ରାଜକୋଷରୁ ହେବ ବିପୁଳ ଅର୍ଥ ବ୍ୟୟ

ଭୁବନେଶ୍ୱର,୧୩।୧୨(ସମିସ): ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରଠାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଦିଲ୍ଲୀରେ ଆରାମଦାୟକ ଭିଆଇପି ବଙ୍ଗଳା ନେଇଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନିଆଯାଇଛି। ଏପରି କରି ରାଜ୍ୟ ବିଜେପି ଓଡ଼ିଶା ଶାସନର ଡୋରୀ ଦିଲ୍ଲୀରେ ରଖିବାକୁ ଚାହୁଁଛି ବୋଲି ବିଜେଡି ଅଭିଯୋଗ କହିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଦେଶର ସବୁଠୁ ଦକ୍ଷ କୁହାଯାଉଥିବା ଦିଲ୍ଲୀ ପୁଲିସ୍ ବଦଳରେ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ୍‌ର ୧ ପ୍ଲାଟୁନ୍ ସଶସ୍ତ୍ର ଫୋର୍ସର ସୁରକ୍ଷା ବଳୟ ମଧ୍ୟରେ ରହିବେ। ଗୃହ ବିଭାଗରୁ



- ସୁରକ୍ଷାରେ ୧ ପ୍ଲାଟୁନ ଓଡ଼ିଶା ପୁଲିସ୍, ବୁଲେଟପ୍ରୁଫ୍ ଗାଡ଼ି
- ଦିଲ୍ଲୀରୁ ନିୟନ୍ତ୍ରିତ ହେବ ଓଡ଼ିଶା ରାଜ୍ୟ ଶାସନର ଡୋରୀ

ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଦିଲ୍ଲୀର ଭିଆଇପି ଅଞ୍ଚଳ ଭାବେ ପରିଚିତ ତିନ୍ ମୂର୍ତ୍ତି ଲେନ୍‌ରେ ବଙ୍ଗଳା ନଂ-୨ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆବଣ୍ଟନ କରିଛନ୍ତି। ପ୍ରୋଟୋକଲ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ଦିଲ୍ଲୀ ପୁଲିସ୍ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୁଲିସ୍ ଉପରେ ଭରସା ନ କରି ରାଜ୍ୟ ତହବିଲ୍‌ରୁ ବିପୁଳ ଅର୍ଥ ବ୍ୟୟରେ ଓଡ଼ିଶା ପୁଲିସର ୧ ପ୍ଲାଟୁନ୍ ଫୋର୍ସ ନେବାର ଯଥାର୍ଥତା କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି।

ଏହି ଅବସରରେ ଡଃ ମହାନ୍ତି କହିଛନ୍ତି, ରାଜ୍ୟବାସୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଭବନ, ଓଡ଼ିଶା ନିବାସ ଓ ଓଡ଼ିଶା ସଦନ ଅଛି। ଓଡ଼ିଶା ଭବନର ପୁନଃ ନିର୍ମାଣ ପାଇଁ ଏହାକୁ ଭାଙ୍ଗି ଦିଆଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ରହିବା ପାଇଁ ଏକ ତାରକା ହୋଟେଲରେ ସୁବ୍ୟବସ୍ଥା କରାଯାଇଛି। ନିଜକୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' କହୁଥିବା ମୋହନ ମାଝୀ ଏଥିରେ ସନ୍ତୁଷ୍ଟ ନ ହୋଇ ନିଜ ପାଇଁ ଭିଆଇପି ବଙ୍ଗଳା ନେଇ ଦିଲ୍ଲୀରେ ଓଡ଼ିଶା ଶାସନର ଡୋରୀ ରଖିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଏଭଳି ବନ୍ଦୋବସ୍ତ ଆଗରୁ କେବେ ଶୁଣାଯାଇ ନ ଥିଲା। ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ମଧ୍ୟ ଅତ୍ୟନ୍ତ ନିରାଡ଼ମ୍ବର ଜୀବନଯାପନ କରୁଥିବା ନବୀନ ପଟ୍ଟନାୟକ, ଦିଲ୍ଲୀରେ ରାଜ୍ୟ ତହବିଲ୍‌ରୁ ଅର୍ଥ ଖର୍ଚ୍ଚ କରି ବଙ୍ଗଳା ନେବା ପାଇଁ କେବେ ଚିନ୍ତା କରିନଥିଲେ। ଦେଢ଼ ବର୍ଷର ମୁଖ୍ୟମନ୍ତ୍ରୀ ହୋଇ ମୋହନ ମାଝୀଙ୍କୁ ଏଭଳି ଆବଶ୍ୟକତା କାହିଁକି ପଡ଼ିଲା ? ଓଡ଼ିଶା ବିଜେପିରେ କ୍ଷମତା ବିବାଦର ଉଗ୍ର ରୂପ ସକାଶେ ମୁଖ୍ୟମନ୍ତ୍ରୀ ଅସୁରକ୍ଷିତ ଅନୁଭବ କରୁଛନ୍ତି କି ବୋଲି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା ପରେ ଲୋକେ ଆଶା କରିଥିଲେ, ରାଜ୍ୟ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ଦୁଇ ଗୁଣ ହେବ। କିନ୍ତୁ ପ୍ରତ୍ୟେକ ମାସରେ ଏକାଧିକ ବାର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କଲା ପରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ କମୁଛି। କେନ୍ଦ୍ର ଉପରେ ରାଜ୍ୟର ଥିବା ବକେୟା ଅର୍ଥ ମିଳିପାରୁ ନାହିଁ। ରାଜ୍ୟର ଋଣ ଭାର ଦେଢ଼ ବର୍ଷ ଭିତରେ ଅହେତୁକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ଦିଲ୍ଲୀରେ ଭିଆଇପି ବଙ୍ଗଳା ନେବା କ'ଣ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ପରିଚୟ କି? ଜନସାଧାରଣଙ୍କ ଅବଗତି ନିମନ୍ତେ ମୁଖ୍ୟମନ୍ତ୍ରୀ ଏ ବାବଦରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ନାବାଳକକୁ ହତ୍ୟା ଘଟଣା

# ଅଭିଯୁକ୍ତ ମହିଳାଙ୍କ ଘରେ ନିଆଁ ଲଗାଇଦେଲେ

କବିସୂର୍ଯ୍ୟନଗର,୧୩।୧୨(ସମିସ): କବିସୂର୍ଯ୍ୟନଗର ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗାଁରେ ଗତ ବୁଧବାର ଜଣେ ନାବାଳକଙ୍କ ମୃତଦେହ ତାଙ୍କ ଆଇଘର ବାଡ଼ିପଟୁ ଉଦ୍ଧାର ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ପୁଲିସ ଗତକାଲି ପଡ଼ୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫ କରିଥିଲା। ତେବେ, ଆଜି ଉତ୍ୟକ୍ତ ଗ୍ରାମବାସୀ ଗିରଫ ମହିଳାଙ୍କ ଘରେ ନିଆଁ ଲଗାଇବା ସହ



ଭଙ୍ଗାରୁଜା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଆଉ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ, ନିଜ ଗାଁ ଖମାରଠାରେ ନାବାଳକଙ୍କ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ଗ୍ରାମବାସୀ। ପାଖାପାଖି ବର୍ଷେ ତଳେ ସୋନାଲିଙ୍କର ୧୦ବର୍ଷର ପୁଅର ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସୋନାଲିଙ୍କ ସନ୍ଦେହ ହୋଇଥିଲା ଏବଂ ଏ ସଂପର୍କରେ ସେ ଜାଣିବା ପାଇଁ ବହୁ ଗୁଣିଆଙ୍କ ନିକଟକୁ ଯାଇଥିଲେ। ପଡ଼ୋଶୀ ସନିଆ ଭୂୟାଁଙ୍କ ପରିବାରଲୋକ ଗୁଣି କରି ତାଙ୍କ ପୁଅକୁ ମାରିଦେଇଥିବା ଜଣେ ଗୁଣିଆ କହିବା ପରେ ସୋନାଲି ପ୍ରତିଶୋଧପରାୟଣ ହୋଇଯାଇଥିଲେ। ସେବେଠାରୁ ସେ ସୁଯୋଗ ଅପେକ୍ଷାରେ ରହିଥିଲେ। ଗତ ୧୦ ତାରିଖ ଦିନ ସନିଆଙ୍କ ଘରକୁ ନାତି ଶେରଗଡ଼ ବ୍ଲକ ଖମାର ଗ୍ରାମର ଆଦିତ୍ୟ ଜେନା (୯) ବୁଲି ଆସିଥିଲେ। ପୁଅମୃତ୍ୟୁର ପ୍ରତିଶୋଧ ନେବାକୁ ସୋନାଲି ଆଦିତ୍ୟଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ବୁଧବାର ଦିନ ସେ ଆଦିତ୍ୟକୁ ନିଜ ଘରକୁ ଡାକି ତା'ର ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ବାଡ଼ିପଟେ ଶବକୁ ପକାଇ ଦେଇଥିଲେ।

## ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

# ପୂର୍ବରୁ ହେଉଥିଲା; ଏବେ ଅସୁବିଧା କେଉଁଠି?

ପୁରୀ, ୧୩।୧୨(ସମିସ): ପୁରୀ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। କାରଣ ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ 'ଅତିଥି ଦେବୋ ଭବ' ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁ କଟକଣା କରାଯାଇଛି, ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇସାରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଏହାର ସମାଧାନର ବାଟ ସେମିତି କିଛି ଅସମ୍ଭବ ନୁହେଁ। ପୂର୍ବରୁ ପୁରୀ ସହରବାସୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ଥିଲା। ନିଜର ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ସେମାନେ ମନ୍ଦିରକୁ ପ୍ରବେଶ କରୁଥିଲେ। ହେଲେ ବର୍ତ୍ତମାନ ଏହି ସୁବିଧା କରିବାରେ ଅସୁବିଧା କେଉଁଠି। ପ୍ରଶାସନ ଏବଂ ସରକାରଙ୍କ ଇଚ୍ଛାଶକ୍ତି ରହିଲେ ପୁରୀବାସୀଙ୍କ ଦାବି ପୂରଣ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା



ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। ହେଲେ କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର, ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ

- ଜିଲ୍ଲାପାଳଙ୍କଠୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ପହଞ୍ଚିଲାଣି
- ନିଷ୍କର୍ଷ ବାହାରିପାରୁନି

ସତେ ଯେମିତ ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟାଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟସଭାରେ ବି ଉଠିଛି। ବିଧାନସଭାରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏବଂ ରାଜ୍ୟସଭାରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହି ପ୍ରସଙ୍ଗ ଉଠାଇଛନ୍ତି। ପ୍ରାୟ ୨ ମାସରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ଫୋରମ୍‌ରେ ସେମାନଙ୍କ ଦାବି ଉଠାଇବା ସହ ସମୂହ ଦୀପଦାନ, ନିରବ ପ୍ରତିବାଦ କରି ଆସୁଛନ୍ତି ପୁରୀବାସୀ। ଏପରିକି ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ସେମାନେ କାହିଁକି ଏହି ଦାବି କରିଆସୁଛନ୍ତି ସେ ବିଷୟରେ ବି ଅବଗତ କରାଇଛନ୍ତି, ଯାହାର ପ୍ରାସଙ୍ଗିକତା ମଧ୍ୟ ରହିଛି। ହେଲେ ଏଯାଏ ଏହାର ବାଟ ଫିଟିପାରିନାହିଁ।

ଶୁକ୍ରବାର ଅନୁଷ୍ଠିତ ଛତିଶାନିଯୋଗ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥିପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମାଧ୍ୟମରେ ପ୍ରସ୍ତାବ ମଗାଯାଇଛି। ସେମାନେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଯେଉଁ ପ୍ରସ୍ତାବ ଆଣିବେ ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ତେବେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ଏବେ ଏହି ଅଭିଯାନରେ ସାମିଲ୍ ସହରବାସୀ ଏକପ୍ରକାର ହତାଶବୋଧ ଭିତରକୁ ଠେଲି ହୋଇଯାଇଛନ୍ତି। କିନ୍ତୁ ସମସ୍ତଙ୍କ ମନରେ ଗୋଟିଏ କଥା, ଯଦି ପୂର୍ବରୁ ପୁରୀ ସହରବାସୀ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ ଏବେ କାହିଁକି ନୁହେଁ?

# ଚାଷ ଜମି ଉପରେ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

**ଧର୍ମଶାଳା,୧୩।୧୨(ସମିସ):**

ଧର୍ମଶାଳା ତହସିଲ ଗଙ୍ଗାଧରପୁର ପଞ୍ଚାୟତ ବାହାଗଡ଼ା ମୌଜାରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ବ୍ୟକ୍ତିଗତ ଜମି ପରିବର୍ତ୍ତେ ନିକଟରେ ଥିବା ସରକାରୀ ଜମିରେ ଟାୱାର ନିର୍ମାଣ କରାଗଲେ ଜମିମାଲିକମାନେ କ୍ଷତିଗ୍ରସ୍ତ ହେବେ ନାହିଁ। ଏ ସଂପର୍କରେ ଜମିମାଲିକ, ଚାଷୀ ଓ ଗ୍ରାମବାସୀ ପ୍ରଶାସନ ଏବଂ ନିର୍ମାଣକାରୀ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତହସିଲଦାରଙ୍କ କୋର୍ଟରେ ହାଜର ହୋଇ ଆକଳନ ହୋଇଥିବା କ୍ଷତିପୂରଣ ରାଶି ସଂପର୍କରେ ଆଲୋଚନା ପାଇଁ ଜମିମାଲିକମାନଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗରୁ ପ୍ରକାଶ ଯେ, ଓପିଟିସିଏଲ୍ ପକ୍ଷରୁ ଏବେ ଡୁବୁରିଠାରୁ ପାରାଦୀପ ପର୍ଯ୍ୟନ୍ତ ଟାୱାର ମାଧ୍ୟମରେ ୪୪୦/୨୨୦ କେଭି ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ୍ ତାର ଟଣାଯିବାକୁ ନିଷ୍ପତି ହୋଇଛି। ଏଥିପାଇଁ ବାହାଗଡ଼ା ମୌଜାର ୧୭୧ ନମ୍ବର ପ୍ଲଟରେ ବିଦ୍ୟୁତ୍ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ୧୨୨, ୧୩୬, ୧୬୭, ୧୬୮, ୧୬୯, ୧୭୦, ୧୭୨, ୧୭୩, ୧୭୪, ୧୭୫, ୧୭୬ ଓ ୨୦୦ ନମ୍ବର ପ୍ଲଟ୍‌ରେ ବିଦ୍ୟୁତ୍ ତାର ଟଣାଯିବା ନେଇ ସଂପୃକ୍ତ ଜମିମାଲିକମାନଙ୍କୁ ନୋଟିସ୍ କରାଯାଇଛି। ଉକ୍ତ ୧୩ଟି ପ୍ଲଟ୍‌ରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାଗଲେ ପ୍ରାୟ ୫ ଏକର ଜମିର ମାଲିକମାନଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ। ଏଥିପାଇଁ କମ୍ପାନୀକୁ ଅଧିକ କ୍ଷତି ସହିବାକୁ ପଡ଼ିବ। ପ୍ରସ୍ତାବିତ ସ୍ଥାନରେ ଟାୱାର ସ୍ଥାପନ କରାଗଲେ ଜନବସତି ନିକଟରେ ବିପଦସଂକୁଳ ଅବସ୍ଥା ସୃଷ୍ଟି ହେବ। ଚାଷଜମିକୁ ହଳବଳଦ ନେବାରେ ଅସୁବିଧା ସହ ଗ୍ରାମବାସୀ, ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ ଓ ଗୃହପାଳିତ ପଶୁଙ୍କ ଯାତାୟତ ବାଧାପ୍ରାପ୍ତ ହେବ। ନିକଟସ୍ଥ ସରକାରୀ ଜମି ୧୭୭ ନମ୍ବର ପ୍ଲଟ୍ (୯୨ ଡେସିମିଲ)ର ପୂର୍ବଭାଗରେ ଟାୱାର ନିର୍ମାଣ ଓ ତାର ଟଣାଗଲେ କେବଳ ଗୋଟିଏ ପ୍ଲଟ୍ କ୍ଷତିଗ୍ରସ୍ତ ହେବ। ଏଥିରେ କମ୍ପାନୀ ଅଧିକ କ୍ଷତିଗ୍ରସ୍ତ ହେବନାହିଁ। ଗତ ୨୦୨୨ରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ବିଦ୍ୟୁତ୍ ଲାଇନ୍ ଟ୍ରାକ୍ ପାଇଁ ଥାନୁଆଳ, ଖୁଣ୍ଟା, ଗୁଆରଙ୍ଗ ଓ ପଳାର ମୌଜାରେ କୌଣସି ପରିବର୍ତ୍ତନ କରାଯାଇନଥିବା ବେଳେ କାହା ସ୍ୱାର୍ଥରେ ଅର୍ଜୁନପୁର ଓ ବାହାଗଡ଼ା କ୍ଷେତ୍ରରେ ଟାୱାର ନିର୍ମାଣସ୍ଥଳ ଓ ତାର ଟଣାର ଦିଗ ପରିବର୍ତ୍ତନ କରାଯାଇଛି ବୁଝା ପଡୁନାହିଁ। ଧାନକଟା ପରେ ଓପିଟିସିଏଲ, ରାଜସ୍ୱ ବିଭାଗ, ସଂପୃକ୍ତ ଜମିମାଲିକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ବାହାଗଡ଼ା ଶବରସାହି, ଭୋଇସାହି ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଟାୱାର ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ନିଷ୍ପତିର ପୁନଃବିଚାର ନ କଲେ ପ୍ରସ୍ତାବିତ ପ୍ଲଟ୍‌ର ମାଲିକ ବିଜୟ ପ୍ରସାଦ ରାୟ, ପୂର୍ଣ୍ଣଚନ୍ଦ୍ର ରାୟ, ନୃସିଂହ ଚରଣ ମିଶ୍ର, କଳ୍ପତରୁ ସାହୁ, ସରପଞ୍ଚ ତ୍ରିଲୋଚନ ଜେନା, ସଦାନନ୍ଦ ସାମଲ, ମକରଧ୍ୱଜ ସାମଲ, ପଦ୍ମନାଭ ସାମଲ, ଶ୍ୟାମସୁନ୍ଦର ସାମଲ, ଭାସ୍କର ସିଂ, ମିଟୁ ସାମଲ, ମଞ୍ଜୁଲତା ସାମଲ, ରଞ୍ଜିତା ସାମଲ, ବିଜୟ ସାମଲ, ଦେବେନ୍ଦ୍ର ଭୋଇ, ମାଧବ ଭୋଇ, ରମେଶ ଭୋଇ, ରବୀନ୍ଦ୍ର ଭୋଇ ପ୍ରମୁଖ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମା' ପଠାଣିଆଙ୍କ ମହାଯଜ୍ଞ ଶୁଭାରମ୍ଭ



**ସୁକିନ୍ଦା,୧୩।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ମା' ପଠାଣିଆଙ୍କ ମନ୍ଦିର ପରିସରରେ ୮ମ ବାର୍ଷିକ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଆଜି ପ୍ରାତଃ ସମୟରୁ ଶତାଧିକ ପୁରୁଷ ଓ ମହିଳା ଭକ୍ତ ସଂକୀର୍ତ୍ତନ କରି କଳସ ଯାତ୍ରାରେ ବାହାରି ନିକଟସ୍ଥ ପାଣ୍ଡରା ନଦୀରୁ ପାଣି ଆଣି ମନ୍ଦିର ପରିସରରେ ପହଞ୍ଚିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧି ଅନୁସାରେ ସୂର୍ଯ୍ୟଙ୍କ ପୂଜାପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯଜ୍ଞ କାର୍ଯ୍ୟ ପାଇଁ ପୁରୀରୁ ବେଦାନ୍ତ ପଣ୍ଡିତ ଓ ଜେମାଦେଇପୁର୍ ଶାସନର ବିଶିଷ୍ଟ ବ୍ରାହ୍ମଣ ମାନଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ଜାରି ରହିଛି ଆସନ୍ତା ୧୬ ତାରିଖ ପବିତ୍ର ଧନୁ ସଂକ୍ରାନ୍ତି ସନ୍ଧ୍ୟାରେ ଏହାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହେବାର ଯୋଜନା ରହିଛି। ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ହରିପୁର ଗ୍ରାମର ବାଲୁକା ଶିଳ୍ପ ସନ୍ତୋଷ ପ୍ରଧାନଙ୍କ ଦ୍ୱାରା ନିର୍ମିତ ମା'ଙ୍କର ବାଲୁକା କଳା ଭକ୍ତଙ୍କ ଆକର୍ଷଣ ପାଲଟିଛି।

## ଜନକଲ୍ୟାଣ ବିଦ୍ୟାଳୟରେ ଓଷ୍ଟା ଶିଶୁ ମହୋତ୍ସବ

**ବଡ଼ଚଣା,୧୩।୧୨(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଚଣ୍ଡିଖୋଲ ନିକଟସ୍ଥ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ଠାରେ ଓଷ୍ଟା ବଡ଼ଚଣା ବ୍ଲକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଭାଷ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଡ. ଭାଗ୍ୟଧର ସାହୁ, ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା ଓ ବିଚାରକ ଭାବେ ଅଜିତ୍ କୁମାର ମିଶ୍ର, ରଜନୀକାନ୍ତ ପୃଷ୍ଟି, ରଞ୍ଜିତ କୁମାର ଦାଶ, ରାଜେନ୍ଦ୍ର ନାରାୟଣ ରାୟ, ଲକ୍ଷ୍ମୀପ୍ରିୟା ନନ୍ଦ, ରଞ୍ଜନ କୁମାର ଜେନା, ବାସୁଦେବ ଜେନା ପ୍ରମୁଖ ଯୋଗଦେଇ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍ ସମେତ ୧୦ଗୋଟି ବିଭାଗର ପ୍ରତିଯୋଗିତାକୁ ମୂଲ୍ୟାଙ୍କନ କରିଥିଲେ। ବଡ଼ଚଣା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୭୩ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ମ, ୨ୟ ସ୍ଥାନ ଅଧିକାର କରିଥିବା ୨୦ଜଣ ପ୍ରତିଯୋଗୀ ଜିଲ୍ଲା ଓଷ୍ଟା ଶିଶୁ ମେଳାକୁ ଉନ୍ନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ ସଭା ସୁଭାଷ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାକ୍ତନ ଓଷ୍ଟା ନେତୃତ୍ୱ ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା, ଜୟନ୍ତ ପରିଡ଼ା, ଲକ୍ଷ୍ମୀଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ମଳ ଦଳେଇ, ନିର୍ଝର ମହାନ୍ତି, ପ୍ରକାଶ ଚନ୍ଦ୍ର ପାଲ, ଚିନ୍ମୟ ଧଳ, ଗୋପୀନାଥ ସେନାପତି, ପ୍ରଫୁଲ୍ଲ କୁମାର ଦାଶ, ପ୍ରସନ୍ନ କୁମାର ପୃଷ୍ଟି, ରବିନ୍ ଜେନା, ଶୁଭଶ୍ରୀ ସାହୁ, ଆଭା ରାଉତ, ଉତ୍ତମ କୁମାର ଜେନା, ସୁଶ୍ରୀ ସରିତା ମଲିକ, ସୁଶାନ୍ତ ସାଗର, ପବିତ୍ର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ

**ପ୍ରୀତିପୁର,୧୩।୧୨(ସମିସ):** ମଇଁଦା-ଲେଙ୍କାସାହି ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ୍ ମାନଗୋବିନ୍ଦ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଡ. ରବୀନ୍ଦ୍ର କୁମାର ପରିଡ଼ା ଶିକ୍ଷା ସହିତ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡିତ, ଏହା ଖ୍ୟାତି ଆଣିବାର ମାର୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମନୋରଞ୍ଜନ ଧଳ ଯୋଗଦେଇଥିବା ବେଳେ ପ୍ରଧାନଆଚାର୍ଯ୍ୟ ନୀଳାଦ୍ରିବିହାରୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କାଉକ ଚନ୍ଦ୍ର ଧଳ ଅନୁଷ୍ଠାନର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ଛାତ୍ରୀ ରାଜଲକ୍ଷ୍ମୀ ନାୟକ, ଅର୍ପିତା ସ୍ୱାଇଁ, ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଗୁରୁମା ପ୍ରତିମା ନାୟକ, ଶଶୀରେଖା ପରିଡା, ପୁଷ୍ପଲତା ସାହୁ ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଶିକ୍ଷକ ଶାନ୍ତାକାର ବେହୁରିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଦୁଇଟି ଦୋକାନରେ ଚୋରି ଉଦ୍ୟମ

**ବିଞ୍ଝାରପୁର,୧୩।୧୨(ସମିସ):** ବିଞ୍ଝାରପୁର ଥାନା ନିକଟ ବଜାରରେ ଦୁଇଟି ଦୋକାନରେ ଚୋରି ଉଦ୍ୟମ ହୋଇଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଥାନା ଠାରୁ ୩୦୦ମିଟର ଦୂରରେ ଥିବା ଫେସନ୍ ବଜାର ଲୁଗା ଦୋକାନ ଓ କେଜିଏନ୍ ଟ୍ରେଡର୍ସ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗିବା ସହ ଦୋକାନର ମୁଖ୍ୟ ଫାଟକ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ। ମାତ୍ର କେହି ଜଣେ ପାଟି କରିବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସବୁଠୁ ବଡ଼ କଥା ହେଲା ଦୁର୍ବୃତ୍ତ ପ୍ରତିଛବି ସିସିଟିଭି କ୍ୟାମେରାରେ କଏଦୀ ହୋଇଛି। ଅନ୍ୟ ପଟେ ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଥାନା କେସ ନଂ.୫୮୮ / ୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ସିସିଟିଭିରେ କଏଦୀ ହୋଇଥିବା ଫଟୋକୁ ଆଧାର କରି ଚୋରକୁ କାବୁ କରିବାକୁ ଉଦ୍ୟମ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ବିଞ୍ଝାରପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଚୋରମାନଙ୍କୁ କାବୁ କରିବାରେ ବିଞ୍ଝାରପୁର ପୁଲିସ ସଫଳ ହୋଇପାରିନି। ଏଭଳି ପରିସ୍ଥିତିରେ ଚୋରିକୁ ରୋକ ଲଗାଇବା ପାଇଁ ରାତ୍ର ପାଟ୍ରୋଲିଂ ବଢ଼ାଇବାକୁ ବିଞ୍ଝାରପୁର ବ୍ୟବସାୟୀ ସଙ୍ଘ ଦାବି କରିଛି।

## ଶିକ୍ଷାବିତ ଗୋପବନ୍ଧୁ ସାମଲଙ୍କ ସ୍ମୃତି ଓ ସମ୍ବର୍ଦ୍ଧନା ସଭା



**ବରୀ,୧୩।୧୨(ସମିସ):** ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଉଦୟନାଥପୁର ପଞ୍ଚାୟତର ମଢ଼ିଆଳି ଠାରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଗୋପବନ୍ଧୁ ସାମଲଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ଓଝା। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶରତ ନାୟକ, ରମାକାନ୍ତ ନାୟକ, ଅକ୍ଷୟ କୁମାର ସେଠୀ, ଶିକ୍ଷାବିତ ସାଧୁ ଚରଣ ସାମଲ, ସନ୍ତୋଷ କୁମାର ବେଉରିଆ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ରତ୍ନାକର ସାହୁ, ଖଗେଶ୍ୱର ସାହୁ, ସାମ୍ବାଦିକ ସରୋଜ କୁମାର ସାହୁ, ବନମାଳୀ ପତି, ମିନକେତନ ପୁହାଣ, ମାଧବାନନ୍ଦ ଦାସ ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ପଣ୍ଡା, ସୁଶାନ୍ତ ସାମଲ, ବଟକୃଷ୍ଣ ମଲ୍ଲୀକ, ଅବରେନ୍ଦ୍ର ବେଉରିଆ, କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମାତୃ ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ

**ମଙ୍ଗଳପୁର/କୟାଁଗୋଲା,୧୩।୧୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡିସାହି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ଆୟୋଜିତ ମାତୃ ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିରଜା ମନ୍ଦିର, କୁଆଁଶ ମଙ୍ଗଳା ପୀଠ, ବୌଦ୍ଧ ପୀଠର ବିକାଶ ପାଇଁ ସରକାର ଭଣ୍ଡାର ଖୋଲି ଦେଇଛନ୍ତି ବୋଲି କହିଥିଲେ। ଗୋକୁଳାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଜେପି ନେତା ସୁବାସ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହପ୍ରଭା ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷାନୁଷ୍ଠାନର ଅଭାବ ଅସୁବିଧା ସଂପର୍କରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଦେଷ୍ଟା ରଞ୍ଜିତ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥଲେ।

## ବିଜେଡିରୁ ନିଲମ୍ବିତ ହେଲେ କୃପାସିନ୍ଧୁ

**ବଡଚଣା,୧୩।୧୨(ସମିସ):** ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡିରୁ ନିଲମ୍ବିତ ହେଲେ ବଡ଼ଚଣା ନିର୍ବାଚନ ମଣ୍ଡଳୀ କୁନ୍ଦଳ ପଞ୍ଚାୟତ ପୂର୍ବତନ ପଞ୍ଚାୟତ ସଭାପତି କୃପାସିନ୍ଧୁ ମହାରଣା। କୃପାସିନ୍ଧୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ପର ଠାରୁ କୃପାସିନ୍ଧୁଙ୍କ ଦଳୀୟ ବିଶୃଙ୍ଖଳା କାର୍ଯ୍ୟ ପାଇଁ ବଡ଼ଚଣା ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ ବିଧିବଦ୍ଧ ଭାବେ କୃପାସିନ୍ଧୁଙ୍କୁ ନିଲମ୍ବିତ କରିଛନ୍ତି।

## ସୁକିନ୍ଦାରେ ଚତୁର୍ଥ ଜାତୀୟ ଲୋକଅଦାଲତ

**ସୁକିନ୍ଦା,୧୩।୧୨(ସମିସ):** ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୭ଟି ମାମଲାର ଶୁଣାଣି କରାଯାଇଛି। ୨୧ଟି ପୋଲିସ କେସକୁ ଅଭିଯୋଗକାରୀ ପ୍ରତ୍ୟାହାର କରିଥିଲେ। ୨ଟି ପାରିବାରିକ ହିଂସା ମାମଲା ଅଭିଯୋଗକାରୀ ପ୍ରତ୍ୟାହାର କରିଥିଲେ। ୨ଟି ଚେକ୍ ବାଉନ୍ସ କେସ ପ୍ରତ୍ୟାହାର ହୋଇଥିଲା। ଶ୍ରମ ଆଇନ ଦଫାରେ ଦୁଇଟି ମାମଲାରେ ସୁଧାସିନ୍ଧୁ ପଣ୍ଡାଙ୍କ ଠାରୁ ଦୁଇ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଛି। ସୁକିନ୍ଦା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ ଜଜ୍ ପ୍ରତ୍ୟାସା ରାୟ ସମସ୍ତ ମାମଲାର ଶୁଣାଣି କରିଥିଲେ। ସରକାରୀ ଓକିଲ ଚନ୍ଦ୍ରକାନ୍ତ ପାତ୍ର ମାମଲା ପରିଚାଳନା କରିଥିବା ବେଳେ କର୍ମଚାରୀ ଅଜୟ କୁମାର ମଲ୍ଲିକ, ରାଜେଶ୍ କୁମାର ରାଉତ, ମହେଶ୍ୱର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ବିହନ ଅଭାବ ଯୋଗୁଁ ବାଦାମ ଚାଷୀ ହନ୍ତସନ୍ତ

**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ବ୍ଲକ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତରେ ଚାଷୀଙ୍କୁ ମିଳୁନି ଚିନାବାଦାମ ବିହନ। ଚଳିତ ବର୍ଷ ଚିନାବାଦାମ ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ଚିନାବାଦାମ ଚାଷ ପାଇଁ ଚାଷୀ ଜମିକୁ ପ୍ରସ୍ତୁତ କରିଥିବାବେଳେ ସରକାରୀ ବିହନ ମିଳିବାରେ ବିଳମ୍ବ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉତ୍ତରପ୍ରତାପ ପଞ୍ଚାୟତ ଅଧୀନ ନରସିଂହପୁର, ନୀଳକଣ୍ଠପୁର, ଅଲଣିସାହୁପାଟଣା, ଉତ୍ତରପ୍ରତାପ ଗ୍ରାମର ଚାଷୀ ଚିନାବାଦାମ ଚାଷ ଉପରେ ନିର୍ଭର କରିଥା'ନ୍ତି। ଏଠାରେ ଶହ ଶହ ଏକର ଜମିରେ ପ୍ରତ୍ୟେକ ବର୍ଷ ଚିନାବାଦାମ ଚାଷ କରାଯାଏ। କିନ୍ତୁ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିହନ ନ ମିଳିବାରୁ ଚାଷୀ ଚଢ଼ା ଦରରେ ବାହାରୁ ବିହନ କିଣି ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ପଞ୍ଚାୟତରେ ଚାଷୀଙ୍କ ସଂଖ୍ୟା ଅନୁଯାୟୀ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର ଚିନାବାଦାମ ବିହନ ଯୋଗାଇ ଦିଆଯାଉନାହିଁ। ଫଳରେ ବହୁ ଚାଷୀ ଖୋଲାବଜାରରୁ ଚଢ଼ା ମୂଲ୍ୟରେ ବାଦାମ ବିହନ କିଣି ଚାଷ କରିବାକୁ ବାଧ୍ୟ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।



## ସମବାୟବିତ୍ ଘନଶ୍ୟାମ ଚୌଧୁରୀଙ୍କ ଦେହାନ୍ତ

**ଦାନଗଦି,୧୩।୧୨(ସମିସ):** ଗୋବର୍ଦ୍ଧନପୁର ସମବାୟ ସମିତିର ପୂର୍ବତନ ସଭାପତି ତଥା ବିଜେପିର ଦୃଢ଼ ସଂଗଠକ ଘନଶ୍ୟାମ ଚୌଧୁରୀଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କ ଅନ୍ତିମ ସମୟରେ ପୁତ୍ର ଶିଶିର କୁମାର ଚୌଧୁରୀ, ଶରତ କୁମାର ଚୌଧୁରୀ ଓ ବସନ୍ତ କୁମାର ଚୌଧୁରୀ, ପୁତୁରା ସୀତାଂଶୁ ଚୌଧୁରୀ ପ୍ରମୁଖ ମାନପୁର ବାସଭବନରେ ଉପସ୍ଥିତ ଥିଲେ। ସ୍ୱର୍ଗତ ଘନଶ୍ୟାମ ସମବାୟ ସମିତି ମାଧ୍ୟମରେ ନ୍ୟାକୋଟ ଅଞ୍ଚଳର ଚାଷୀମାନଙ୍କର ପ୍ରଭୂତ ଉନ୍ନତି କରାଇଥିଲେ। ତୁରାଠୁ ତାରୀ ଯାଏ ଓ ଜନିନ୍ଦାପାଲ ଠାରୁ କବିତ୍ରା ଯାଏ ଏକ ବିସ୍ତୃତ ଅଞ୍ଚଳରେ ରାସ୍ତା ପୋଖରୀ ଠାରୁ ଆରମ୍ଭ କରି କ୍ଷୁଦ୍ର ଜଳସେଚନ ତଥା କୂପଖନନ ଯାଏ ସମସ୍ତ ନିର୍ମାଣ କାର୍ଯ୍ୟରେ ନିଷ୍ଠାପର ଯୋଗଦାନ କରି ସ୍ମୃତି ସନ୍ତକ ରଖି ଯାଇଛନ୍ତି। ଏଥି ସହିତ ଚିତ୍ରୀ ମାଇନର ସ୍କୁଲ, ମାନପୁର ହାଇସ୍କୁଲ, ଝାଡେଶ୍ୱର ଡିଗ୍ରୀ କଲେଜର ସୁପରିଚାଳନାରେ ସହଯୋଗ କରି ଏସବୁ ଅନୁଷ୍ଠାନର ଉନ୍ନତି ମଧ୍ୟ କରାଇଥିଲେ। ଯୁବ ନେତା ସବ୍ୟସାଚୀ ବଳସାମନ୍ତ ଶବଧାର ଓ ଅନ୍ତିମ ସତ୍କାରରେ ସାମିଲ ହୋଇଥିଲେ।



## ଧର୍ମପରାୟଣ ବ୍ୟକ୍ତିଙ୍କ ସ୍ମୃତିଚାରଣ ସଭା




**ଧର୍ମଶାଳା,୧୩।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ସ୍ୱର୍ଗତ କୈଳାସ ଚନ୍ଦ୍ର ଜେନାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଶୁଭକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମାଜସେବୀ ମୀନତି ସାହୁ, ବରିଷ୍ଠ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ମେଡିଆ ସେଲର ଅଧ୍ୟକ୍ଷ ଶୁଭକାନ୍ତ ନାୟକ, ଗାୟକ ରଞ୍ଜିତ ଦାସ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ବାହାଲିଆ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପୋବଳ-ତରଞ୍ଜିଆର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାରାୟଣ ତ୍ରିପାଠୀ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରମୋଦ ନାୟକ, ନିରଞ୍ଜନ ଜେନା, ଉମେଶ ସ୍ୱାଇଁ, ପ୍ରଶାନ୍ତ ପାଳ, ପ୍ରଶାନ୍ତ ଧୀର, ପ୍ରମୋଦ ସାମଲ, ଦିଲ୍ଲୀପ ପାତ୍ର, ଅକ୍ଷୟ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପରିବାର ପକ୍ଷରୁ ଭାଇ ଚିତ୍ତରଞ୍ଜନ ଜେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

**ନବବର୍ଷ ଶୁଭେଚ୍ଛା ବାର୍ତ୍ତା**

## ଗ୍ରୀଟିଙ୍ଗ୍‌ସର ସ୍ଥାନ ନେଇଛି ସୋସିଆଲ ମିଡିଆ

**କୟାଁଗୋଲା, ୧୩।୧୨(ସମିସ):**



ଆଧୁନିକ ପରମ୍ପରାକୁ ଆପଣାଇବାକୁ ଯାଇ ମନୁଷ୍ୟ ତାହା ରୁଚିରେ ବହୁ ପରିବର୍ତନ ଆଣିଛି। ଏବେ ସମସ୍ତେ ଡିଜିଟାଲ ଯୁଗରେ ପାଦ ଥାପିଛନ୍ତି। ଆଉ ଦିନ କେଇଟା ପରେ ନୂତନ ବର୍ଷ ଆରମ୍ଭ ହେବାକୁ ଯାଉଛି। ଯୁବପିଢ଼ିଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ନିଜର ବନ୍ଧୁ ଓ ପରିଜନଙ୍କୁ ଶୁଭେଚ୍ଛା ଆବେଗ ସହିତ ଅନାଇ ବସିଛନ୍ତି। ଡିଜିଟାଲ ଯୁଗରେ ମୋବାଇଲ ଓ ଇଣ୍ଟରନେଟ ଉପରେ ନିର୍ଭରଶୀଳ ହୋଇ ଉଠିଛି ଯୁବପିଢ଼ି। ଏସବୁ ଭିତରେ ହଜିଯାଇଛି ଗ୍ରୀଟିଙ୍ଗସ କାର୍ଡର ଚାହିଦା। ପୂର୍ବରୁ ସେଥିପାଇଁ ଡିସେମ୍ବରରୁ ଆରମ୍ଭ ହୋଇଯାଉଥିଲା ଗ୍ରୀଟିଙ୍ଗସ ପର୍ବ। ବିଭିନ୍ନ ପ୍ରକାର ଗ୍ରୀଟିଙ୍ଗସକୁ ନେଇ ଷ୍ଟଲ୍ ଖୋଲାଯାଉଥିଲା। ଗ୍ରାମାଞ୍ଚଳରୁ ସହରାଞ୍ଚଳ କୌଣସି ନା କୌଣସି ସ୍ଥାନରେ ଗ୍ରୀଟିଙ୍ଗସ ଦୋକାନ ଦେଖିବାକୁ ମିଳୁଥିଲା। ଡାକଘର ଓ କୋରିୟର ସଂସ୍ଥା ଚଳଚଞ୍ଚଳ ହୋଇ ଉଠିଥିଲା। ଡିଜିଟାଲ ଯୁଗ ଆସିବା ପରେ ଶୁଭେଚ୍ଛାର ଭାଷା ବଦଳିଗଲା। ଶୁଭେଚ୍ଛା ଦେବାକୁ ଲୋକେ କାର୍ଡ ଦୋକାନ ଖୋଜୁଥିଲେ। ଆଜି ସେହି କାମ ଗୋଟିଏ ବଟନ୍‌ରେ ସମାପ୍ତ ହୋଇଯାଉଛି। କାଗଜରୁ ସ୍କ୍ରିନ୍‌କୁ ଶୁଭେଚ୍ଛା ବାର୍ତ୍ତା ବଦଳିଯାଇଛି। ପୂର୍ବେ କାର୍ଡ କିଣିବା ପାଇଁ ଲୋକେ ସହରର ମୁଖ୍ୟ ବଜାରକୁ ଯାଉଥିଲେ। ହସନ୍ତା ମୁହଁର ଛବି, ଫୁଲ, ଦୀପ, ଦେବଦେବୀଙ୍କ ଚିତ୍ର ସେସବୁ ମଧ୍ୟରୁ ଠିକ୍ କାର୍ଡ ଚୟନ କରିବା ମଧ୍ୟ ଥିଲା ଗୋଟିଏ ଖୁସିର ମୁହୂର୍ତ୍ତ। ପରେ ନିଜ ହସ୍ତାକ୍ଷରରେ ଦୁଇଟି ମନର କଥା ଲେଖି, ଖାମରେ ରଖି, ଠିକଣା ଲେଖି, ଡାକଘରକୁ ଦେବା ଏ ସବୁ ପଛରେ ଥିଲା ଧୈର୍ଯ୍ୟ, ଭାବନା ଓ ଅପେକ୍ଷା। ସେଇ ସବୁ ପ୍ରକ୍ରିୟା କରିବା ସମୟରେ ଆମେ ଆମର ପ୍ରିୟର ବନ୍ଧୁକୁ ମନ ଭିତରେ ଭାବିଥାଉ। ଆଜି ସେ ସମସ୍ତ ପ୍ରକ୍ରିୟା ଗୋଟିଏ ମୁହୂର୍ତ୍ତରେ ସରିଯାଉଛି। ଭାବନା ସଂକୁଚିତ ହୋଇଯାଉଛି। ଡାକବାଲାର ଭୂମିକା ଧୀରେଧୀରେ ଲୁପ୍ତ ହୋଇଯାଇଛି।

ଗ୍ରୀଟିଙ୍ଗସ କାର୍ଡ ଆସିଲେ ପିଲାମାନେ ପ୍ରଥମେ ଖୋଲୁଥିଲେ, ଭିତରର ଛବି ଓ ଲେଖା ଦେଖୁଥିଲେ। ଆଜି ଡାକବାଲାଙ୍କ ପାଖରେ ଅଧିକାଂଶ ସରକାରୀ କାଗଜ ବା ବ୍ୟାଙ୍କ ସୂଚନା ଛଡା ଆଉ କିଛି ନଥାଏ। ଗ୍ରୀଟିଙ୍ଗସ କାର୍ଡ ଆଉ ପ୍ରାୟ ଦେଖାଯାଉନି। କାର୍ଡ ଦୋକାନ ଖାଲି, ସ୍ମୃତି ଭରି ଗତ ଦଶକ ପର୍ଯ୍ୟନ୍ତ ସହରରେ ରହିଥିବା ଅନେକ ଗ୍ରୀଟିଙ୍ଗସ କାର୍ଡ ଦୋକାନ ଆଜି ବନ୍ଦ ହୋଇଯାଇଛି। ଦୋକାନୀ କହୁଛନ୍ତି, ଏବେ କାହାର ଆଉ ଧୈର୍ଯ୍ୟ ନାହିଁ କାର୍ଡ କିଣି ଦେବାର। ସବୁ ମୋବାଇଲରେ। ବୟସ୍କ କହୁଛନ୍ତି, ଗ୍ରୀଟିଙ୍ଗସ କାର୍ଡ ଦେଲେ ସେଥିରେ ମନର ସ୍ପର୍ଶ ଥାଏ। କିନ୍ତୁ ପ୍ରଶ୍ନ ହେଉଛି ସେଇ ଶୁଭେଚ୍ଛାର ମୂଲ୍ୟ କେତେ? ଗୋଟିଏ ଗ୍ରୀଟିଙ୍ଗସ କାର୍ଡକୁ ଆମେ ବର୍ଷ ପରେ ବର୍ଷ ସମ୍ଭାଳି ରଖିପାରୁ। ଆଜି ମୋବାଇଲ୍ ମେସେଜ୍ କାଲି ଡିଲିଟ୍ ହୋଇଯାଏ। କାଗଜର ସ୍ମୃତି ଦୀର୍ଘସ୍ଥାୟୀ, ଡିଜିଟାଲ ସ୍ମୃତି ଅସ୍ଥାୟୀ। ଆଉ ଫେରିବ କି ସେଇ ପୁରୁଣା ପରମ୍ପରା? ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି।

ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ନଳିନୀ ପ୍ରଭା ପ୍ରଧାନ
ଆବିର୍ଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପ୍ରଥମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର
ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି। ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ। ତମର ସେହି ହସ ହସ ମୁହଁ ମନେ ପଡୁଛି। ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

ବ୍ୟାସନଗର ସହରରେ ଜବରଦଖଲ ଉଚ୍ଛେଦ

# ଏନ୍‌ସି ହାଇସ୍କୁଲ ଜମିରେ ବୁଲିଲା ବୁଲଡୋଜର

**ବ୍ୟାସନଗର, ୧୩।୧୨(ସମିସ)**



ବ୍ୟାସନଗର ପୌରାଞ୍ଚଳ ଏନ୍‌ସି ହାଇସ୍କୁଲ ଜମିରୁ ଜବରଦଖଲ ହଟାଯାଇଛି। ତେବେ ଏଭଳି ଧରଣର ଉଚ୍ଛେଦ ବ୍ୟାସନଗର ଇତିହାସରେ ପ୍ରଥମ। ବିଗତ ଦଶ ଦଶନ୍ଧିରେ ବ୍ୟାସନଗର ତହସିଲ ଅଧୀନରେ ଏଭଳି ଉଚ୍ଛେଦ କେବେ ଦେଖିବାକୁ ମିଳିନଥିଲା। ଦୀର୍ଘ ବର୍ଷ ଧରି ସ୍କୁଲ ଜମିକୁ ଦଖଲ କରି ଘର କରି ରହୁଥିବା ୬୫ ପରିବାରକୁ ପ୍ରଶାସନ ବୁଲ୍‌ଡୋଜର ଲଗାଇ ହଟାଇ ଦେଇଛି। ବାରମ୍ବାର ନୋଟିସ୍ ପରେ ଜବରଦଖଲକାରୀ ହଟୁନଥିବାରୁ ପ୍ରଶାସନ ପକ୍ଷରୁ ଶନିବାର ବଳ ପ୍ରୟୋଗ କରି ହଟାଇ ଦିଆଯାଇଛି। ୪ଗୋଟି ବୁଲଡୋଜର ଜବରଦଖଲ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ବେଳେ ପ୍ରାୟ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥଲା। ଏକର ଏକର ଜମିରେ ଛପରଘର ଠାରୁ ଆରମ୍ଭ କରି ଆଜବେଷ୍ଟସ ଘର, ଜରିପାଲ ଘର ଏବଂ କୋଠାଘରମାନ ନିର୍ମାଣ କରି ବସବାସ କରିବା ସହ ଭଡ଼ାରେ ଲଗାଇଥିଲେ ଏକାଧିକ ବ୍ୟକ୍ତି। ଏନ୍‌ସି ହାଇସ୍କୁଲ ଜମି ଦଖଲ କରି କିଛି ପରିବାର ନିଜକୁ ଥଇଥାନ କରିବା ପରେ ଏକ ବସ୍ତି ଗଢି ଉଠିଥିଲା। ତେବେ କିଛି ବର୍ଷ ହେବ ଏହି ବସ୍ତି ଅଞ୍ଚଳ ବେଆଇନ ମଦ ଏବଂ ବ୍ରାଉନସୁଗର ଆଦିର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଥିଲା। ଏପରିକି ବିଭିନ୍ନ ସମୟରେ ଏହି ବସ୍ତିରେ ପୁଲିସ ଏବଂ ଅବକାରୀ ବିଭାଗ ଚଢ଼ଉ କରି ବ୍ୟାପକ ପରିମାଣରେ ବ୍ରାଉନସୁଗର ଜବତ କରିଥିଲା। ବସ୍ତି ଗଢ଼ିଉଠିବା କାରଣରୁ ହାଇସ୍କୁଲ ଜମି ସଂକୁଚିତ ହୋଇପଡୁଥିବାରୁ ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ, ସାଧାରଣ ଜନତା ବ୍ୟାସନଗର ତହସିଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ

**୬୫ଘର ଭାଙ୍ଗିଲା ପ୍ରଶାସନ**

କରିଆସୁଥିଲେ। ବ୍ୟାସନଗର ତହସିଲ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ ହାଇସ୍କୁଲ ଜମି ଦଖଲ କରିଥିବା ପରିବାରକୁ ନୋଟିସ୍ କରାଯାଇଥିଲା। ନୋଟିସରେ ଜମି ଦଖଲମୁକ୍ତ କରିବାକୁ କୁହାଯିବା ପୂର୍ବକ ସମୟ ଦିଆଯାଇଥିଲା। ମାତ୍ର ବାରମ୍ବାର ସମୟ ଦେବା ପରେ ଅନେକ ପରିବାର ନିଜର ଆବବାବପତ୍ର ଧରି ଚାଲିଯାଇଥିଲେ ହେଁ ଘର ଭାଙ୍ଗିନଥିଲେ। ଶନିବାର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ନେତୃତ୍ୱରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୪ପ୍ଲାଟୁନ ଫୋର୍ସ, ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲିକ, ଡିଏସ୍‌ପି ରତ୍ନାକର ଗିରି, ଶଙ୍କର୍ଷଣ ଦଳାଇ, ପୁଲିସ ଆର୍‌ଆଇ ପ୍ରମୋଦ ସାହୁ, ଏସଡିପିଓ ଲକ୍ଷ୍ମୀଧର ନାୟକ, ଯାଜପୁର ରୋଡ୍ ଥାନା ଅଧିକାରୀ ଆଶିଷ କୁମାର ସାହୁ, କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ମଙ୍ଗଳପୁର ଥାନା ଅଧିକାରୀ ଜଗଦିଶ କର, ଟମକା ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଜେନାପୁର ଆଇଆଇସି ଶଶୀଭୁଷଣ ପରିଡ଼ା, ଦାନଗଦୀ ଫାଣ୍ଡି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର, ୧୧ଜଣ ରାଜସ୍ୱ ନିରୀକ୍ଷକ, ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ, ଟାଟା ପାୱାର କର୍ମଚାରୀ ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଉପସ୍ଥିତ ରହିଥିଲେ।

## ଖଣିଜ ବିଭାଗ ପକ୍ଷରୁ ଚଢ଼ଉ; ୨ ମେସିନ୍ ଜବତ




**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ପାଖର ପଞ୍ଚାୟତ ବାଜବାଟୀ ପାହାଡ଼ ନିକଟସ୍ଥ ଅଁଳାଝାଟିଆ ମୌଜାର ସରକାରୀ ଜମିରେ ମୋରମ୍ ଖୋଳୁଥିବା ୨ଟି ଜେସିବି ମେସିନ୍‌କୁ ଜିଲ୍ଲା ଲଘୁ ଖଣିଜ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଧର୍ମଶାଳା ତହସିଲ ଅଞ୍ଚଳରେ ମୋରମ୍ ଖନନ ପାଇଁ କାହାରିକୁ ଲିଜ୍ ଦିଆ ଯାଇନଥିବା ବେଳେ କେତେକ ଦୁର୍ବୃତ୍ତ ଇଡ୍‌କୋ ଅଧୀକୃତ ଅଁଳାଝାଟିଆ ମୌଜାରୁ ବେଧଡ଼କ ଭାବେ ମୋରମ୍ ଲୁଟ୍ କରିଚାଲିଛନ୍ତି। ଏଥିରେ ସରକାରଙ୍କର ବିପୁଳ ରାଜସ୍ୱହାନୀ ହେଉଥିବା ବେଳେ ଲୁଟେରାମାନେ ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ପୁଲିସ ସହ ବିଭାଗୀୟ ଅଧିକାରୀ ମାନେ ଏଠାରେ ହଠାତ୍ ଚଢ଼ଉ କରି ମୋରମ୍ ଖୋଳୁଥିବା ୨ଟି ମେସିନ୍‌କୁ ଜବତ କରିଛନ୍ତି। ଜବତ ଜେସିବି ମେସିନ ଦୁଇଟିକୁ ଧର୍ମଶାଳା ଥାନା ପୁଲିସ ଜିମା ଦିଆଯାଇଥିବା ଜଣାପଡ଼ିଛି। ତେବେ ଚଢ଼ଉ ସମୟରେ ସେଠାରେ ବେଆଇନ ଭାବେ ମୋରମ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଡ୍ରାଇଭରମାନେ ନେଇ ଫେରାର ହୋଇଯାଇଥିଲେ।

## ରୋଗୀ ବେଶରେ ମହିଳା ଲୁଟେରା



**ଯାଜପୁର, ୧୩।୧୨(ସମିସ):** ଯାଜପୁର ମୁଖ୍ୟଚିକିତ୍ସାଳୟରେ ଜନୈକା ମହିଳା ରୋଗୀ ବେଶରେ ଆସି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଠାରୁ ମୋବାଇଲ ଏବଂ ମନିପର୍ସ ଲୁଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଲୁଟ କରୁଥିବା ସମୟରେ ତାହା ସିସି ଟିଭି ଫୁଟେଜ୍‌ରେ କଏଦ୍ ହୋଇଥିବା ଜଣାପଡ଼ିଛି। ଏହି ମହିଳା ଜଣଙ୍କୁ ମେଡିକାଲ ଫାଣ୍ଡି ଅଧିକାରୀ କାବୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସିସି ଟିଭି ଫୁଟେଜ୍‌ରେ ମହିଳା ଜଣକ ନିଜେ ରୋଗୀ ହୋଇ ଡାକ୍ତର ଦେଖାଇବାକୁ ଆସି ମୋବାଇଲ ଓ ପନିପର୍ସ ଚୋରୀ କରିନେଉଛନ୍ତି। ପରେ ପନିପର୍ସରୁ ପଇସା କାଢି ପର୍ସକୁ ଡଷ୍ଟପିନ୍‌ରେ ଫିଙ୍ଗିଦେଇ ଚାଲିଯାଉଥିବା ଦେଖିବାକୁ ମିଳୁଛି। ମହିଳା ଜଣକ କୋରାଇ ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ନିରୁପମା ବଳ (୪୮) ବୋଲି ଜଣାପଡ଼ିଛି।

## ଡ୍ରୁକ୍ କମିଟିର ସଦସ୍ୟ ହେଲେ ପ୍ରସନ୍ନ

**ଯାଜପୁର, ୧୩।୧୨(ସମିସ):** ପୂର୍ବତଟ ରେଳବାଇ ଅଧିନସ୍ଥ କୋରେଇ ନିର୍ବାଚନ ମଣ୍ଡଳୀର ଡିଜିଜନାଲ ରେଲୱେ ୟୁଜର୍ସ କନସଲଟିଭ କମିଟି (ଡ୍ରୁକ୍)ର ସଦସ୍ୟ ଭାବେ ପ୍ରସନ୍ନ କୁମାର ସାମଲ ମନୋନୀତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ସମାଜସେବୀ ଭାବେ ପରିଚିତ ପ୍ରସନ୍ନ ସାମଲଙ୍କୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କୋରେଇ ନିର୍ବାଚନ ମଣ୍ଡଳୀ ସଦସ୍ୟ ପାଇଁ ମନୋନୀତ କରିଛନ୍ତି। ଶ୍ରୀ ସାମଲ ଏହି କମିଟିର ସଦସ୍ୟ ଭାବେ ଘୋଷଣା ହେବା ପରେ ତାଙ୍କୁ ବିଭିନ୍ନ



ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଶ୍ରୀ ସାମଲ କୋରେଇ ନିର୍ବାଚନ ମଣ୍ଡଳୀରେ ରହିଥିବା ରେଳଷ୍ଟେସନ ବିଶେଷ କରି ଯାଜପୁରରୋଡ, କୋରେଇ, ବରୁଣ୍ଡାଇ ଭଳି ରେଳଷ୍ଟେସନର ବିକାଶ ପାଇଁ କାର୍ଯ୍ୟକରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ବାନରା ସେବା ଫାଉଣ୍ଡେସନ ପକ୍ଷରୁ ସହାୟତା

**ସୁକିନ୍ଦା, ୧୩।୧୨(ସମିସ):** ଏକ ଅସହାୟ ଓ ଦିବ୍ୟାଙ୍ଗ ପରିବାରକୁ ସୁକିନ୍ଦା ସ୍ଥିତ ବାନରା ସେବା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଦାନଗଦି ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା ପଞ୍ଚାୟତ ଅଧିନରେ ଥିବା ଜାମୁପଶି ଗ୍ରାମର ଦିବ୍ୟାଙ୍ଗ ବାଳକ ଲକି ହେମ୍ବ୍ରମକୁ ବାନାରା ସେବା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଖାଦ୍ୟ ସାମଗ୍ରୀ, ଶୀତବସ୍ତ୍ର, ଦୈନିକ ପରିଧାନ ପାଇଁ ପୋଷାକ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟରେ ଫାଉଣ୍ଡେସନ ମୁଖ୍ୟ ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା, କୋଷାଧ୍ୟକ୍ଷା ଗୀତା ବାନାରା, ଆନ୍ତନା ସିଂକୁ, ଶ୍ୟାମସୁନ୍ଦର ହେମ୍ବ୍ରମ, ବସନ୍ତ ସିଦୁ, ଚକ୍ରଧର ସିଂକୁ, ସୁକି ମୁଣ୍ଡା, ସହିତ ଜାମୁପଶି ଗ୍ରାମର ଯୁବପିଢୀ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଦୁର୍ଘଟଣାରେ ଚାରି ଗୁରୁତର

ସୁକିନ୍ଦା, ୧୩।୧୨(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଦୁଇ ବାଇକ୍ ଦୁର୍ଘଟଣାରେ ଚାରିଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବନ୍ଧଗାଁ ଗ୍ରାମ ନିକଟ ରେଙ୍ଗାଲି ରାସ୍ତାରେ ଦୁଇ ବାଇକ୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ନଡ଼ିଆଭଙ୍ଗା ପଞ୍ଚାୟତ ପଳାଶୁଣି ଗ୍ରାମ ମନୋଜ ମହାନ୍ତ, ସୁକିନ୍ଦା ସାପୁଆପଦା ବୁବୁନ୍ ମହାନ୍ତ, ବାଲେଶ୍ୱର ସୁମନ୍ତ ମୁଣ୍ଡା, ଦାନଗଦି ସୋଲେଇ ଗ୍ରାମ ଶିବ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ସୁକିନ୍ଦା ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଘରୋଇ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

**ଦାନଗଦି, ୧୩।୧୨(ସମିସ):** ଶନିବାର କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ସିଜିଏଲ୍-୨ ସାଇଡ୍‌ରେ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଯାଇଛି। ସୁରକ୍ଷା କର୍ମୀଙ୍କ ନାମ ସୁଶୀଲ କୁମାର ଦାଶ, (୪୮)। ସେ ମେସର୍ସ ଷ୍ଟାରସିଲ୍ଡ ସିକ୍ୟୁରିଟି ସଲ୍ୟୁସନ୍ ସର୍ଭିସେସ୍‌ରେ କାର୍ଯ୍ୟରତ ଥିଲେ। ମୃତକ ସୁଶୀଲ କୁମାର ଦାଶ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଗରାସିଆ ଗ୍ରାମର ସାରଙ୍ଗ ଧର ଦାଶଙ୍କ ପୁଅ ବୋଲି ଜଣାଯାଇଛି। ସୁଶିଲ ସକାଳ ପ୍ରାୟ ୫.୪୫ ସମୟରେ ବ୍ରିଫିଂ ପରେ ଗେଟ୍ ନମ୍ବର-୩କୁ ଆସିଥିଲେ। ପରେ ସେ ବସ୍ ଦ୍ୱାରା ଯାଇଥିଲେ। ସେ ବସ୍‌ରୁ ଓହ୍ଲାଇ ଚାଲିଚାଲି ଯାଉଥିଲେ। ଏହି ସମୟରେ ସେ ରାସ୍ତାରେ ହଟାତ ଅଚେତ ଅନୁଭବ କଲେ। ତାଙ୍କୁ କାରଖାନା ପରିସର ମଧ୍ୟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା ଏବଂ ପରେ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦିଆଯାଇଥିଲା। କଳିଙ୍ଗନଗର ପୁଲିସ ଏକ ଅପମୃତ୍ୟୁ ମାମଲା ନମ୍ବର ୨୯/୨୫ରେ ରୁଜୁ କରି ତଦନ୍ତ କରୁଛି।

## ଲଘୁଖଣିଜ ପରିବହନ କରୁଥିବା ଟ୍ରକ୍ ଜବତ

**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅଧୀନ ବଜ୍ରଗିରି ପାହାଡ଼ରୁ ବେଆଇନ ଭାବେ ପରିବହନ କରୁଥିବା ଦୁଇଟି ଟ୍ରକ୍‌କୁ ପୁଲିସ ଜବତ କରିଛି। ଆଜି କୋତପୁର ଫାଣ୍ଡି ପୁଲିସ ଚଢ଼ଉ କରି ନାଳକୁଳ ଛକ ନିକଟରୁ ଓଆର-୦୯ଏଫ- ୦୯୭୭ ବିଶିଷ୍ଟ ଏକ ମୋରମ ବୋଝେଇ ଟ୍ରକ୍ ଓ ରମାପୁର ଛକ ନିକଟରୁ ଓଡି-୫-କ୍ୟୁ-୩୩୪୮ ନମ୍ବର ବିଶିଷ୍ଟ ସ୍ୱଲ ବୋଝେଇ ଏକ ଟ୍ରକ୍‌କୁ ଜବତ କରିବା ସହିତ ଉଭୟ ଗାଡ଼ିର ଡ୍ରାଇଭର ଓ ମୋରମ ବୋଝେଇ ଟ୍ରକର ହେଲପରକୁ ଅଟକ ରଖିଛି। ଏନେଇ ଧର୍ମଶାଳା ଥାନା ପୁଲିସ ୭୪୭/୨୫ ଓ ୭୪୮/୨୫ରେ ଦୁଇଗୋଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ କୋତପୁର ଫାଣ୍ଡି ଅନ୍ତର୍ଗତ ବଜ୍ରଗିରି ପାହାଡରେ ବେଆଇନ ଖନନ ଓ ପରିବହନ ବନ୍ଦ ରହିଥିବା ବେଳେ କିଛି ଦୁର୍ବୃତ୍ତ ଲାଭାଶକ୍ତ ହୋଇ ବେଆଇନ ଭାବେ ମହରମ ଓ ସ୍ୱଲ ତାଡ଼ି ଅନ୍ୟତ୍ର ଚାଲାଣ କରୁଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଲୋକେ ପୁଲିସକୁ ବାରମ୍ବାର ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଆଜି ଚଢ଼ଉ କରାଯାଇ ବେଆଇନ ଭବେ ପରିବହନ କରୁଥିବା ୨ ଗୋଟି ଟ୍ରକ୍‌କୁ ପୁଲିସ ଜବତ କରିଛି।

## ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷାସଭା

**ମଙ୍ଗଳା, ୧୩।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ବରୁଣେଶ୍ୱରମଡେଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ମୁଖ୍ୟବକ୍ତା ଭାବେ ସରପଞ୍ଚ ସ୍ମୃତିରଞ୍ଜନ ନାୟକ ଯୋଗଦାନ କରିଥିଲେ। ଅଧାରୁ ପାଠ ଛାଡି ଥିବା ପିଲା ଓ ଆଦୌ ନାମ ନ ଲେଖାଇଥିବା ପିଲା କିପରି ପାଠ ପଢ଼ିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଶିକ୍ଷା ଗ୍ରହଣ କରିବା ସହିତ ନିଜ ଚିନ୍ତା ନିଜେ କରିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପିଲାମାନଙ୍କୁ ସଚେତନତା ସୃଷ୍ଟି ନିମନ୍ତେ ପାଲା ଆୟୋଜିତ ହୋଇଥିଲା। ଏହି ବୈଠକରେ ୧୫ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ସହଶିକ୍ଷକ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ମିଶ୍ର, ସୌଦାମିନୀ ଜେନା, ବନିତା ଦାସ, ଏସ୍‌କେ ଜାଖିୱାଲା, ରାଜୁ ସାର୍, ଏସ୍‌କେ ମୁକ୍ତାଦିର, ବୃନ୍ଦାବନ ଯେନା, ଅଜୟ କୁମାର ମଲିକ, ହବିବୁଲ ମୋହିନୀ, ଅରୁଣ କୁମାର ସାମଲ, ଅଶୋକ କୁମାର ଥାଟୋଇ, ଏସ୍‌କେ ସମିମ ଖାନ, ମୋନାଲିସା ସାମଲ, କବିତା ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ, ଅଙ୍ଗନବାଡି କର୍ମୀ ରାଜଶ୍ରୀ ରଣା ଆଦି ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ଅଭିଯାନ

**ଯାଜପୁର, ୧୩।୧୨(ସମିସ):** ମ୍ୟୁନିସିପାଲ ହାଇସ୍କୁଲ ପ୍ରାଙ୍ଗଣରେ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ଆଞ୍ଚଳିକ ସମ୍ବଳ କେନ୍ଦ୍ର ସଂଯୋଜକଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା ଆୟୋଜିତ ହୋଇଯାଇଛି। ଏଥିରେ ୬ରୁ୧୪ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ 'ଆସ ସ୍କୁଲ ଯିବା' ଅଭିଯାନରେ ଏକ ସଚେତନତା ମୂଳକ ପାଲା ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସହ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବରଦା ଭୂଷଣ ମହାପାତ୍ର, ମଣ୍ଡଳ ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସମ୍ବଳ ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା ସମେତ ଅଫିସ ଆସିଷ୍ଟାଣ୍ଟ/ଡାଟା ଏଣ୍ଟ୍ରି ଅପରେଟର ସରୋଜ କୁମାର ଯେନା ଯୋଗଦେଇଥିଲେ। ଏହାପରେ ଏକ ଶିକ୍ଷାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଶିକ୍ଷାର ଉପାଦେୟତା ତଥା ଅଭିଭାବକମାନଙ୍କର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଳ କେନ୍ଦ୍ର ସଂଯୋଜକ ତିମିର ରଞ୍ଜନ ବେହେରା ଉକ୍ତ ସଭାର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଗୋକୁଳାନନ୍ଦ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ




**ଯାଜପୁର, ୧୩।୧୨(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୪୩୬ଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୬୩୯ଟି ଫୌଜଦାରୀ, ୧୭ଟି ମୋଟର ଦୁର୍ଘଟଣାଜନିତ ମାମଲା, ୬୪ଟି ଦେୱାନୀ, ୧୪ଟି ପାରିବାରିକ କଳହ ମାମଲା ଏବଂ ରାଜସ୍ୱ ବିଭାଗର ୫୭୦୨ଟି ମାମଲା ଫଇସଲା କରାଯାଇ ମୋଟ ୮, ୧୬, ୦୪, ୧୨୨ ଟଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୬ଟି, ବିଦ୍ୟୁତ ବିଭାଗର ୧୫୭ଟି, ସ୍ଥାୟୀ ଲୋକ ଅଦାଲତର ୩ଟି ଏବଂ ଟେଲିଫୋନ ସମ୍ବନ୍ଧୀୟ ୧୩ଟି ପ୍ରାକ୍-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୪୧, ୫୫, ୭୪୬ ଟଙ୍କା ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେନା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲାଜଜ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ନେହା ଅଗ୍ରୱାଲ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଏସଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି (ଏଲଆର ଏବଂ ଏଲଟିଭି) ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବୀଣାପାଣି ତାଣ୍ଡି ଅଂଶଗ୍ରହଣ କରି ବିଭିନ୍ନ ମାମଲାଗୁଡ଼ିକୁ ବିଚାର କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

## ଡ. ଜ୍ଞାନରଞ୍ଜନ ପତିଙ୍କୁ ଜ୍ୟୋତିବ୍ରହ୍ମ ସମ୍ମାନ

**ଯାଜପୁର, ୧୩।୧୨(ସମିସ):** ଭୁବନେଶ୍ୱରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ଓ ଜାତୀୟ ଆଲୋଚନାଚକ୍ର ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁରର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ସାହିତ୍ୟ ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତିଙ୍କୁ ତାଙ୍କ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ନିରନ୍ତର ସାଧନା ନିମିତ ପରିଷଦ ପକ୍ଷରୁ 'ଜ୍ୟୋତିବ୍ରହ୍ମ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ପ୍ରଫେସର ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ପୁରୀର ମହିପ୍ରୟାଶ ମଠର ପ୍ରମୁଖ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ ମୁଖ୍ୟଅତିଥି ଭାବେ, ମୁଖ୍ୟବକ୍ତା ଭାବେ ପ୍ରଫେସର ବନ୍ଧୁଚରଣ



ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ଅଥି ଭାବେ ବୌଦ୍ଧ ଗବେଷକ ଡ. ପ୍ରବୀର ପଟ୍ଟନାୟକ ଯୋଗଦେଇଥିଲେ। ଏହି ସମାରୋହରେ ଯାଜପୁର ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡା. ଜୟନ୍ତ କୁମାର ଦାସ ଓ ଡ. ଜ୍ଞାନରଞ୍ଜନ ପତି ସମେତ ୨୨ଜଣ ବିଶିଷ୍ଟ ଗବେଷକ 'ଶ୍ରୀଜଗନ୍ନାଥ ଚେତନାରେ ସୁଦର୍ଶନତତ୍ତ୍ୱ' ଶୀର୍ଷକ ବିଷୟରେ ଶୋଧପ୍ରବନ୍ଧମାନ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ ବେଦ ପାଠ କରିଥିଲା ବେଳେ ଡ. ବସନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରାକ୍ତନ ଜୀବନବୀମା ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର ସୁଦର୍ଶଙ୍କ ସମ୍ପର୍କରେ କବିତା ପାଠ କରିଥିଲେ। ଏହି ଉତ୍ସବରେ ରାଜେନ୍ଦ୍ର କୁମାର ମହାନ୍ତିଙ୍କୁ 'ଦାରୁବ୍ରହ୍ମ ସମ୍ମାନ', ପୀତବାସ ରାଉତରାୟଙ୍କୁ 'ଶିଳାବ୍ରହ୍ମ ସମ୍ମାନ', ଡ. ଅସିତ ମହାନ୍ତିଙ୍କୁ ଶୂନ୍ୟ ବ୍ରହ୍ମସମ୍ମାନ, ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ଡ. ଜ୍ଞାନରଞ୍ଜନ ପତିଙ୍କୁ 'ଜ୍ୟୋତି ବ୍ରହ୍ମ' ସମ୍ମାନ ପ୍ରଦାନ କରାଯାଇଥିଲା।

ଜାତୀୟ ରାଜପଥ ଜମି ଅଧିଗ୍ରହଣ ମାମଲା

## ଜମି, ଘର, ଗଛର ମୂଲ୍ୟାଙ୍କନକୁ ବିରୋଧ

**ମଙ୍ଗଳପୁର, ୧୩।୧୨(ସମିସ)**

କୁଆଖିଆ-ଧାମରା ୨୦ନଂ ଜାତୀୟ ରାଜପଥ ବଉଳାଙ୍ଗ ଛକ ନିକଟରେ ବାଇପାସ୍ ନିମନ୍ତେ ଜାଗା ଅଧିଗ୍ରହଣ ପାଇଁ ବିବାଦ ଏଯାଏଁ ତୁଟି ନାହିଁ। ତେବେ ଉଚ୍ଚ ନ୍ୟାୟାଳୟରେ କେସ୍ ବିଚାରଧୀନ ରହିଥିବା ବେଳେ ଅଧିକାରୀଙ୍କ ଦ୍ୱାରା ଜାଗା ମାପ କରାଯାଇ ଘର ଓ ଗଛର ମୂଲ୍ୟାଙ୍କନ କରାଯାଇଛି। ଏହି ମୂଲ୍ୟାଙ୍କନରେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ, ଜାଗା ଅଧିଗ୍ରହଣ ଅଧିକାରୀ ଯାଜପୁର ବାସୁଦେବ ନାୟକ, ଶୁଭସ୍ମିତା ପାଣି ଜାତୀୟ ରାଜପଥ କନିଷ୍ଠ ଯନ୍ତ୍ରୀ, ଜାତୀୟ ରାଜପଥ ବରିଷ୍ଠ ଯନ୍ତ୍ରୀ, ଫରେଷ୍ଟର ଆନନ୍ଦ ପାତ୍ର, ଆର୍‌ଆଇ ବିଷ୍ଣୁଚରଣ ପଣ୍ଡା, ଧ୍ରୁବାନନ୍ଦ ଘଡ଼େଇ, ଅମିନ ସୁବାସ ଚନ୍ଦ୍ର ବାନାର୍ଜୀ ଏବଂ ଶରତ କୁମାର ନାୟକ, ଆଇଆଇସି ଦଶରଥପୁରଙ୍କ ସହ ଏକ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଉପସ୍ଥିତ ରହି ଜମି, ଘର ଏବଂ ଗଛ ମୂଲ୍ୟାଙ୍କନ କରିଥିଲେ। ମୂଲ୍ୟାଙ୍କନ ସମୟରେ ଆସିଥିବା ଅଧିକାରୀଙ୍କୁ ମାପ ନକରିବାକୁ ଗ୍ରାମବାସୀ ବାରଣ କରିବା ସହ ବିରୋଧ କରିଥିଲେ। କିଛି ସମୟ ଉତ୍ତେଜନା ଲାଗି ରହିବାରୁ ଅଧିକାରୀମାନେ ମାପ ସ୍ଥଗିତ ରଖିଥିଲେ। ପରେ ସ୍ଥିତି ସ୍ୱାଭାବିକ ହେବାପରେ



ଅଧିକାରୀମାନେ ମୂଲ୍ୟାଙ୍କନ କରିଥିଲେ।

ସୂଚନା ଥାଉକି ଦଶରଥପୁର ବ୍ଲକ ବଉଳାଙ୍ଗ ବଜାରରେ ଯେଉଁଠି ୨୦ ନମ୍ବର ଜାତୀୟ ରାଜପଥ ସିଧାସଳଖ ଗଲେ ମାତ୍ର ୫୦ ମିଟର ରାସ୍ତା ହେବ ଏବଂ ଯାହାକି ସରକାରୀ ଜମିରେ ହେଇପାରିବ, ସେଠାରେ ୨୦୦ ମିଟରର ବାଇପାସ କରାଇ ଲୋକଙ୍କ ଭିଟାମାଟି ସହ ସ୍ୱାଧୀନତା ପୂର୍ବର ୧୯୩୧ ମସିହାର ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଗାଁ ଶ୍ମଶାନ ମଧ୍ୟ ଉଚ୍ଛେଦ ଚରିବାକୁ ପ୍ରଶାସନ ଉଦ୍ୟମ କରୁଛି। ଯାହାକୁ ନେଇ ପୂର୍ବରୁ ସ୍ଥାନୀୟ ଲୋକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ। ଏବେବି ବିଚରାଧୀନ ଥିବା କହିଛନ୍ତି ଗ୍ରାମବାସୀ। କିନ୍ତୁ ପ୍ରଶାସନ ଜୋର ଜବରଦସ୍ତ ଜମି ଅଧିଗ୍ରହଣ ପାଇଁ ଲୋକଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟ ପଟରେ ଜୀବନ ଦେବୁ ପଛେ ଭିଟାମାଟି ଏବଂ ବିଦ୍ୟାଳୟକୁ ସୁରକ୍ଷା ଦେବାକୁ ପଛଘୁଞ୍ଚା ଦେବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକ ଏବଂ ଅଧିକାରୀ ମାନେ ମିଶି ବାଇପାସ କରାଇବା ଆଳରେ ସ୍ୱାଧୀନତା ପୂର୍ବର ପ୍ରାଥମିକ ବିଦ୍ୟାଳୟକୁ ଭାଙ୍ଗିବାକୁ ଯୋଜନା ଚାଲିଥିବା କହିଛନ୍ତି ଗ୍ରାମବାସୀ। ଉଚ୍ଚ ନ୍ୟାୟାଳୟରେ କେସ୍ ବିଚାରଧୀନ ଥିବାବେଳେ କ'ଣ ପାଇଁ ଜିଲ୍ଲା ପ୍ରଶାସନ ଏବଂ ଏନ୍‌ଏଚ୍‌ଆଇର କର୍ତ୍ତୃପକ୍ଷ ବାରମ୍ବାର ପୁଲିସ୍ ଫୋର୍ସ ଲଗାଇ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କରିବାକୁ ଆସୁଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

## ରାଧାଗୋବିନ୍ଦ ମନ୍ଦିରରେ ସତ୍‌ସଂଘ

**ସିଂହପୁର, ୧୩।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ରାଧାଗୋବିନ୍ଦ ମନ୍ଦିର ବଡ଼ଠାକୁର ବାଡ଼ିରେ ସତ୍‌ସଂଘ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଭାତ ଫେରି, ସୂର୍ଯ୍ୟପୂଜା, ଗୁରୁବନ୍ଦନା, ପ୍ରାର୍ଥନା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥଲା। ଭକ୍ତ ବିନୋଦ ବିପିନ ବିହାରୀ ସାମଲ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା କରିଥିଲେ। ରାଧାଗୋବିନ୍ଦ୍ ଠାକୁର ବାଡ଼ିର ସାଂଗଠନିକ ସମ୍ପାଦକ ମଳୟ କୁମାର ଥାଟୋଇ, ରାମନାରାୟଣ ବଳିଆର ସିଂହ, ଅମରେନ୍ଦ୍ର ଜେନା, ସୁଧାଂଶୁ ଶେଖର ଧଳ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଚଗଲା ଦାସ, ଉମେଶ ଚନ୍ଦ୍ର ଥାଟୋଇ, ସୁନିଲ ସାହୁ, ସୁବ୍ରନା ଜେନା, ବାସୁଦେବ ମଲିକ, ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆଶ୍ରମର ଦୈତାରୀ ମହାନ୍ତିଙ୍କ ସତ୍‌ସଙ୍ଗବିବରଣୀ ଦେଇଥିଲେ। ମୁଖ୍ୟ କର୍ତ୍ତା ଭାବେ ନାରାୟଣ ଚନ୍ଦ୍ର ଦାସ ଓ ପତ୍ନୀ ମିନତୀ ପ୍ରଭା ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ଥାଟୋଇ, ଓ ରାଧାଗୋବିନ୍ଦ ମନ୍ଦିରର ପୂଜକ ରଘୁନାଥ ଦାଶ, ରାମଚନ୍ଦ୍ର ଦାଶ, ପଦ୍ମନାଭ ଦାଶ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।


ସୃଜନିକା

ସକାଳ
THE SAKALA
www.sakalaepaper.com

# ଆଚରଣ



ପଦ୍ମାଳୟା ସାମଲ



ରୋହନ ସ୍କୁଲରୁ ଫୋନ୍ ଆସିଲା ବିବେକବାବୁଙ୍କ ପାଖକୁ । ଯେମିତି ହେଲେ ଆଜି ଅପରାହ୍ଣ ପାଞ୍ଚଟା ସୁଦ୍ଧା ସ୍କୁଲରେ ପହଞ୍ଚି ପ୍ରିନ୍ସିପାଲଙ୍କୁ ଭେଟିବାକୁ କହିଲେ । ପିଲାଟା ପୁଣି ବଦମାସୀ କଲାକି କ'ଣ! ନହେଲେ ଗତ ସପ୍ତାହରେ ତ ତା'ର ପରୀକ୍ଷା ପରର ମିଟିଂ ହୋଇଥିଲା । ସୁନନ୍ଦା ଯାଇଥିଲା । ପୁଣି କାହିଁକି ଡକେଇ ପଠେଇଲେ ସ୍କୁଲବାଲା ତାଙ୍କୁ? ସ୍କୁଲ ଫି' ତ ତିନି ମାସ ପାଇଁ ଦେଇ ଦେଇଛନ୍ତି ସେ। ସାଙ୍ଗସାଥୀଙ୍କ ସହ ଗଣ୍ଡଗୋଳ କି ମାରପିଟ୍ କରିନି ତ ରୋହନ? ସ୍କୁଲରେ ପଡ଼ିଗଲା କି ଦେହ ଖରାପ ହେଲା କି ଆଉ? ଏମିତି ଅଫିସ୍‌ରେ ବସି ନାନା ଭାବନାରେ ଘାରି ହେଉଥିଲେ ବିବେକ ।

ଅପରାହ୍ଣ ଚାରିଟା ବେଳକୁ ଅଫିସ୍‌ରୁ ଗାଡ଼ି ଷ୍ଟାର୍ଟ କଲେ ବିବେକ । ରୋହନର ସ୍କୁଲ ଅଭିମୁଖେ ସେ । ରୋହନ ଜନ୍ମବେଳେ ଅନେକ ସ୍ୱପ୍ନ ଦେଖିଥିଲେ ବାପା ହିସାବରେ । ପୁଅକୁ ପାଠ ପଢ଼େଇବେ, ଭଲ ସଂସ୍କାର ଶିଖେଇବେ । ହେଲେ ତା'ର ସ୍ୱଭାବ ଯାହା କୋଉଟା ବି ଠିକ୍ ଭାବରେ ହେଉନି । ପିଲାଟା ଏତେ ଦୁଷ୍ଟ ହେଉଛି ଯେ, ପାଖରେ ତ ବସୁ ନାହିଁ କିଛି ଶିଖେଇବା ତ ଦୂରର କଥା । ଘରର କୌଣସି ଜିନିଷ ଆଉ ଅଭଙ୍ଗା ନାହିଁ । ଅବଶ୍ୟ ଟିକେ ବଡ଼ ହେଲାରୁ ଆଉ ଭଙ୍ଗାରୁଜା କରୁନାହିଁ । ସ୍କୁଲ ଗଲା ପରେ ପ୍ରାୟ ଦିନ ସ୍କୁଲରୁ ଫୋନ୍‌ରେ ତା' ନାଁରେ ଅଭିଯୋଗ ଆସେ, ଆଜି ରୋହନ କାହାକୁ ପେଲି ଗୋଡ଼ ହାତ ଭାଙ୍ଗି ଦେଇଛି ନଚେତ୍ କାହାକୁ ମାରି ନାକ ଫଟେଇ ଦେଇଛି । ପିଟିଏମ୍‌କୁ ଗଲେ ପିଲାଙ୍କ ସମ୍ପର୍କରେ ଭଲ କଥା ଶୁଣିକି ଆସନ୍ତି ବାପା ମାଆ । ହେଲେ ରୋହନ ବାବଦରେ ସମସ୍ତଙ୍କ ସାମ୍ନାରେ କ୍ଲାସ୍ ଟିଚର୍‌ଙ୍କୁ କିଛି ପଚାରିବାକୁ ଖରାପ ଲାଗେ ବିବେକଙ୍କୁ । କାରଣ ପୂର୍ବରୁ ଅନେକ ଥର ନେଗେଟିଭ୍ ରିମାର୍କ ଶୁଣିବାକୁ ପଡ଼ିଛି ତାଙ୍କୁ । ତେଣୁ ସମସ୍ତେ ପଳେଇ ଯିବା ପରେ ଏକାନ୍ତରେ ଦି ପଦ କ୍ଲାସ୍ ଟିଚର୍‌ଙ୍କ ସହିତ କଥା ହେବେ ବୋଲି ଅପେକ୍ଷା କରନ୍ତି ସେ ଆଉ ସୁନନ୍ଦା ।

"ଆଗକୁ ହଇରାଣ ହେବେ । ତାକୁ ଟିକିଏ ଜଗନ୍ତୁ ଏବେଠାରୁ", କୁହନ୍ତି କ୍ଲାସ୍ ଟିଚର୍ । ପାଠ ତ ଯାହା ପଢୁଛି । ସାଙ୍ଗସାଥୀମାନଙ୍କ ସହିତ ସବୁବେଳେ ଝଗଡ଼ା ମାରପିଟ୍ । ଏ ପରି କି ଟିଚର୍‌ଙ୍କ ସହିତ କେମିତି କଥା ହେବାକୁ ହୁଏ ଜାଣୁନି ରୋହନ । ପ୍ରିନ୍ସପାଲଙ୍କୁ ବି ଡର ଭୟ ନାହିଁ ତା'ର । ତାଙ୍କ ସାମ୍ନାରେ ବି ଅନ୍ୟ ପିଲାଙ୍କୁ ଭାଷା ଖରାପ କରି କହୁଛି । କ୍ଲାସ୍ ଟିଚର୍ ହିସାବରେ ମତେ ଶୁଣିବାକୁ ପଡୁଛି ତା' ପାଇଁ" କୁହନ୍ତି ସୋନାଲି ମିସ୍ ।

ଯେତେଥର ପିଟିଏମ୍ ଗଲେ ବି ରୋହନ ବାବଦରେ ଖରାପ ମନ୍ତବ୍ୟ ଶୁଣିବାକୁ ପଡ଼ିଲା ବିବେକଙ୍କୁ । ଆସିକି ଘରେ ପୁଅ ଉପରେ ବିରକ୍ତ ହୁଅନ୍ତି ସେ । ସେହି କଥାକୁ ନେଇ ସୁନନ୍ଦା ସହ ଝଗଡ଼ା ହୁଏ । ମୁହଁ ଫୁଲାଫୁଲି, କଥାବାର୍ତ୍ତା ବନ୍ଦ ହୁଏ ସପ୍ତାହେ ଯାଏଁ । ତେଣୁ ପ୍ରାୟ ପାଞ୍ଚ ମାସ ହେବ ବିବେକ ଆଉ ଯାଉ ନଥିଲେ ପିଟିଏମ୍‌କୁ । ସୁନନ୍ଦା ପାଇଁ ସ୍କୁଟି କିଣି ଦେବା ପରେ ଏକା ସେ ଯାଉଛନ୍ତି ।

ମୋବାଇଲ୍‌ରେ ଖେଳିବା ଛଡ଼ା ଅନ୍ୟ କୋଉଥିରେ ଆଗ୍ରହ ନ ଥାଏ ରୋହନର। ଟିକିଏ ସମୟ ପାଇଲେ ମୋବାଇଲ୍ ଧରି ବସେ । ସେଥିରେ ଏମିତି ବୁଡ଼ିଯାଏ ଯେ କେହି ଡାକିଲେ ବି ଶୁଣିପାରେନି ସେ । କ'ଣ ସବୁ ଦେଖିକି ହସି ହସି ଗଡ଼ିଯାଏ । ମୁହଁ ଉଠାଏନି ମୋବାଇଲ୍‌ରୁ । ବିବେକ ଏସବୁ ଦେଖି ବିରକ୍ତ ହୁଅନ୍ତି । ବାବା ବିରକ୍ତ ହେବାର ଦେଖିଲେ ମୋବାଇଲ୍ ଥୋଇଦିଏ ରୋହନ । ପୁଣି କିଛି ସମୟ ପରେ ଯାହାକୁ ସେଇଆ ।

ଆସନ୍ତା ସପ୍ତାହରେ ପରୀକ୍ଷା । ଷଷ୍ଠ ଶ୍ରେଣୀରେ ପଢୁଥିବା ରୋହନ ବହି ଧରୁ ନଥାଏ ଜମା । କେତେବେଳେ ସାଇକେଲ ଧରି କୁଆଡ଼େ ପଳାଏ ତ ଆଉ କେତେବେଳେ ମୋବାଇଲ୍ ଧରି ଗେମ୍ ଖେଳେ। ପୁଅକୁ ଦେଖି ବ୍ୟସ୍ତ ହୋଇପଡ଼ନ୍ତି ବିବେକ। ହେଲେ ସୁନନ୍ଦା କୁହନ୍ତି,"ଏ ବୟସରେ ବୁଝେଇ ଶୁଝେଇ କହିଲେ ଭଲ । ତା' ଉପରେ ଚିଡ଼ିଚିଡ଼ି ହେଲେ କିଛି ଲାଭ ନାହିଁ । ବଡ଼ ହେଲେ ଆପେ ବୁଝିଯିବ ସେ । ଆଜିକାଲି ଯୁଗରେ ମୋବାଇଲ୍ ଦେଖନା ବୋଲି ଆଉ କହିଲେ ହବ କି? କରୋନା ସମୟରୁ ଅନଲାଇନ୍ କ୍ଲାସ୍ ତ ସବୁ ପିଲାଙ୍କୁ ମୋବାଇଲ୍ ଧରିବା ଅଭ୍ୟାସରେ ପକାଇଦେଲା ।" ତେଣୁ ପୁଅର ମୋବାଇଲ ଦେଖା ସପକ୍ଷରେ ସବୁବେଳେ ଯୁକ୍ତି ବାଢ଼ନ୍ତି ସୁନନ୍ଦା ।

ଅନେକ ଭାବନା ଭିତରେ ରୋହନ ସ୍କୁଲର ପ୍ରିନ୍ସିପାଲ୍ ବସୁଥିବା କୋଠରି ଭିତରେ ଆସି ପହଞ୍ଚିଯାଇଥିଲେ ବିବେକ । ପ୍ରିନ୍ସିପାଲ୍ ରୋହିତ ଶେଖର କହିଲେ,"ବୁଝିଲେ ବିବେକବାବୁ ସବୁ ପିଲାଙ୍କର ପାଠ ହୁଏନି । ମୁଁ ବି ରୋହନର ପାଠପଢ଼ା ବାବଦରେ କହିବାକୁ ଡକେଇନି ଆପଣଙ୍କୁ । ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଆମ ସ୍କୁଲର ବାର୍ଷିକ ଉତ୍ସବରେ ରୋହନକୁ ଆମ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯିବ । ସେଦିନ ରୋହନକୁ ସମ୍ବର୍ଦ୍ଧିତ କରୁଥିବା ବ୍ୟକ୍ତି ଜଣକ ଆମ ସ୍କୁଲର ମୁଖ୍ୟ ଅତିଥି ଏବଂ ସେହି ବ୍ୟକ୍ତିଜଣଙ୍କୁ ନିଜର ଉପସ୍ଥିତ ବୁଦ୍ଧି ପାଇଁ ମରଣ ମୁହଁରୁ ବଞ୍ଚେଇ ଦେଇଛି ରୋହନ । ସେଥିପାଇଁ ଆମେ ସମସ୍ତେ ଆଜି ଗର୍ବିତ । ତାକୁ ପଚରା ଯିବାରୁ ସେ କ'ଣ କହିଲା ଜାଣନ୍ତି?" ସେ କହିଲା,"ମୋ ପୁରସ୍କାରର ଶ୍ରେୟ ମୋ ବାବାଙ୍କୁ ଦେବି । ସେ ଦିନେ ମତେ ସ୍କୁଲରୁ ଘରକୁ ନେବା ବାଟରେ ନିଜର ଗାଡ଼ି ଅଟକାଇ ଜଣେ ଅନ୍ଧଲୋକକୁ ରାସ୍ତା ପାର କରାଇ ତା'ର ଜୀବନ ରକ୍ଷା କରିଥିଲେ ।" ସେଦିନର ସେହି ଘଟଣା ତା'ର କଅଁଳ ମନରେ ପ୍ରଭାବ ପକାଇଥିଲା ।

ସେଦିନର ଘଟଣା ସମ୍ପର୍କରେ ସେ କ'ଣ କହିଲା ଶୁଣନ୍ତୁ - "ଦୁଇମାସ ତଳେ ଦିନେ ରୋହନ ସ୍କୁଲ ଆସିବା ରାସ୍ତାରେ ଦେଖିଲା ତା' ସାମ୍ନାରେ ଜଣେ ମୋଟର ସାଇକେଲ ଆରୋହୀଙ୍କୁ କାର୍‌ଟିଏ ଧକ୍କା ଦେଇ ଦ୍ରୁତ ବେଗରେ ପଳେଇଗଲା । ଟିକିଏ ଅଟକିଲା ନାହିଁ ଲୋକଟି ବଞ୍ଚିଲା ନା ମଲା ଦେଖିବାକୁ । ଛଟପଟ ହେଉଥାଏ ସେ ବ୍ୟକ୍ତିଜଣକ । ରୋହନ ଦେଖିଲା ଲୋକଟିର ମୁଣ୍ଡ ଫାଟି ରକ୍ତ ବାହାରୁଛି। ସେ ଚେତାଶୂନ୍ୟ ପ୍ରାୟ ହୋଇ ଯାଇଛି । ପାଖଦେଇ ଯାଉଥିବା ଲୋକେ କେହି ସାହାଯ୍ୟ ନ କରି ନିଜ ନିଜ ରାସ୍ତାରେ ଚାଲି ଯାଉଥାଆନ୍ତି । ସାଇକେଲରୁ ଓହ୍ଲେଇ ବ୍ୟାଗରୁ ପାଣି ବୋତଲ ବାହାର କରି ରୋହନ ତାଙ୍କ ମୁହଁରେ କିଛି ପାଣି ଛାଟିଦେଲା ଆଉ କେଇବୁନ୍ଦା ପାଣି ତାଙ୍କ ପାଟିରେ ଦେଲା । ତାଙ୍କ ଚେତା ଫେରିଆସିବାରୁ ରାସ୍ତାରେ ଯାଉଥିବା ଟେମ୍ପୋକୁ ଅଟକାଇ ତାଙ୍କୁ ଡାକ୍ତରଖାନା ନେଲା । ଡାକ୍ତରଙ୍କୁ ଅନୁରୋଧ କରିବାରୁ ସେ ଚିକିତ୍ସା ଆରମ୍ଭ କଲେ । ଯାହା ଫଳରେ ସେ ବଞ୍ଚିଗଲେ। ଠିକଣା ସମୟରେ ତାଙ୍କୁ ହସ୍ପିଟାଲରେ ପହଞ୍ଚାଇ ଥିବାରୁ ରୋହନକୁ ଡାକ୍ତର ସାବାସୀ ଦେଲେ ଏବଂ କହିଲେ ଆଉ କିଛି ସମୟ ବିଳମ୍ବ ହୋଇଥଲେ ହୁଏତ ସେ ବଞ୍ଚି ନଥାନ୍ତେ । ପରେ ଜଣାପଡ଼ିଲା ସେ ବ୍ୟକ୍ତି ଜଣକ କଟକର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସମାଜସେବୀ। ରୋହନ ତାଙ୍କର ଜୀବନ ବଞ୍ଚେଇ ଥିବାରୁ ତାଙ୍କ ଅନୁଷ୍ଠାନ ତରଫରୁ ସେ ଆମ ସ୍କୁଲର ବାର୍ଷିକ ଉତ୍ସବରେ ତାକୁ ପୁରସ୍କୃତ କରିବେ । ଆସନ୍ତା ବାର୍ଷିକ ଉତ୍ସବରେ ରୋହନର ମାମାଙ୍କୁ ଧରି ଆପଣ ଆମ ସ୍କୁଲର ସେହି ବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆମ ଖୁସିରେ ସାମିଲ ହେବାକୁ ଅନୁରୋଧ ।"


ସେତେବେଳକୁ ବିବେକବାବୁଙ୍କ ଆଖିରେ ଜକେଇ ଆସିଥିଲା ଖୁସିର ଲୁହ। ସେ ଅନୁଭବ କରୁଥିଲେ, ଉଚ୍ଚାରଣରେ ନୁହେଁ ବରଂ ଆଚରଣରେ ପିଲାମାନେ ଅଧିକ ପ୍ରଭାବିତ ହୁଅନ୍ତି ।

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

## ପୁସ୍ତକ ପରିଚୟ

### ଅମନ ମନ୍ଦିରେ ବାସ

 କ୍ଷୀରୋଦ ପରିଡ଼ା





ପକ୍ଷୀଘର
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଓଡ଼ିଆ କାବ୍ୟ ସାହିତ୍ୟର ଯୁଗଜନ୍ମା କବି ଭୀମ ଭୋଇ । ଏହି ମହାନ୍ କବିଙ୍କ ଜୀବନକୁ ଆଧାର କରି ରଚିତ କ୍ଷୀରୋଦ ପରିଡ଼ାଙ୍କ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସ ପ୍ରକାଶ ପାଇଛି । ସନ୍ଥ କବି ଭୀମ ଭୋଇଙ୍କ ଜୀବନ ଜିଜ୍ଞାସାର ଅନୁପମ ପରିଚିତି ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି । ଏହି ଉପନ୍ୟାସର ନାୟକ ଖୁବ୍ ଶକ୍ତିମାନ । "ସେ ଗୁଣ ନୁହେଁ ନିର୍ଗୁଣର ନୀରାଜନା କରିବେ, ବେଦ ନୁହେଁ ନିର୍ବେଦର ସାଧନା କରିବେ । ଆଭିଜାତ୍ୟ ନୁହେଁ ସରଳ ଲୋକଭାଷାରେ କହିବେ, ସଂଖ୍ୟା ଗରିଷ୍ଠ ଲୋକମାନଙ୍କ ପାଇଁ । ସେ ହେବେ ଲୋକକବି ।" (ପୃଷ୍ଠା: ୯୫) ଏହି ଉକ୍ତିରୁ ଉପନ୍ୟାସର ନାୟକଙ୍କ ଜୀବନ ଦର୍ଶନ ଓ ମହତ୍ ଚିନ୍ତାଧାରା ବେଶ୍ ସ୍ପଷ୍ଟ ଭାବେ ପ୍ରସ୍ଫୁଟିତ । ଭୀମ ଭୋଇଙ୍କ କାବ୍ୟିକ ଦୃଷ୍ଟିଭଙ୍ଗୀ, ଚିନ୍ତା, ଚେତନା, ବିଚାର, ବିବେକର ସ୍ୱର ପ୍ରକାଶ ପାଇଛି ଏହି ଚରିତ ଉପନ୍ୟାସରେ । ଉପନ୍ୟାସର ଚରିତ୍ର ଚିତ୍ରଣ, ଉପସ୍ଥାପନା ଶୈଳୀ, ଭାବ, ଭାଷା ପ୍ରୟୋଗ ଓ କାବ୍ୟିକ ପ୍ରତିବେଦନ ଅତି ଚମତ୍କାର ଭାବେ ଫୁଟି ଉଠିଛି । ସନ୍ଥକବି ଭୀମ ଭୋଇଙ୍କ ଜୀବନ ଚରିତ ଉପନ୍ୟାସରେ କବିଙ୍କ ରଚିତ କାବ୍ୟ, କବିତାର ପଦପଙ୍କ୍ତିର ସଂଯୋଜନା ଏହାର କାବ୍ୟିକ ଆବେଦନକୁ ଅଧିକ ମର୍ମସ୍ପର୍ଶୀ କରିଛି । ଜୀବନ ଦର୍ଶନ ଓ ଜୀବନବୋଧ ଆଧାରରେ ରଚିତ ଏହି ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ମୋ ମାଆ ମୋ ପ୍ରେରଣା

ଅଚ୍ୟୁତ ସାମନ୍ତ




ବିଦ୍ୟାପୁରୀ
ବାଲୁବଜାର, କଟକ-୭୫୩୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ମା' ମମତାମୟୀ, ପ୍ରେରଣାଦାୟିନୀ, ଶକ୍ତିପ୍ରଦାୟିନୀ । ଜୀବନରେ ମା'ର ବିକଳ୍ପ ନାହିଁ। ଜଣେ ମା'ର ସଂଘର୍ଷମୟ ଜୀବନ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଅଚ୍ୟୁତ ସାମନ୍ତଙ୍କ 'ମୋ ମାଆ ମୋ ପ୍ରେରଣା' ପୁସ୍ତକରେ । ଲେଖକ ଶ୍ରୀଯୁକ୍ତ ସାମନ୍ତ ନିଜ ମା' ନୀଳିମାରାଣୀଙ୍କ ସଂଘର୍ଷମୟ ଜୀବନର କଥାକୁ ଅତି ନିରାଡ଼ମ୍ବର ଓ ସାବଲୀଳ ଭାଷାରେ ଲିପିବଦ୍ଧ କରିଛନ୍ତି ଏହି ପୁସ୍ତକରେ । ଜୀବନର ସବୁ ଝଡ଼ଝଞ୍ଜା, ନାନା ଅଭାବଅସୁବିଧା ସତ୍ତ୍ୱେ ପରିବାର, ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୀଳିମାରାଣୀଙ୍କ ମହନୀୟ ବ୍ୟକ୍ତିତ୍ୱର ଆଭା ଏହି ପୁସ୍ତକରେ ପ୍ରସ୍ଫୁଟିତ ହୋଇଉଠିଛି । 'କଳରାବାଙ୍କର ଶେଫାଳି', 'ଅନ୍ଧାରି ମୁଲକର କଥା', 'କପାଳ ଲିଖନ କେ କରିବ ଆନ', 'ଅନାଦି ଓ ନୀଳିମାରାଣୀ', 'ଅଳପ ଧନ ବିକଳ ମନ', 'ସଂଗ୍ରାମ ସରି ନାହିଁ', 'ଶେଷହୀନ ଆଶ୍ଚର୍ଯ୍ୟ', 'ମାନବୀୟ ଚେତନାର ଚିତ୍ରଖାତା' ଆଦି ପରିଚ୍ଛେଦଗୁଡ଼ିକରେ ତାଙ୍କ ଆଦର୍ଶ ବ୍ୟକ୍ତିତ୍ୱ, ଜୀବନର ମହନୀୟ ଆଭିମୁଖ୍ୟ, ପ୍ରତିଟି ସମସ୍ୟାକୁ ସାମ୍ନା କରିବାର ସତ୍ ସାହସକୁ ଲେଖକ ଅତି ହୃଦୟସ୍ପର୍ଶୀଭାବେ ବର୍ଣ୍ଣନା କରିଛନ୍ତି । ଜଣେ ମା'ର ସଂଘର୍ଷ, ତ୍ୟାଗ, ତିତିକ୍ଷା, କରୁଣ କାହାଣୀକୁ ପାଠକମାନେ ଅନୁଭବ କରିପାରିବେ ଏହି ପୁସ୍ତକରେ । 'ମୋ ମାଆ ମୋ ପ୍ରେରଣା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ପ୍ରତିବିମ୍ବ

ଚକ୍ରପାଣି ପରିଚ୍ଛା



ଅଚାନକ ସାମ୍ନାରେ ଆସି ଠିଆ
ପ୍ରତିବିମ୍ବ,
ନିଜର

ବୁଝିପାରେନା
ଆଇନା ଭିତରୁ ଉଠିଆସିଲା କେମିତି,
କେଉଁ ଅର୍ଗଳି ପାର୍ ହେଇ

କହେ
କେତେ ଆକର୍ଷଣୀୟ ତମ ଚେହେରା

ଆହା
କି ମଧୁର କଟାକ୍ଷ
ସ୍ନାୟୁର ଜଙ୍ଗଲରେ ନିଆଁ ଚରିଯାଏ

ଗୋଟେ ମଳିନ
ଗୋଟେ ଅପରିଚ୍ଛନ୍ନ ଚେହେରାର
ଅସଜଡ଼ା ମଣିଷ ପାଇଁ
କେତେ ଦରଦ


କହେ ବି
ଜାଣେ, ତମ ଚେହେରା ଭିତରର
ସବୁତକ ଗୁମର
ପାପପୁଣ୍ୟର ଖେଳ

ମୁଁ ଯେ ଗୋଟେ ମାତାଲ ପତଙ୍ଗ
ଝାସ ଦେଇପାରେ
ଡହଡହ ନିଆଁର ହ୍ରଦରେ,
ପାପର

ଜଳିବାକୁ ଭଲପାଏ ବୋଲି
ଜଳେ ବାରମ୍ବାର
ଏବଂ ଉଠିଆସେ ଫିନିକ୍ସ ପକ୍ଷୀ ପରି

ପ୍ରତିବିମ୍ବ
ଜୀବନର ସର୍ବଶ୍ରେଷ୍ଠ ବିସ୍ମୟ
ନିଜ ପାଇଁ... ।

ମୋ: ୯୧୭୮୬୪୭୧୩୭



# ଶବ୍ଦସ୍ନାନ

ପ୍ରତିଭା ପରିଡ଼ା



ଏମିତି କ'ଣ
ଶବ୍ଦମୟ ହୋଇ ଯାଉଛ ଯେ !
ମୁଁ ଢୋକି ପାରୁନି ସେ ସବୁ...
କାହିଁ କେତେ ଜନ୍ମରୁ
ମୁଁ ଶବ୍ଦଟିଏ ଶୁଣିନି,
ଚାରିପାଖରେ ମୋର ସ୍ୱରମୟ ମାଟି...
ଅଥଚ କେଉଁ କାଳରୁ
ମୁଁ ନୀରବ ହୋଇ ଯାଇଛି...

ମୁଁ ସ୍ଥିରା ପୃଥ୍ୱୀଟେ,
ଏମିତି ମହିମମୟ ଆବେଗରେ
ସାରା ସଂସାରକୁ ଢାଙ୍କି ରଖିଛ ଯେ,
ତୁମ ଆପ୍ଳୁତ ଆଶିଷର ଧାରାରେ
ମୋ ଛାତିର ଶବ୍ଦ ସବୁ
ଜୁଡୁବୁଡୁ ହୋଇ ପଡୁଛି...
ମୁଁ ତ କେଉଁ କାଳରୁ
ପ୍ରାର୍ଥନାର ନୈବେଦ୍ୟ ପାଲଟି ସାରିଛି...

ମହୁଆ ଆକାଶରୁ
ଗୋଟି ଗୋଟି ତାରା ତୋଳି ଦେବା ଭଳି,
କେଉଁଠୁ ଏତେ ଶବ୍ଦର ସମ୍ଭାର ଆଣି
ଭରି ଦେଉଛ ମୋ ଆତ୍ମାରେ !
ଟଳମଟଳ ଦେହ ମୋର
ଅଜଣା ଏକ ମହାମନ୍ତ୍ରର ଭାରାରେ
ପୁଲକିତ ହୋଇ ପଡୁଛି
ଶବ୍ଦସବୁକୁ ଶୋଷି ନେବାର ତପସ୍ୟା କରୁଛି...
ଦେଖ !
ତୁମ ସାରା ବିଶ୍ୱାସର ବିଭୂତିକୁ,
ମୋ ଆୟୁଷର ବର୍ଣ୍ଣମାଳାରେ
ମୁଁ କେମିତି ସଜେଇ ଦେଉଛି...

ପାର୍କ ପାରାଡାଇଜ୍ କଲୋନୀ
ରଘୁନାଥପୁର, ନନ୍ଦନକାନନ ରୋଡ୍
କିଟ୍ ଛକ, ଭୁବନେଶ୍ୱର-୭୫୧୦୨୪
ମୋ: ୮୯୧୭୬୦୩୪୪୨

# ଓଡ଼ିଆ ଲୋକଗୀତରେ ପଲ୍ଲୀପ୍ରକୃତି

ଡ. ସଂଘମିତ୍ରା ମହାପାତ୍ର



ଯେଉଁ ସାହିତ୍ୟ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଛି, ତାହା ଲୋକସାହିତ୍ୟ ପଦବାଚ୍ୟ। ମନୁଷ୍ୟର ମୌଳିକ ଆବଶ୍ୟକତା ପରିପୂରଣ ହେଲାପରେ ଚିତ୍ତ ବିନୋଦନର ପ୍ରଥମ ମାଧ୍ୟମ ପାଲଟିଥିଲା ଲୋକସାହିତ୍ୟ । ଏହାକୁ ପଲ୍ଲୀ ସାହିତ୍ୟ, ଲଘୁ ସାହିତ୍ୟ, ଗାଉଁଲି ସାହିତ୍ୟ, ଲୋକବେଦ ଓ ମୌଖିକ ସାହିତ୍ୟ ମଧ୍ୟ କୁହାଯାଏ । ବିଶିଷ୍ଟ ସମାଲୋଚକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲୋକସାହିତ୍ୟ ସଂପର୍କରେ କୁହନ୍ତି- "ମୌଖିକ ସାହିତ୍ୟ ପଲ୍ଲୀ ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା। ଯେକୌଣସି ଲୋକସମାଜର ଏହା ହିଁ ଆଦିମ ସଙ୍ଗୀତ, ତେଣୁ ଅଲିଖିତ, ନିତ୍ୟ ନୂତନ, ସହଜ, ସରଳ, ସମ୍ଭ୍ରାନ୍ତ ଓ ସ୍ୱାଭାବିକ । ପଲ୍ଲୀଜୀବନର ହସକାନ୍ଦ, ସୁଖଦୁଃଖ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିବା ହେତୁ ଏହା ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ । ଏହା ଲୌକିକ ଭାଷା ଓ ଲୋକମାନସର ପ୍ରକୃଷ୍ଟ ବାର୍ତ୍ତା ବହନ କରିଥାଏ ।"

ଲୋକସାହିତ୍ୟର ଏକ ହୃଦୟସ୍ପର୍ଶୀ ବିଭବ ହେଉଛି ଲୋକଗୀତ । ଲୋକଗୀତର ପରଂପରା ଖୁବ୍ ପ୍ରାଚୀନ । ଲୋକଗୀତର ସୁସଜ୍ଜିତ ମାଳରେ ହଳିଆଗୀତ, ଶଗଡ଼ିଆଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ସୁଆରିଡାକଗୀତ, ଭାଲୁକୁଣୀ ଗୀତ, ଦୋଳି ଗୀତ, କାନ୍ଦଣା ଗୀତ, ପୁଚି ଖେଳ ଗୀତ, ଶିଶୁ ଗୀତ ଆଦି ଗୁନ୍ଥି ଦେଇଛି ଲୋକକବି । ଲୋକଗୀତର ବିବିଧ ବର୍ଣ୍ଣାଳୀ ଭିତରେ ସେ ଆଙ୍କିଛି ତା'ର ଆଖ ପାଖର ଚିତ୍ର ଚରିତ୍ର, ପଲ୍ଲୀ ପ୍ରକୃତି ଏବଂ ପରିବେଶ। ପୁରପଲ୍ଲୀର ମଣିଷ ପଲ୍ଲୀପ୍ରକୃତି ସହିତ ଘନିଷ୍ଠ ଭାବେ ଜଡ଼ିତ । ପ୍ରକୃତି ତା'ର ଜୀବନ ଓ ଜୀବିକା । ସେଇ ପ୍ରକୃତିର ଗଛଲତା, ନଦୀଝରଣା, ପାହାଡ଼ପର୍ବତ, ପଶୁପକ୍ଷୀ, ବିଲବଣ, ଋତୁ ବର୍ଣ୍ଣନା, ସକାଳସନ୍ଧ୍ୟା ପ୍ରଭୃତିକୁ ନେଇ ମନଲୋଭା ଗୀତ ଗାଇଛି, ପୁଣି ଏଇ ଗୀତ ତା'ର କର୍ମ କ୍ଳାନ୍ତକୁ ପାଶୋରି ଦେଇ ମନରେ ଆନନ୍ଦର ପ୍ଲାବନ ଭରି ଦେଇଛି ।

ଲୋକଗୀତ ସମ୍ପର୍କରେ ଲୋକସାହିତ୍ୟର ସଂଗ୍ରାହକ ଚକ୍ରଧର ମହାପାତ୍ର କୁହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହିଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରି ନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତକୋଣରେ ସୃଷ୍ଟି ଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନମାନସର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ ।"

କୃଷି ହେଉଛି ଆମର ଜୀବନ ଜୀବିକା । କୃଷକଟିଏ ଖରା ବା ବର୍ଷା ସମୟରେ ନିଜ କ୍ଷେତରେ ଚାଷ କଲା ବେଳେ, ଶଗଡ଼ ବାହିଲା ବେଳେ କଠିନ ଶ୍ରମର ବେଦନା ଓ ନିଃସଙ୍ଗତାକୁ ପରିହାର କରି ସେ ଦୃଶ୍ୟମାନ ପଲ୍ଲୀପ୍ରକୃତିକୁ ତା'ର ସ୍ୱରରେ ବାନ୍ଧି ରଖି ଗାଉଥାଏ:-

"ଗୋଠକୁ ସୁନ୍ଦର ଗାଈ
ଗାଆଁକୁ ସୁନ୍ଦର ନଡ଼ିଆ ଗଛ ଛାଇ
ଝିଅକୁ ସୁନ୍ଦର ଜୋଇଁ
ତିରିଶ ସୁନ୍ଦର ପିତଳ ଖଡୁବାହୀ ।"

ପୁନଶ୍ଚ ଯାତ୍ରୀମାନଙ୍କ ଯାତ୍ରା କାଳରେ ଶଗଡ଼ିଆ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଗାଇଛି:-

"ଏ...ଦୂରକୁ ସୁନ୍ଦର ତ ପରବତ ମାଳ
ଗାଆଁକୁ ସୁନ୍ଦର ତ ନଡ଼ିଆ ଗୁଆ ତାଳ ।
ବନ୍ଧୁକୁ ସୁନ୍ଦର ତ ଦିଶଇ ଦୂର ହାଟ
ସିନ୍ଧୁକୁ ସୁନ୍ଦର ତ ଲହଡ଼ା ଭଙ୍ଗା ଘାଟ ।
ସଭାକୁ ସୁନ୍ଦର ତ ପ୍ରଧାନ ସାନ ଭାଇ
ଗୋଠକୁ ସୁନ୍ଦର ତ ଦୁହାଁଳିଆ ଗାଈ ।
ଘରକୁ ସୁନ୍ଦର ଯେବେ ଲୋ ଘରଣୀ
ନ ଯିବୁ ବାପଘର ଲୋ ।"

(ଉତ୍କଳ ଗାଉଁଲି ଗୀତ, ପୃଷ୍ଠା-୪୨୫)

ଏହି ଗୀତରେ ଗାଁର ସୌନ୍ଦର୍ଯ୍ୟ, ବନ୍ଧୁ ଓ ପରିବାରର ସୁନ୍ଦରତା ପ୍ରାଧାନ୍ୟ ଲାଭ କରିଛି । ବିଲରେ ଚାଷ କଲାବେଳେ, ଧାନରୁଆ, ବଛା ଖେଳୁଆ, ଧାନକଟା ସମୟରେ ଚାଷୀଟିଏ ଉଦାତ୍ତ କଣ୍ଠରେ ଗାଇଥାଏ ମନମତାଣିଆ ଲୋକଗୀତ । ଏଇ ଗୀତଗୁଡ଼ିକରେ କୃଷକର ଅଭାବୀ ଦୁନିଆର ବ୍ୟଥା ବେଦନାଭରା କଥା ପ୍ରକାଶ ପାଇଥାଏ। କୃଷକଟିଏ ପାହାନ୍ତା ପ୍ରହରରୁ ଆସି ବିଲରେ ହାଡ଼ଭଙ୍ଗା ପରିଶ୍ରମ କରେ, ପେଟରେ ତା'ର ଦାନା ପଡ଼ି ନଥାଏ । ତେଣୁ ଶ୍ରମଜନିତ ବୁଭୁକ୍ଷୁରୁ ଆଶ୍ୱସ୍ତି ଅନୁଭବ ଲାଗି ସେ ଲୋକଗୀତର ଆଶ୍ରିତ ହୋଇପଡ଼ିଥାଏ ।

ଓଡ଼ିଶାର ଗଣପର୍ବ ହେଉଛି 'ରଜ' । ରଜର ପୂର୍ବଦିନ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି ଓ ଶେଷ ରଜ ଉତ୍ସବରେ ଓଡ଼ିଶାର ଘରେ ଘରେ ପିଠା ପଣା, ପାନ, ଦୋଳିଖେଳ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆବାଳବୃଦ୍ଧବନିତା ଏହି ଲୋକପର୍ବରେ ସାମିଲ ହୁଅନ୍ତି। ବିଶେଷ କରି ଝିଅବୋହୂମାନେ ଦୋଳି ଖେଳିବା ସମୟରେ ମହାଆନନ୍ଦରେ ରଜଦୋଳି ଗୀତ ଏକ ସ୍ୱରରେ ଗାଆନ୍ତି-

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଚି ରଜ
ଆସିଚି ରଜ ଲୋ ଘେନି ନୂଆ ସଜବାଜ ।"

ସେହିପରି କୁମାର ପୂର୍ଣ୍ଣମୀ, ଖୁଦୁରୁକୁଣୀ ଓଷା, ରଜ ଓ ବିଭିନ୍ନ ପର୍ବପର୍ବାଣିରେ ତରୁଣୀମାନେ ପୁଚି ଖେଳ ଖେଳନ୍ତି। ଏହି ଖେଳ ଶରୀରକୁ ସୁସ୍ଥ ରଖିବା ସହ ମନରେ ପ୍ରଶାନ୍ତି ଆଣେ। ପୁଚି ଖେଳ ସାଧାରଣତଃ ଦୁଇପ୍ରକାରର, ଯଥା ଠିଆ ପୁଚି ଓ ବସା ପୁଚି। ପୁଚି ଖେଳିବା ସମୟରେ ଝିଅମାନେ ଗାଁ, ପରିବାର ପରିମଣ୍ଡଳର କଥାକୁ ଗୀତରେ ରୂପାୟିତ କରି ଗାଇଥାନ୍ତି ।

କୁଆଁରୀ କନ୍ୟାମାନେ କୁମାର ପୂର୍ଣ୍ଣମୀ ଦିନ "କୁଆଁର ପୁନେଇଁ ଜହ୍ନ ଗୋ...ଫୁଲ ବଉଳ ବେଣୀ" ପରି ଲାଳିତ୍ୟପୂର୍ଣ୍ଣ ଗୀତ ଗାନ କରନ୍ତି । ସେହିପରି ପରିବାରର ଅଲିଅଳ କନ୍ୟାଟିଏ ବାହାଘରର ବିଦାୟ ଲଗ୍ନରେ ଶାଶୁଘରର ପରିବେଶ ଓ ଚଳନଣିକୁ ଠଉରେଇ ଭୋ' ଭୋ' ହୋଇ ଅନ୍ତରର ବେଦନାକୁ କାନ୍ଦଣା ଗୀତ ମାଧ୍ୟମରେ ପରିପ୍ରକାଶ କରେ । ସେ ମା, ବାପା, ଭାଇ, ଭାଉଜ, ଖୁଡ଼ୀ, ସାଙ୍ଗସାଥୀମାନଙ୍କୁ ଝୁରି ହୋଇ ବାହୁନି ବାହୁନି କାନ୍ଦିଥାଏ ।

ମା', ଗୋସେଇଁ ମା' ଓ ଆଇ ମା' ଛୋଟି ପିଲାମାନଙ୍କୁ ଖୁଆଇବା, ଶୁଆଇବା, ଅଝଟ ଶିଶୁକୁ ବୁଝାଇବା ସମୟରେ ଶିଶୁ ଗୀତ ଗାନ କରି ଶୁଣାଇ ଥାଆନ୍ତି। ପ୍ରଭାତ ସମୟରେ ପ୍ରକୃତିର ଚିତ୍ର ବର୍ଣ୍ଣନା କରି ଲୋକକବି ଶିଶୁକୁ ଚିଆଁଇବା ବେଳେ ଗୀତ ଗାଇଛି :- "ପହିଲା ଶର୍ବରୀରେ ବଂଶୀଧାରୀ ଉଠ ଉଠ/ କାକ କୁକ୍‌କୁଟ କୋକିଳ ଧ୍ୱନି କଲେ କୋଳାହଳ/ ପୂର୍ବ ଦିଗେ/ ଉଦେ ଗଗନ ବିହାରୀରେ/ ପାହିଲା ରଜନୀରେ ରଘୁମଣି ଉଠ ଉଠ ।" ସେହିପରି ପିଲାକୁ ବୁଝାଇବା ସମୟରେ ବୁଢ଼ୀ ମା' ଗାନ କରେ- "ବାଇ ଚଢ଼େଇରେ ବାଇ ଚଢ଼େଇ/ ତୋ ମା' ଯାଇଚି ଗାଈ ଚରେଇ ।" ବାଇଚଢ଼େଇ ଏବଂ ଗାଈ ଚରାଇବା ଦୁଇଟି ଯାକ କଥା ତତ୍କାଳୀନ ଗ୍ରାମୀଣ ଜୀବନକୁ ବେଶ୍ ପ୍ରଭାବିତ କରୁଥିଲା ।

ଶିଶୁ ବଡ଼ ହେଲା ପରେ ସାଙ୍ଗସାଥୀ ମେଳରେ ନିଜେ ଗୀତ ଗାଇ ଖୁସି ଅନୁଭବ କରିଥାଏ । ଆଉ ଆମ୍ ବିଭୋର ହୋଇ ଗାଇଉଠେ : - "ମେଘ ବରଷିଲା ଟୁପୁରୁ ଟୁପୁରୁ/ କେଶୁର ମାଇଲା ଗଜା ।" ଦିନେ ଦିନେ ଝୁରୁଝୁରୁ ବର୍ଷା ହେଉଥାଏ, ପୁଣି ଖରା ବି ପଡ଼ିଥାଏ । ଋତୁଚକ୍ରରେ ପ୍ରକୃତିର ପରିବର୍ତ୍ତନକୁ ଅନୁଭବ କରି ଲୋକଗୀତ ସ୍ରଷ୍ଟା ଗାନ କରିଛି- "ଖରା ହେଉଛି ବର୍ଷା ହେଉଛି, ବିଲୁଆ ନନା ବାହା ହେଉଛି ।"

ଲୋକଗୀତର ଲାଳିତ୍ୟ ଓ ସରଳ ବୋଧଗମ୍ୟତା ହିଁ ଲୋକପ୍ରିୟତାର ପ୍ରଧାନ କାରଣ । ଲୋକଗୀତ କେବେ କେବେ ନିରର୍ଥକ ହେଲେ ମଧ୍ୟ ଅନେକ ସମୟରେ ସାର୍ଥକ ଅର୍ଥ ବହନ କରି ଚମତ୍କାର ବାର୍ତ୍ତା ପ୍ରେରଣ କରିଛି । ଲୋକକବି ପ୍ରାକୃତିକ ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ଗୀତ ପରେ ଗୀତ ଗାଇଛି, ଏ ଗୀତ ଗାଇବାର ଶେଷ ନାହିଁ ।

ଶ୍ରୀଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୮୩୨୮୯୫୩୭୬୭

# ହାଇୱା-କାର୍ ଧକ୍କା; ୨ ଗୁରୁତର

ଢେଙ୍କାନାଳ,୧୩।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ହାଇୱା ଧକ୍କାରେ କାରରେ ଯାତ୍ରା କରୁଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ 'ସକାଳ'ର ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ପଟ୍ଟନାୟକ। ଦେବବ୍ରତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଇତିଶ୍ରୀଙ୍କ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କାରରେ ଥିବା ଦେବବ୍ରତଙ୍କ ଝିଅ ସୁରକ୍ଷିତ ଅଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ଜବତ କରି ତଦନ୍ତ ଆରମ୍ଭ କରିଛି। ଦେବବ୍ରତ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ କାର୍ ଯୋଗେ ରାଉରକେଲାରୁ ଭୁବନେଶ୍ୱର ଯାଉଥିଲେ। ଗେଙ୍ଗୁଟିଆ ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ହାଇୱା ଓଆର୦୬-ପି୯ ୯୨୧ ତାଙ୍କ କାରକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

# ଗୟଳ ଆକ୍ରମଣରେ ଜଣେ ମୃତ

ନୀଳଗିରି, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡି ଗ୍ରାମରେ ଗୟଳ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୋରୁ ହଜିଯାଇଥିବାରୁ ଶନିବାର ସକାଳେ ନୀଳଗିରି ବ୍ଲକ ଅଧୀନ କୁଲଡିହା ପାଦଦେଶକୁ ଲାଗି ରହିଥିବା କଇମହୁଡି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଜି (୨୭) କଇମହୁଡି ବିଟ୍ ନିକଟ କାଶିଆଡାହିକୁ ଯାଇଥିଲେ। ସେଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଏହି ଦୁଇଜଣଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ମକରା ଗୁରୁତର ହୋଇଥିବା ବେଳେ ଦୁର୍ଗା ସାମାନ୍ୟ ଆହାତ ହୋଇଥିଲେ। ମକରା ସେଠାରୁ ଜୀବନ ବିକଳରେ ପଳାଇ ଆସି ଗାଁରେ ଖବର ଦେଇଥିଲା। ଗ୍ରାମବାସୀ ଓ ପରିବାରଲୋକେ ଗୁରୁତର ମକରାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

# ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ବାଲେଶ୍ୱର, ୧୩।୧୨(ସମିସ): ଟାଉନ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଗତ ବୁଧବାର ବିଦ୍ୟାଳୟର ଗଣିତ ଶିକ୍ଷକ ସେକ ରିହାନ ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟ ଛାତ ଉପରକୁ ନେଇ ଅସଦାଚରଣ ଉଦ୍ୟମ କରିବା ବେଳେ ପୀଡ଼ିତାଜଣକ ଚିତ୍କାର କରିଥିଲେ। ଫଳରେ ଶିକ୍ଷକଜଣକ ସେଠାରୁ ପଳାଇ ଯାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଆଜି ପରିବାର ଓ ଗାଁ ଲୋକେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ହେବା ଦେଖି ଶିକ୍ଷକଜଣକ ସ୍କୁଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଛାତ୍ରୀଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରେମ ପ୍ରତାରଣା

# ପ୍ରେମିକକୁ ଖୋଜିଖୋଜି ଭୁବନେଶ୍ୱରରୁ ମୟୂରଭଞ୍ଜ

ବାରିପଦା,୧୩।୧୨(ସମିସ): ଫେସ୍‌ବୁକ୍‌ରୁ ଚିହ୍ନା ପରିଚୟ ଏବଂ କଥାବାର୍ତ୍ତାରୁ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ବିବାହ କରିବାକୁ ନିଷ୍ପତ୍ତି ନେଇ ଦୁହେଁ ଘରଛାଡ଼ି ଭୁବନେଶ୍ୱର ଚାଲି ଆସିଥିଲେ। ବିବାହ ପୂର୍ବରୁ କିଛି ଦିନ ଏକାଠି ରହି ପରସ୍ପରକୁ ଜାଣିବା ପାଇଁ ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ। କିନ୍ତୁ, ଏଥିରେ ବାଧକ ସାଜିଲା ଘରଭଡ଼ା। ବିବାହ କରି ନଥିବାରୁ ସହରଟା ସାରା ଦୁହିଁଙ୍କୁ ଘରଭଡ଼ା ଦେବାକୁ କେହି ରାଜି ହେଲେନି। ତେଣୁ ଭୁବନେଶ୍ୱର ରେଳଷ୍ଟେସନ୍‌ରେ ୫ ମାସ କାଟିଦେଲେ। ଗୁଜୁରାଣ ମେଣ୍ଟାଇବା ପାଇଁ ଟ୍ରାଭେଲ



ଏଜେନ୍ସିରେ କାମ କଲେ। କିନ୍ତୁ ବିବାହ ପାଇଁ କଥା ଉଠାଇବାରୁ ପ୍ରେମିକାଠାରୁ ୧୫ ହଜାର ଟଙ୍କା ନେଇ ଏକୁଟିଆ ଛାଡ଼ି ଫେରାର୍ ହୋଇଗଲା ପ୍ରେମିକ। ସେପଟେ ପ୍ରେମିକକୁ ଖୋଜିଖୋଜି ଯୁବତୀଜଣଙ୍କ ସୋନପୁର ଓ ଏବେ ମୟୂରଭଞ୍ଜରେ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଏଠାରେ ଚର୍ଚ୍ଚାରେ ବିଷୟ ହୋଇଛି। ଫେରାର୍ ପ୍ରେମିକ ହେଲା, ମୟୂରଭଞ୍ଜ ଜିଲ୍ଲା ଖାରପୋଖରିଆ ଥାନା ଅଞ୍ଚଳର ସଣ୍ଟୁ ମାଲ। ଖାରପୋଖରିଆ ପୁଲିସ ପିଣ୍ଟୁ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି। ଆଜି ପୁଲିସ ପ୍ରତାରକ ସଣ୍ଟୁର ଘରେ ଚଢ଼ଉ କରିଥିଲା। ସେହିପରି, ପ୍ରେମିକାର ଡାକ୍ତରୀମାଇନା ପରେ ତାକୁ ପୁଲିସ ବାରିପଦା ୱାନ ଷ୍ଟପ୍ ସେଣ୍ଟର୍‌ରେ ଛାଡ଼ିଥିଲ। ଆଜି ପୁଲିସ ତାଙ୍କୁ ବସ୍‌ରେ ନିଜ ଘର ସୋନପୁରକୁ ପଠାଇ ଦେଇଛି।

## ଶିମିଳିପାଳରେ ଶିକାରୀ ଗ୍ୟାଙ୍ଗ ଧରାପଡ଼ିବା ଘଟଣା

# ଦୁଇ ଜଣକୁ ରିମାଣ୍ଡରେ ନେଲା ବନ ବିଭାଗ

ବାରିପଦା, ୧୩।୧୨(ସମିସ): ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଜେନାବିଲ ରେଞ୍ଜରୁ ଧରାପଡ଼ିଥିବା ୫ଜଣିଆ ଶିକାରୀ ଗ୍ୟାଙ୍ଗର ଦୁଇଜଣ ସଦସ୍ୟଙ୍କୁ ବନ ବିଭାଗ ରିମାଣ୍ଡରେ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଅଞ୍ଚଳର ଜଡ଼ିଦା ଗ୍ରାମର ଛଲେ ହୋ (୨୩) ଓ ଶୁକ୍ରା ହୋ(୩୨)। ଉଭୟଙ୍କୁ



### ପୁଣି ୨ଟି ଦେଶୀ ବନ୍ଧୁକ ଜବତ

ରିମାଣ୍ଡରେ ନେବାକୁ ବନ ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଆଜି ଅନୁମତି ଦେଇଛନ୍ତି। ପଚରାଉଚରା ବେଳେ ଛଲେ ହୋ'ର ସୂଚନା ଆଧାରରେ ପୁଲିସ ତା' ପାଖରୁ ଆଉ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ଶିକାରୀଗ୍ୟାଙ୍ଗ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ନିମନ୍ତେ ପ୍ରବେଶ କରିଥିବା ବେଳେ ଏଆଇ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଜରିଆରେ ଧରାପଡ଼ିଥିଲେ। ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ ଜଡ଼ିଦା ଗ୍ରାମସ୍ଥ ଘରୁ ୫ ଜଣ ଶିକାରୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିଲା। ତାଙ୍କ ପାଖରୁ ପୂର୍ବରୁ ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ସିଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଗିରଫ ହୋଇଥିବା ଶିକାରୀ ହେଲେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯) ଓ ସୁକ୍ରା ହୋ (୩୨)। ପଚରାଉଚରା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ମଣ୍ଡି ଖୋଲୁଛି; ଧାନ ଉଠୁନି

# ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ ଚାଷୀ



ପଦ୍ମପୁର, ୧୩।୧୨ (ସମିସ): ଧାନବସ୍ତା ପକାଇ ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ; ରାସ୍ତା ଉପରେ ଆଣ୍ଠେଇ ଦୁଇ ହାତଯୋଡ଼ି ମୁଣ୍ଡିଆ ବି ମାରିଲେ। ଖାଲି ଗୋଟିଏ ଦାବି ପୂରଣ କର, ଆମ ଧାନ କିଣିନିଅ। ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଆସିଥିବା ଏଭଳି ଏକ ଚିତ୍ର ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ସରକାର-ମିଲର୍‌ଙ୍କ ମଧ୍ୟରେ ଟଣାଓଟରା ଏବଂ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ସରକାରୀ ଅବ୍ୟବସ୍ଥାର ଫଳ ଚାଷୀକୁ ଭୋଗିବାକୁ ପଡୁଛି। ଫଳରେ, ପାଖାପାଖି ମାସେ ତଳୁ ଅମଳ କରିଥିବା ଧାନ ଏବେ ଖଳାରେ ଶୀତ କାକର ଖାଉଛି। ଧାନମଣ୍ଡି ଖୋଲୁଥିଲେ ହେଁ ଚାଷୀଙ୍କ ଧାନ ଉଠୁନାହିଁ। ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବରରେ ଏହାକୁ ନେଇ ଆଜି ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ ଜଣାଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଧିଆ ପଡ଼ି ଧାନ ଉଠାଇବା ପାଇଁ ଗୁହାରି କରିଥିଲେ।

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ସେମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ ତଳେ ଧାନ ବସ୍ତା ପକାଇ ମୁଣ୍ଡିଆ ମାରି ସମସ୍ତ ଧାନ ତୁରନ୍ତ କିଣିବାକୁ ଅନୁରୋଧ କରିଥିଲେ।

ଗତ ଖରିଫ ଋତୁରେ ପଦ୍ମପୁର ଆର୍‌ଏମ୍‌ସିଠାରୁ ୩୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୯୨ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଛି। ହେଲେ ସେଥିରୁ ୪୨ଟି ସେଣ୍ଟରରେ ଧାନ କିଣା ଆରମ୍ଭ ହୋଇନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ପ୍ୟାକେଟ୍ ଧାନ ପଡ଼ି ରହିଛି। ମାତ୍ର ୪୦ ହଜାର ପ୍ୟାକେଟ ଧାନ କିଣା ହୋଇଛି। ସେହିପରି, ପାଖାପାଖି ୭୦% ଚାଷୀଙ୍କ ଟୋକନ ଏଯାଏଁ ଆସିନାହିଁ। ଅନେକ ଚାଷୀଙ୍କ ଟୋକନ୍ ଜମି ତୁଳନାରେ ବହୁତ କମ ଆସିଛି। କିଛି ଟୋକନରେ ଜାନୁଆରୀ ମାସରେ ଧାନ ବିକ୍ରି କରିବାର ଧାର୍ଯ୍ୟ ତାରିଖ ଅଛି। ଅଣ-ଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି। ହେଲେ

### ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ

### ପଦ୍ମପୁର ଉପଖଣ୍ଡରେ ଧାନ ବିକ୍ରି ସମସ୍ୟା ଉତ୍କଟ

ବଳକା ଧାନ କ'ଣ କରାଯିବ, ସେ ସଂପର୍କରେ ସରକାର ଏଯାଏଁ କିଛି ନିଷ୍ପତ୍ତି ନେଇ ନାହାନ୍ତି। ଏହି ସବୁ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିବା ବେଳେ ଚାଷୀର ଦୁଃଖ ବଢ଼ି ଚାଲିଛି। ବର୍ଷଯାକର ପରିଶ୍ରମ ଆଖି ଆଗରେ ଖରା-ତରାରେ ନଷ୍ଟ ହେଉଥିବା ଦେଖି ଚାଷୀର କୋହ ସମ୍ଭାଳ ପଡୁନି। ତେବେ ତୁରନ୍ତ ଧାନ କିଣାନଗଲେ, ଆସନ୍ତା ସୋମବାର ବଡ଼ଧରଣର ଆନ୍ଦୋଳନ କରିବା ସହ ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମର୍ଥକଙ୍କ ଭଙ୍ଗାରୁଜା...

ଆୟୋଜକମାନେ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣଳ କରିବା ଲାଗି ସେଠାରେ ଦଙ୍ଗା-ବିରୋଧୀ ସୁରକ୍ଷା ଯବାନଙ୍କୁ ମୁତୟନ କରିବାକୁ ପଡ଼ିଥିଲା।

ଏହି ଗଣ୍ଡଗୋଳିଆ ସ୍ଥିତି ଯୋଗୁଁ ସରକାର ଓ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ପୁଲିସ୍ ଅଟକ ରଖିଛି ଓ ଦର୍ଶକଙ୍କ ସମସ୍ତ ଅର୍ଥ ଫେରସ୍ତ ଦିଆଯିବ ବୋଲି ଡିଜିପି ରାଜୀବ କୁମାର ଘୋଷଣା କରିଛନ୍ତି। ଆୟୋଜକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଘୋଷଣା କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ଏହାପରେ ମେସି ହାଇଦରାବାଦ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥକ ଓ ଦର୍ଶକଙ୍କୁ ଆମୋଦିତ କରିଛନ୍ତି।

## ନାଗରିକତା ଛାଡୁଛନ୍ତି...

କାରଣରୁ ଏହି ନାଗରିକଙ୍କୁ ସେଠାରୁ ବିଦା କରାଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ, ଇସ୍ରାଏଲରୁ ଅପରେସନ ଅଜୟ, ଇରାନ- ଇସ୍ରାଏଲର ଅପରେସନ ସିନ୍ଧୁ ମାଧ୍ୟମରେ ଭାରତୀୟଙ୍କୁ ବିଦେଶରୁ ଅଣାଯାଇଛି। ପୁଣି କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟ ମୃତଦେହଗୁଡିକୁ ମଧ୍ୟ ଭାରତ ଅଣାଯାଇଛି।

## ବର୍ଦ୍ଧିତ ଦରମା...

ବିଧାନସଭାରେ ନିକଟରେ ପାରିତ ହୋଇଥିବା ବିରୋଧୀ ଦଳ ନେତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ମଧ୍ୟ ମୁଁ ତ୍ୟାଗ କରିବାକୁ ଚାହୁଁଛି। ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଏହି ଅର୍ଥକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରିବାକୁ ନବୀନ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଏହି ପତ୍ରକୁ ନବୀନ ବାଚସ୍ପତି ସୁରମା ପାଢୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ଗୋଟିଏ ଲେଖାଏ କପି ପ୍ରେରଣ କରିଛନ୍ତି।

ପୂର୍ବରୁ ମଧ୍ୟ ନବୀନଙ୍କର ଏଭଳି ଅନେକ ନିଷ୍ପତ୍ତି ରାଜ୍ୟବାସୀଙ୍କ ମନ ଜିଣିଛି। ୨୦୧୯ ଫନୀ ବାତ୍ୟା ବେଳେ ଓଡ଼ିଶା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହୋଇଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ ନିଜର ୬ ମାସର ଦରମା ଦାନ କରିବା ସହ ନିଜ ଦଳର ନେତା ଓ ଅନ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ ପାଇଁ ପ୍ରେରଣା ଦେଇଥିଲେ। ୨୫ ବର୍ଷ ଧରି ନିରଙ୍କୁଶ କ୍ଷମତାରେ ଥାଇ ମଧ୍ୟ କୌଣସି ବିଳାସବ୍ୟସନ ତାଙ୍କୁ ସ୍ପର୍ଶ କରି ପାରି ନ ଥିଲା। ପୋଷାକପତ୍ର କହିଲେ ଧଳା କୁର୍ତ୍ତା ପାଇଜାମା, ହାୱାଇ କିମ୍ବା କୋହ୍ଲାପୁର ଚପଲରେ ନବୀନଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇ ଅଦ୍ୟାବଧି ଅପରିବର୍ତ୍ତିତ ରହିଛି। ରାଜନୀତିରେ ନୀତି ଓ ନୈତିକତାକୁ ସେ ସର୍ବାଗ୍ରେ ପ୍ରାଧାନ୍ୟ ଦେଇଛନ୍ତି।

## ଆହୁରି ୩୬ ଘଣ୍ଟା...

ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୟକ୍ଷତିର ଭରଣା ପାଇଁ ଏକ ଆକଳନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଏମ୍‌ଭି-୨୬ ଗ୍ରାମରେ ନଷ୍ଟ ହୋଇଥିବା ଘର, ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ପ୍ରାୟ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ପୁନଃ ସ୍ଥାପିତ କରାଯାଇଛି। ପୀଡିତଙ୍କୁ ଦିନକୁ ଦୁଇ ଥର ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କମ୍ବଳ, ବିଛଣା, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ମଗ୍, ଜାରକିନ୍, ପୋଷାକ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ କରି ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ଟେକ୍ ହୋମ୍ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ପିଲାଙ୍କ ପାଇଁ ୟୁନିଫର୍ମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟରେ

ଏହି ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି ଶ୍ରୀ ପାଟିଲ ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଗ୍ରାମରେ ବିଗତ ଦିନରେ ହୋଇଥିବା ପୋଡାଜଳା ଘଟଣାରେ ୬ ଜଣଙ୍କୁ ପୁଲିସ ଗିରଫ କରିଥିବା ସୂଚାଇଛନ୍ତି।

## ରକ୍ତମୁଖା ବାଲି ମାଫିଆ...

ପାଞ୍ଚ ଜଣ ଯୁବକ ଫେରାର ହୋଇଥିବା ବେଳେ ଦୁଇଟି କାର ଯାଇ ପାରିନଥିଲା। ତେବେ କାର ଭିତରେ ଥିବା ଚାରି ଜଣ ଯୁବକକୁ ଗ୍ରାମବାସୀ ଅଟକ କରି ଥାନା କୁ ହସ୍ତାନ୍ତର କରିଥିଲେ। ସିଂଲା ପୁଲିସ ଓ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ପୁଲିସ, ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ନେଇ ଏକ ଶାନ୍ତି କମିଟି ହୋଇଥିବା ଜଣା ପଡିଛି।

## ୪୫ ବର୍ଷ ପରେ...

ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁବନନ୍ତପୁରମକୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି।

**AFFIDAVIT**
By virtue of an affidavit no-257 before the Executive magistrate, Jatni on dt 26/11/25 , I Birendra Maharana, At- Timeipur, Po- Garhsanapur, Ps-Kanas, Dist- Puri, Pin-752060, I have changed my minor daughter's name from Senahanjali Maharana to Snehanjali Maharana. Henceforth she will be known as **Snehanjali Maharana** for all purposes.
Birendra Maharana

**AFFIDAVIT**
I, Chhatiani Raut M/o Kishor Chandra Rout, Resident of At- Govindapur, Po- Gadadhar Prasad, Ps- Itamati, Dist- Nayagarh, Odisha, Pin-752068, declare by this affidavit No.15AA 192677 dtd 29.10.2025 that now onwards I shall be known as **CHHATIANI ROUT** for all future purposes.

**AFFIDAVIT**
I, Kishor Chandra Raut S/o Chhatiani Rout, Resident of At-Govindapur, Po- Gadadhar Prasad, Ps- Itamati, Dist- Nayagarh, Odisha, Pin- 752068, declare by this affidavit No.15AA 192677 dtd 29.10.2025 that now onwards I shall be known as **KISHOR CHANDRA ROUT** for all future purposes.

**AFFIDAVIT**
I, Sekh Abaas Alli, S/o- Sekh Hado, At-Mirzapur, Po- Balaramgadi, Ps- Marine, Dist-Balasore, Odisha declare by this Affidavit No-10714 dtd. 10.10.2025 that now onwards I Shall be known as **SEKH ABAAS ALI** For all future purposes.

**AFFIDAVIT**
I, Sanjay Jain, aged about 51 years, S/o- Mohan Lal Jain, resident of At- Hudco Colony, Madhuban, PS- Baripada, Town, Dist- Mayurbhanj, Odisha declared by this affidavit No. 2506, dtd- 13/12/2025 that now onwards I shall be known as **SANJAY KUMAR JAIN** for all future purposes.

**AFFIDAVIT**
I, Samta Jain, aged about 47 years, W/o- Sanjay Kumar Jain, resident of At- Madhuban, Ward No. 9, PS- Baripada, Town, Dist- Mayurbhanj, Odisha declared by this affidavit No. 2507, dtd- 13/12/2025 that now onwards I shall be known as **SAMATA JAIN** for all future purposes.

**PUBLIC NOTICE**
This Notice is hereby given that my client Mrs. Archana Agarwal, D/O Imantaram Agrawalla has lost Original ROR bearing Khata No- 2414/3800 & 2414/5965 in favour of Ramotar Agarwal and ROR bearing Khata No-2414/5964 in favour of Pawan Kumar Agarwal, Mouza- Bargarh, Tahsil-Bargarh, Dist- Bargarh, State-Odisha and a FIR (Complaint No-2486701 0072500050) for the same has beed lodged at Sahidnagar Police Station on 12-12-2025. All person/ persons are hereby informed to put their claims or interest of objection about the said above referred documents and/or about the said property or any part thereof, within a period of 15days along with the sufficient evidence from appearance of this notice. If RORs are not found within 15 days, then the certified copy of the document obtained from the registry office will be considered as the original document.
Samir Kumar Paikaray
(Advocate) Bhubaneswar Court
Ph: 7008005419

**AFFIDAVIT**
I, N. Pratyusha, aged about 31 years, D/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN- 752050, Odisha declared by this affidavit No. 289, dtd- 09/12/2025 that now onwards I shall be known as **NANGIRA PRATYUSHA** for all future purposes.

**AFFIDAVIT**
I, N.Sarada, aged about 54 years, W/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN- 752050, Odisha declared by this affidavit No. 290, dtd- 09/12/2025 that now onwards I shall be known as **NANGIRA SARADA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Baripada, vide No. 81 dated 02/09/2025, henceforth I shall be known as Caran Patnaik for all purpose instead of Caran A Patnaik.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdcnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit before the Notary Public, Titilagarh, on dated: 11/12/2025. I, **Samarath Nag** (applicant name), S/o- Anakar Nag, permanent resident of AT- Pipilibandha, PO- Siker, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **July Nag** (old name) to **Jolly Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jolly Nag** (new name) for all future purposes.
Samarath Nag

**AFFIDAVIT**
By virtue of an affidavit (CF No. 02, dtd- 12/12/2025) sworn before the Executive Magistrate, Padampur. I, **Kaushalya Bhoi,** W/o- Bhojaraj Budek, permanent resident of AT- Buromunda, PO- Gaisilat, Dist- Bargarh, PIN- 768037, Odisha declare that I have changed my name from **Kaushalya Budek to Kaushalya Bhoi.** Henceforth, I shall be known as **Kaushalya Bhoi** (new name) for all purposes.
Kaushalya Bhoi

**OFFICE OF THE PRINCIPAL / SECRETARY**
**GOPINATHPUR SANSKRIT COLLEGE**
GOPINATHPUR SHASAN, JADUPUR, MARSHAGHAI, KENDRAPARA-754213
E-Mail: gopinathpursanskritcollege@gmail.com
MOB: 9938848073 / 9938884525
**ADVERTISEMENT**
Online applications through the HIMS Portal are invited from the willing retired persons, whose maximum age is 69 years as on **31.10.2025** for the guest faculty Contractual post of Lect. in Vyakarana, Darshan & Clerk, each one post, through the college mail directly. **Remuneration: Contractual payment fixed by HE Dept., Govt. of Odisha.**
Sd/- Principal

**AFFIDAVIT**
By virtue of an affidavit (CF No. 06, dtd- 12/12/2025) sworn before the Executive Magistrate, Padampur. I, **Jharana Bhoi,** W/o- Seklal Bhoi, permanent & current resident of AT- Kandadangar, PO- Bijadhol, Dist- Bargarh, PIN- 768042, Odisha declare that I have changed my minor daughter's name from **Jyosna Bhoi to Jyotshna Bhoi.** Henceforth, she shall be known as **Jyotshna Bhoi** (new name) for all purposes.
Jharana Bhoi

**AFFIDAVIT**
By virtue of an affidavit sworn before The Executive Magistrate, Sambalpur on dated- 10/12/2025. I, **Kunal Panigrahi,** S/o- Muralidhar Panigrahi, resident of AT: Madhupur, PO: Tileimal, PS: Laikera, Dist: Jharsuguda, Odisha, PIN- 768221 declare that I have changed my name from **Likun Panigrahi to Kunal Panigrahi.** Henceforth, I shall be known as **Kunal Panigrahi** (new name), S/o Muralidhar Panigrahi for all purposes.
Kunal Panigrahi

### ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା

# ଧାମନଗର ବ୍ଲକ୍‌ରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା



ଅସୁରାଳି, ୧୩।୧୨ (ସମିସ): ଧାମନଗର ବ୍ଲକ୍ ଧୁଷୁରୀସ୍ଥିତ ଗୋବିନ୍ଦଜୀଉ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା ଦେଖିଲେ ଲାଗେ ଯେପରି ଶିକ୍ଷାର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। ୧୯୩୪ ମସିହାରୁ ସ୍ଥାପିତ ହୋଇଥିବା ଏହି ପୁରାତନ ବିଦ୍ୟାଳୟ, ଆଜି ପର୍ଯ୍ୟନ୍ତ ପ୍ରଶାସନିକ ଉଦାସିନତାରେ ଅବହେଳିତ ହୋଇ ରହିଛି। ବିଦ୍ୟାଳୟରେ ବର୍ତ୍ତମାନ କେବଳ ୨୫ ଛାତ୍ରଛାତ୍ରୀ ପଢୁଛନ୍ତି। ୭ ଜଣ ଶିକ୍ଷକ ବଦଳରେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ନାହିଁ ଶୌଚାଳୟ, ନାହିଁ ବାଳିକାମାନଙ୍କ ପାଇଁ ପ୍ରକୋଷ୍ଠ, ନାହିଁ ପାନୀୟଜଳ ସୁବିଧା। ୟୁନିଫର୍ମ ଓ ପାଠ୍ୟପୁସ୍ତକ ମଧ୍ୟ ମିଳୁନାହିଁ। ପୂର୍ବରୁ ୧୮ଟି ସଂସ୍କୃତ ବିଦ୍ୟାଳୟ ଥିଲା, ବର୍ତ୍ତମାନ କେବଳ ୪ଟି ଚାଲୁ ରହିଛି। ପ୍ରଶାସନିକ ଉଦାସିନତା ଓ ଭିତ୍ତିଭୂମିର ଅଭାବରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ବିଦ୍ୟାଳୟ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଥିଲେ ବି ଶିକ୍ଷାର ଭିତ୍ତିଭୂମି ଅଧୁରା ରହିଛି। ଏହା ଦେଖାଉଛି ଯେ, ନୀତିଗତ ଘୋଷଣା ସତ୍ୟପି, ମୌଳିକ ସୁବିଧାରେ କୌଣସି ପ୍ରଗତି ହୋଇନାହିଁ। ଶିକ୍ଷକମାନେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ବିଦ୍ୟାଳୟକୁ ଚାଲୁ ରଖିଛନ୍ତି। ସେମାନଙ୍କର ଏହି ତ୍ୟାଗ ସତ୍ୟପି, ପ୍ରଶାସନିକ ସହଯୋଗ ନ ଥିବାରୁ ବିଦ୍ୟାଳୟର ଭବିଷ୍ୟତ ଅନିଶ୍ଚିତ। ଗୋବିନ୍ଦଜୀଉ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା କେବଳ ଏକ ସ୍ଥାନୀୟ ସମସ୍ୟା ନୁହେଁ, ଏହା ସମଗ୍ର ଶିକ୍ଷା ପ୍ରଣାଳୀର ଅବହେଳାର ପ୍ରତିକ। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏପରି ଅବସ୍ଥା ରହିବା, ପ୍ରଶାସନିକ ଅସମର୍ଥତାର ସ୍ପଷ୍ଟ ଦୃଷ୍ଟାନ୍ତ।

## ଭଦ୍ରକ ଇନ୍‌ଟାକ୍ ଶାଖା କାର୍ଯ୍ୟନିର୍ବାହୀ କମିଟି ଗଠିତ




ଭଦ୍ରକ, ୧୩।୧୨ (ସମିସ): ଭଦ୍ରକ ଇନ୍‌ଟାକ୍ ଶାଖାର ଜରୁରୀ ବୈଠକ ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସଠାରେ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ଦିଗମ୍ବର ମହାନ୍ତି, ପ୍ରଭାକର ମଲ୍ଲିକ, ଡ.ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଅଜିତ୍ ଦାସ, କରୁଣାକର ଉପାଧ୍ୟାୟ, ଅଜିତ୍ ନାୟକ ଓ ମୁକ୍ତିକାନ୍ତ ମହାପାତ୍ର। ଏଥିରେ ଅଧ୍ୟକ୍ଷତା କରିଥିଲେ ଦିଗମ୍ବର ମହାନ୍ତି। ଶାଖାର ସାଧାରଣ ସଦସ୍ୟଙ୍କ ସଦସ୍ୟତାର ନବୀକରଣ ସମ୍ପର୍କରେ ଆଲୋଚିତ ହୋଇ ବାର୍ଷିକ ଦେୟ ସହ ସଦସ୍ୟ/ସଦସ୍ୟାଙ୍କର ପ୍ରତିଜ୍ଞା ପତ୍ର ସହ ସଂଗୃହିତ ଅର୍ଥର ରସିଦ୍ ଦିଲ୍ଲୀ କାର୍ଯ୍ୟାଳୟକୁ ନବୀକରଣ ପାଇଁ ପ୍ରେରଣ କରାଯିବାର ସ୍ଥିର କରାଗଲା। ସର୍ବସମ୍ମତି କ୍ରମେ ଦିଲ୍ଲୀ କାର୍ଯ୍ୟାଳୟର ୨୦୨୪ ମସିହାର ନୀତି ନିର୍ଦ୍ଧାରଣ ପୁସ୍ତକରେ ଉଲ୍ଲିଖିତ ଗାଇଡ୍‌ଲାଇନ୍ ଅନୁସାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ଯୋଗ୍ୟ ୧୧ଜଣ ସଦସ୍ୟଙ୍କୁ ନେଇ କାର୍ଯ୍ୟନିର୍ବାହୀ ପରିଷଦ ନିମ୍ନମତେ ଗଠିତ ହେଲା। ପ୍ରଶାସନିକସ୍ତରର ଦକ୍ଷତା ଥିବା ଦିଗମ୍ବର ମହାନ୍ତିଙ୍କୁ କନ୍‌ଭେନର, ଏସ୍‌ଏମ୍ ଫାରୁକ୍ ସମାଜସେବୀଙ୍କୁ ସହ କନ୍‌ଭେନର, ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଅତିରିକ୍ତ ସହ କନ୍‌ଭେନର, ଅର୍ଥ ସଞ୍ଚାଳନରେ ଦକ୍ଷତା ଥିବା ଆଡ୍‌ଭୋକେଟ୍ ଅଫିସ ନିର୍ବାହୀ ଭାବେ ଚିତ୍ତରଞ୍ଜନ ବରାଳ, ଅଫିସ୍ ନିର୍ବାହୀ ଭାବେ ଆର୍କିଟେକ୍‌ଚରରେ ଦକ୍ଷତା ଥିବା ଇଂ. ମଧୁସୂଦନ ସାହୁ, ବିଶିଷ୍ଟ ଐତିହାସିକ ଡ. ଭାଗବତ ତ୍ରିପାଠୀ, ଯୋଜନା ଓ ସମନ୍ୱୟରେ ଦକ୍ଷତା ଥିବା ଇଂ. ସୁବାସ ଚନ୍ଦ୍ର ସାହୁ, କଳା ଓ ସଂସ୍କୃତିରେ ଦକ୍ଷତା ଥିବା ଡ. ଗୋଲକ ବିହାରୀ ସାହୁ, ପ୍ରାଚୀନ କଳାରେ ଦକ୍ଷତା ଥିବା ପ୍ରଫେସର ରତିକାନ୍ତ ମହାନ୍ତି, ପରିବେଶବିତ୍ ବିଚିତ୍ରାନନ୍ଦ ମହାନ୍ତି, ଆଇନଜ୍ଞ ଆଦିତ୍ୟ ନାୟକଙ୍କୁ ସଦସ୍ୟ ଭାବେ ନିର୍ବାଚିତ କରାଗଲା। ଭଦ୍ରକର ଚାନ୍ଦବାଲି ବନ୍ଦର ସମ୍ପର୍କରେ ଅନୁଧ୍ୟାନ ଓ ପରବର୍ତ୍ତୀ ଉନ୍ନତୀକରଣ, ଧାମନଗର ଗୋହିରା ଟିକିରିର ଐତିହାସିକ ଅନୁସନ୍ଧାନ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଗାନ୍ଧୀ ସ୍ମୃତି ପୀଠର ନବୀକରଣରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇବା ସହ ଭଦ୍ରକର ବିଭିନ୍ନ ଲୁକ୍କାୟିତ କଳା, ସଂସ୍କୃତି, ଐତିହ୍ୟ ପୁନର୍ବିନ୍ୟାସ ପାଇଁ ଭଦ୍ରକ ଶାଖା ଚଳିତ ଦିବସଠାରୁ ପଦକ୍ଷେପ ନେବା ସହ ପଦଯାତ୍ରା ମାଧ୍ୟମରେ ବିଭିନ୍ନ ଐତିହ୍ୟସ୍ଥଳୀର ବିଶେଷଜ୍ଞ ଲୋକଲୋଚନକୁ ଆଣିବା ପାଇଁ ପୁସ୍ତକ ଆକାରରେ ପ୍ରକାଶନ କରାଇବାର ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ମଦନମୋହନ ନାୟକ, ବିଜୟ ମହାନ୍ତି, ସନ୍ତୋଷ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ସଂଗ୍ରାମ କେଶରୀ ଦାସ, ଚନ୍ଦ୍ରମୋହନ ମହାନ୍ତି, ଅନାଦି ଚରଣ ଦାସ, ଅରବିନ୍ଦ ବସନ୍ତରାୟ, ଆଦିତ୍ୟ ଗୋସ୍ୱାମୀ, ହରେକୃଷ୍ଣ ସାହୁ, ବିବେକାନନ୍ଦ ମୁଖାର୍ଜୀ, କମଳାକାନ୍ତ ସ୍ୱାଇଁ, ମନ୍ଦରଧର ଦୀକ୍ଷିତ୍, ସୁକାନ୍ତ କମିଲା, ସୁରେଶ ସାହୁ, ଲକ୍ଷ୍ମଣ ମହାନ୍ତି, ବାବୁଲାଲ୍ ଦାସ, ଅଶୋକ ଦାସ, ଗୟାଧର ପଣ୍ଡା, ହୃଷୀକେଶ ମହାନ୍ତି, ଦୁଃଶାସନ ମହାନ୍ତି, ଉଦୟନାଥ ମହାନ୍ତି, ଶାନ୍ତିଲତା ବାରିକ୍, ଆଶିଷ କୁମାର ଦେବ ଗୋସ୍ୱାମୀ, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହରମୋହନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକୁଳା ପଡ଼ିଛି ରାଜପଥ ଡ୍ରେନ୍

ବାରିକପୁର,୧୩।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଏବେ ଡ୍ରେନ୍‌ଗୁଡ଼ିକ ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି। ରାଜପଥରୁ ଜଳ ନିଷ୍କାସନ ପାଇଁ ରାସ୍ତାକୁ ଲାଗି ନିର୍ମାଣ ହୋଇଥିବା ଡ୍ରେନ୍ ଅନେକ ଜାଗାରେ ମଧ୍ୟ ନଷ୍ଟ ହୋଇଛି। ଏହାଛଡ଼ା କେତେକ ସ୍ଥାନରେ ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଭାବେ କିଛି ଜଳ ନିଷ୍କାସନ ପଥ ପଡ଼ିରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁଠି ପାଣି ଯିବା ପାଇଁ କଂକ୍ରିଟ ୱାଲ୍ ନିର୍ମାଣ ହୋଇ ତା' ଉପରେ ପକ୍କା ସ୍ଲାବ୍ ପଡ଼ିଥିଲା ସେଗୁଡ଼ିକ ଦୀର୍ଘ ମାସ ହେବ ନଷ୍ଟ ହୋଇଗଲାଣି। ତେଣୁ ଡ୍ରେନଗୁଡ଼ିକ ଏବେ ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। ଡ୍ରେନ୍ ମୁକୁଳା ଥିବା ହେତୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି ବୁଲା ଗୋରୁଗାଈ ଭଗ୍ନ ଡ୍ରେନ୍‌ରେ ପଡ଼ି ଆହତ ହେଉଛନ୍ତି। ରାସ୍ତାର ଏଭଳି ଚିତ୍ର ଆଖୁଆପଦା, ଯଶୋଟିକିରି, ଦରଡ଼ା, ପୁରିପଡ଼ା, ଧାମନଗର ଛକ, ବାରିକପୁର, କହରାପୋଖରୀ ଆଦି ସ୍ଥାନରେ ଦେଖାଯାଇଛି। ତେଣୁ ଏହା ଉପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ଦୃଷ୍ଟି ଦେବା ଜରୁରୀ ହୋଇଛି।

## ବେଧଡ଼କ ଚାଲିଛି ଓଭର୍‌ଲୋଡିଂ ବାଲି ଚାଲାଣ

ଦୋଲସାହି,୧୩।୧୨(ସମିସ): ତିହିଡ଼ି ତହସିଲ୍ ଅଧୀନରେ ବେଧଡ଼କ ଭାବେ ଓଭର୍‌ଲୋଡିଂ ବାଲି ଚାଲାଣ ହେଉଥିବାବେଳେ ତିହିଡ଼ି ତହସିଲ୍ କୋମାରେ ଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଭଦ୍ରକ-ଚାନ୍ଦବାଲି ରାଜପଥରେ




ଦୈନିକ ଶହଶହ ସଂଖ୍ୟାରେ ଓଭର୍‌ଲୋଡିଂ ବାଲି ହାଇୱା ନିୟମିତ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ରାଜପଥ କଡ଼ରେ ବିଭିନ୍ନ ସ୍ଥାନରେ ବାଲି ବେପାର କରୁଥିବା ନେଇ ଅନେକ ସମୟରେ ଅଘଟଣ ଘଟୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଦୋଲସାହି-ବୋଡକ ପୂର୍ତ୍ତବିଭାଗ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ବେଆଇନ ଭାବେ ଓଭର୍‌ଲୋଡିଂରେ ବାଲି ଚାଲାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବାଲି ଚାଲାଣ କିଛି ପ୍ରଶାସନିକ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବେଧଡ଼କ ଭାବେ ଚାଲିଥିବାବେଳେ ରାଜସ୍ୱ ହାନୀ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ୧୫ ମାସ ହେଲା ୨ ପାଚିକାଙ୍କୁ ଦରମା ମିଳୁନି



ଦୋଲସାହି,୧୩।୧୨(ସମିସ): ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପରେ କର୍ଣ୍ଣପାତ କରୁନି ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ୨ଜଣ ପାଚିକାଙ୍କୁ ମିଳୁନି ୧୫ ମାସ ଧରି ଦରମା। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ଗାଁରେ ଅବସ୍ଥିତ ହରିଜନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଯମୁନା ଜେନା ଓ ମଞ୍ଜୁଲତା ଜେନାଙ୍କୁ ୧୫ ମାସ ଧରି ଦରମା ମିଳୁନାହିଁ। ବିଦ୍ୟାଳୟର ସଭାପତି ବିଦ୍ୟାଧର ଜେନା ବାରମ୍ବାର ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ଅବଗତ କରିଥିବା କହିଛନ୍ତି। ଏହି ଅଭିଯୋଗ ନେଇ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମାଝୀ ତଦନ୍ତ କରୁଥିବାବେଳେ ଏହାର ରିପୋର୍ଟ ପ୍ରକାଶ ପାଇନାହିଁ। ଉଭୟ ପାଚିକାଦ୍ୱୟ ଭଦ୍ରକ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଜେଜେବାପା, ଜେଜେମାଆ ସମ୍ମିଳନୀ

ବାରିକପୁର,୧୩।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ନିକଟ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରଠାରେ ଜେଜେବାପା, ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଧାତ୍ମିକବାଦୀ ସୁଦର୍ଶନ ନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତପନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବିତା ସେଠୀ, ସୁବାସିନୀ କର, କିଶୋର ଚନ୍ଦ୍ର ଦାସ, ମଧୁସୂଦନ ଦାସ, କରୁଣାକର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କରୁଣାକର ଖଣ୍ଡାଇଙ୍କ ରଚିତ ଓ ନିର୍ଦ୍ଦେଶିତ 'ବାର୍ଦ୍ଧକ୍ୟର ପରିଣତି' ଅନୁଷ୍ଠିତ ହୋଇଥିଲା। ଗୁରୁମା' ଶୁଭଲକ୍ଷ୍ମୀ ସେନାପତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା'ମାନେ ପରିଚାଳନା କରିଥିଲେ।

## କଂଗ୍ରେସର ପ୍ରସ୍ତୁତି ବୈଠକ

ବନ୍ତ/ଆଗରପଡ଼ା,୧୩।୧୨(ସମିସ): ଆଗରପଡ଼ାସ୍ଥିତ ମାଧବଜୀଉ ମନ୍ଦିର ପ୍ରାଙ୍ଗଣରେ ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସଭାପତି ମହେଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୯ଟି ପଞ୍ଚାୟତର ଯୁବ କଂଗ୍ରେସ ନେତାମାନେ ଉପସ୍ଥିତ ହୋଇ ଦଳକୁ କିପରି ମଜଭୁତ କରାଯିବ ତାକୁ ନେଇ ଆଲୋଚନା କରିଥିଲେ। ସେହିପରି ଆସନ୍ତା ୧୭ ତାରିଖରେ ବିଶାଳ ବାଇକ୍ ରାଲି ଓ ମିଶ୍ରଣ ପର୍ବ ଆୟୋଜନ ନେଇ ବିଚାରବିମର୍ଶ କରାଯାଇଥିଲା। ବୈଠକରେ ଚିନ୍ମୟ ସିଂହ, ଗୟାଧର ପତି, ବିଜୟ ବାରିକ, ପ୍ରକାଶ ମହାକୁଡ଼, ବିକାଶ ମହାକୁଡ଼, ସନ୍ଦୀପ ଜେନା, ରାଜେନ୍ଦ୍ର ସାହୁ, ସୁରେଶ ପ୍ରଧାନ, ସୁବ୍ରତ ପଣ୍ଡା, ରାଜେନ୍ଦ୍ର ବେହେରା, ବିନୋଦ ମାଝୀ, ଉପେନ୍ଦ୍ର ଜେନା, ଗୟାଧର ଘଡ଼େଇ, ରାଜୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ମାଟି ଖନନ



ବାରିକପୁର,୧୩।୧୨(ସମିସ): ଭଣ୍ଡାରିପୋଖରୀ ତହସିଲ୍ ଅନ୍ତର୍ଗତ ବୈତରଣୀ ନଦୀପଠା ସମେତ ବିଭିନ୍ନ ସ୍ଥାନରୁ ଏବେ ଲାଭଖୋର ବ୍ୟକ୍ତିମାନେ ଦୈନିକ ଶହଶହ ଟ୍ରିପ୍ ମାଟି ଖୋଳି ଚାଲାଣ କରୁଛନ୍ତି। ବେଆଇନ ବାଲି ପରିବହନ ଏକ ନିତିଦିନିଆ ଘଟଣା ହୋଇଥିବାବେଳେ ଏବେ ମାଟି ଚାଲାଣ ମଧ୍ୟ ଆରମ୍ଭ ହୋଇଗଲାଣି। ସମ୍ପ୍ରତି ନଦୀ କୂଳେ କୂଳେ ଏବେ ଇଟାଭାଟି ପ୍ରସ୍ତୁତ ପାଇଁ ବହୁଳ ପରିମାଣର ମାଟି ଆବଶ୍ୟକ ହେଉଛି। ତେଣୁ ଅସାଧୁ ବ୍ୟକ୍ତି ଓ ସ୍ଥାନୀୟ ଟ୍ରାକ୍ଟର ମାଲିକମାନେ ଗୋଚର, ମଶାଣି, ଗ୍ରାମ୍ୟ ଜଙ୍ଗଲ ପ୍ରଭୃତି ବିଭିନ୍ନ ସରକାରୀ କିସମ ଜମିରୁ ବୁଲ୍‌ଡୋଜର ଦ୍ୱାରା ମାଟି ଖୋଳି ବିକ୍ରି କରୁଛନ୍ତି। ବିଶେଷ କରି ସରକାରୀ ଛୁଟି ଦିବସଗୁଡ଼ିକରେ ଏଭଳି ବେଆଇନ ମାଟି ବେପାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ମଞ୍ଜୁରୀ ରୋଡ୍‌ଠାରୁ ଆରମ୍ଭ କରି କୁମ୍ଭାରିଆ, ରଘୁନାଥପୁର, ବନ୍ଧାଣ, ବିରୋଳୀ, ଝୁଟଣା, ବନ୍ଧାଳମଡ଼ିଆଳୀ, ବନସ୍ତା ପ୍ରମୁଖ ଅଞ୍ଚଳରେ ଏବେ ଚୋରା ମାଟି ଚାଲାଣ ହେଉଥିବା ସୂଚନା ମିଳିଛି। କେତେକ ରାଜସ୍ୱ ନିରୀକ୍ଷକ ଓ ତହସିଲ୍ କର୍ମଚାରୀ ଏଥିରେ ସହଯୋଗ କରୁଥିବା ଅଭିଯୋଗ ମାନ ହୋଇଛି।

## 'ଆସ ସ୍କୁଲ ଯିବା' ସଚେତନତା ଅଭିଯାନ



ବନ୍ତ/ଆଗରପଡ଼ା,୧୩।୧୨(ସମିସ): ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ନରାଜପୁର କ୍ଲଷ୍ଟର ଅନ୍ତର୍ଗତ କୁଆଁଶମଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା ଅଭିଯାନ ଓ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଦୀପ ପଲାଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବିନୋଦିନୀ ମହାନ୍ତି ଯୋଗଦେଇ ଉକ୍ତ ସଭାକୁ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ସରୋଜ ଜେନା, ପ୍ରଧାନଶିକ୍ଷକ ଶରତ ଦାସ, ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସିଆର୍‌ସିସି ଉପସ୍ଥିତ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସିଟିଏସ୍ ସର୍ଭେୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅବଗତ କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ବିଦ୍ୟାଳୟ ଆସି ନ ଥିବା ସମସ୍ତ ପିଲାଙ୍କୁ ସ୍କୁଲରେ ନାମ ଲେଖାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଆସ ସ୍କୁଲ୍ ଯିବା ଅଭିଯାନର ମୁଖ୍ୟ ଲକ୍ଷ୍ୟକୁ ସଫଳ କରିବାକୁ ସମସ୍ତେ ବଦ୍ଧପରିକର ହୋଇଥିଲେ। ପରେ ବିଭିନ୍ନ ଗ୍ରାମକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକଙ୍କ ସହିତ ଘରକୁ ଘର ଯାଇ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କୁ ସ୍କୁଲରେ ନାମ ଲେଖାଇ ନିମନ୍ତେ ସଚେତନ କରାଯାଇଥିଲା।

## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା



ଧାମନଗର/ଦୋବଲ,୧୩।୧୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଭଟସାହି ପଞ୍ଚାୟତର ଫଳପୁର ଗ୍ରାମର ବିଶିଷ୍ଟ ସମାଜସେବୀ ପରୋପକାରୀ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଏକାଦଶାହରେ ତାଙ୍କ ବାସଭବନରେ ଶନିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦେବେନ୍ଦ୍ର ମହାପାତ୍ର ଜଣେ ଛାତ୍ରବତ୍ସଳ ଓ ସମାଜସେବାରେ ଅତୁଳନୀୟ ଅବଦାନ ରହିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ରାଉତ ସଭାପତିତ୍ୱ କରିଥିବାବେଳେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ସଭାକୁ ସଞ୍ଚାଳନ କରିଥିଲେ। ବରିଷ୍ଠ ବିଜେଡି ନେତା ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବିଜେଡି ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ଶିକ୍ଷାବିତ୍ ହୃଦାନନ୍ଦ କର, ରାମଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗୌରାଙ୍ଗ ବାରିକ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ବାବୁଲା ରାଉତ ପ୍ରାରମ୍ଭିକ ସୂଚନା ଦେବା ସହ ଅଜୟ ମହାପାତ୍ର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଜିତନ ପଣ୍ଡା, ନିର୍ମଳ ଦାସ, ସନ୍ତୋଷ ଦାଶ, ସସ୍ମିତା ଦାସ, ସୁରେନ୍ଦ୍ର ପଲାଇ, କାଳନ୍ଦୀ ଜେନା, କାର୍ତ୍ତିକ ସାମଲ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ସାନ ପୁଅ ସଞ୍ଜୟ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ବ୍ରହ୍ମଚାରୀ ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବନ୍ତ/ଆଗରପଡ଼ା,୧୩।୧୨(ସମିସ): ବନ୍ତ ବ୍ଲକ୍ ଅଣିଜୋସ୍ଥିତ ବ୍ରହ୍ମଚାରୀ ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ପଣ୍ଡିତ ଦେବେନ୍ଦ୍ର କୁମାର ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅଜୟ ସାହୁ, ବିଜ୍ଞାନ ଶିକ୍ଷକ ନିତ୍ୟାନନ୍ଦ ନାୟକ, ପରିଚାଳନା କମିଟି ସଭାପତି ପୀତବାସ ପଣ୍ଡା, ପୁନାଗୀ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଖେଳ ପରିଚାଳନାରେ ଶିକ୍ଷକ/ଶିକ୍ଷୟିତ୍ରୀ ବୈରୀଗଞ୍ଜନ ଥାଟୋଇ, ବିଜୟ ପାଣିଗ୍ରାହୀ, କୈଳାଶ ଚନ୍ଦ୍ର ଚୌଧୁରୀ, ସସ୍ମିତା ପଣ୍ଡା, ସୁକାନ୍ତି



ଧ୍ରୁପତି, ସବିତା ସାହୁ, ବୁଦ୍ଧଦେବ ସ୍ୱାଇଁ, ବଳଦେବ ବେହେରା, ରବୀନ୍ଦ୍ର ବାରିକ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ସଟ୍‌ପୁଟ୍, ମ୍ୟୁଜିକ୍ ଚେୟାର ସମେତ ୧୨ଟି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିବାବେଳେ ଏହି କ୍ରୀଡ଼ାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ଆଗକୁ ନୂଆବର୍ଷ; ସମୟଚକ୍ରରେ ବଦଳିଛି ତରିକା

# ବଜାରରେ ଅଲୋଡ଼ା ହୋଇପଡ଼ିଛି 'ଶୁଭେଚ୍ଛା କାର୍ଡ'

ବନ୍ତ/ଆଗରପଡ଼ା,୧୩।୧୨(ସମିସ): ବର୍ଷର ଶେଷ ମାସ ହେଉଛି ଡିସେମ୍ବର। ଏହି ମାସର ଶେଷ ତାରିଖ ୩୧ ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ। ପାଦ ଥାପିଥାଏ ନୂତନ ବର୍ଷରେ। ପୁରୁଣା ବର୍ଷ ଅପସରି ଯାଇଥିବାବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥା'ନ୍ତି ସମଗ୍ର ବିଶ୍ୱବାସୀ। ନୂଆବର୍ଷ ଆସିବାର ଦୁଇ ସପ୍ତାହ ଅବା ତିନି ସପ୍ତାହ ପୂର୍ବରୁ ନିଜର ବନ୍ଧୁ, ପରିଜନ, ସହକର୍ମୀ ତଥା ସମ୍ପର୍କୀୟଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ। ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆ ବର୍ଷ ଆଗମନରେ ପ୍ରାକ୍ ସୂଚନା ପ୍ରଦାନ କରୁଥିଲା। ମାତ୍ର ଏବେ ସମୟ ବଦଳିଛି। ହାପି ନ୍ୟୁ ଇୟରର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ। ସମୟଚକ୍ରରେ ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବାବେଳେ ସୋସିଆଲ ମିଡିଆରେ ଛାଇଯାଇଛି ଶୁଭେଚ୍ଛା ବାର୍ତ୍ତା। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ବଜାରରେ ଶୁଭେଚ୍ଛା କାର୍ଡ(ଗ୍ରୀଟିଂସ୍) କାଁ ଭାଁ କେଉଁଠି ମିଳୁଛି, ତାହା ପୁଣି ଚଢ଼ା ଦରରେ।




ପୂର୍ବରୁ ବନ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳ ସମେତ ବନ୍ତ ଓ ଆଗରପଡ଼ା ବଜାରରେ ଥିବା ପ୍ରମୁଖ ଛକ ଓ ବଜାରରେ ସ୍ୱତନ୍ତ୍ର ଭାବେ ଷ୍ଟଲ୍ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉଥିଲେ ଅନେକ ଦୋକାନୀ। ଭୁବନେଶ୍ୱର ଓ କୋଲକାତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ଗ୍ରାହକଙ୍କ ଉଦ୍ଦେଶ୍ୟରେ ବିକ୍ରି ହେଉଥିଲା। ୫୦ ପଇସାରୁ ଆରମ୍ଭ କରି ୫୦୦ ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ। ଯାହାକି ଆଜି ସାତସପନ ହୋଇଯାଇଛି। ଦୀର୍ଘ ବର୍ଷ ଧରି ବନ୍ତ ବଜାରର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିଲା ନୂତନ ବର୍ଷର ଶୁଭେଚ୍ଛା କାର୍ଡ ପାଇଁ ମାଳମାଳ ଷ୍ଟଲ୍। ଆଉ ଦେଖିବାକୁ ମିଳୁନି ସେହି ଷ୍ଟଲ୍ କିମ୍ବା ଷ୍ଟଲ୍ ଆଗରେ ଗ୍ରାହକଙ୍କ ଭିଡ଼। ଶୁଭେଚ୍ଛା କାର୍ଡ ଉପରେ ଓଡ଼ିଆ ଅବା ଇଂରାଜୀରେ ବିଭିନ୍ନ ପ୍ରକାର ସାଧୁ ଓ ମହତ୍‌ବାଣୀ ଉଲ୍ଲେଖ ରହୁଥିଲା, ଯାହାକି ପ୍ରତ୍ୟେକଙ୍କ ମନ ଓ ହୃଦୟକୁ ଛୁଇଁ ପାରୁଥିଲା। ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବାବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳିଯାଇ ମୋବାଇଲ୍ ଅବା ଇଣ୍ଟରନେଟ୍ ମାଧ୍ୟମରେ ନିଜ ପ୍ରିୟଜନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରିଦେଲେଣି ଶୁଭେଚ୍ଛାକାରୀ। ତେଣୁ ସମୟଚକ୍ରରେ ବଜାରରେ ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇପଡ଼ିବା ସହ ଏହାର ତରିକାରେ ପରିବର୍ତ୍ତନ ଆସିଛି। ଏହି ପ୍ରସଙ୍ଗକୁ ହୁଏତ ଏଡ଼ାଇ ଦିଆଯାଇ ନ ପାରେ।

### ସେମାନଙ୍କ ମୁହଁରୁ...



ମୋବାଇଲ୍‌ର ବହୁଳ ବ୍ୟବହାର ହେବା ଆଗରୁ ମୁଁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ବ୍ୟବସାୟ କରୁଥିଲି। ନୂତନ ବର୍ଷ ଆରମ୍ଭ ହେବାର ଦୁଇ ମାସ ଆଗରୁ କୋଲିକାତା, ଭୁବନେଶ୍ୱର ଓ କଟକ ଆଦି ସ୍ଥାନରୁ ବିଭିନ୍ନ ପ୍ରକାର ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ଆଣି ଆଗରପଡ଼ା ଓ ତା' ଆଖପାଖ ଅଞ୍ଚଳରେ ଦୋକାନୀଙ୍କୁ ହୋଲ୍‌ସେଲ ଦରରେ ବିକ୍ରି କରୁଥିଲି। ସେମାନେ ବି ଦୁଇ ପଇସା ଲାଭ କରୁଥିଲେ ଏବଂ ମୋର ବି ଭଲ ବ୍ୟବସାୟ ହେଉଥିଲା। ବ୍ୟବସାୟ କରିବାର ୧୫ ବର୍ଷ ଭିତରେ ଗତ ୨/୩ ବର୍ଷ ହେବ ଉକ୍ତ ବେପାରରୁ ନିଜକୁ ନିବୃତ୍ତ ରଖିଛି। କାରଣ ମୋବାଇଲ୍ ଓ ଇଣ୍ଟରନେଟ୍‌ର ବହୁଳ ପ୍ରଚଳନ ଯୋଗୁଁ ଶୁଭେଚ୍ଛା ବାର୍ତ୍ତା ବିଭିନ୍ନ ସାମାଜିକ ଗଣମାଧ୍ୟମର ସାହାରା ନେଇ ପଠାଯାଉଛି। ଏଣୁ ଆଉ ଶୁଭେଚ୍ଛା କାର୍ଡ ବଜାରରୁ କିଣିବାକୁ କେହି ପସନ୍ଦ କରୁନାହାନ୍ତି। ତେଣୁ ବିକ୍ରି ତୁଳନାରେ କିଣା ମୂଲ୍ୟ ଉଠାଇବା ବି କଷ୍ଟକର ହୋଇପଡ଼ିଛି।

-ଦେବବ୍ରତ ନାୟକ, ବ୍ୟବସାୟୀ, ଆଗରପଡ଼ା



ଡିଜିଟାଲ୍ ସେବାର ବହୁଳ ପ୍ରଚାରପ୍ରସାର ଫଳରେ ସାମାଜିକ ଗଣମାଧ୍ୟମର ହାତଧରି ଭିଡିଓ କ୍ଲିପ୍, ଇମେଜ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଜ୍ ଦ୍ୱାରା ନୂଆବର୍ଷ ବାର୍ତ୍ତା ପ୍ରେରଣ କରାଯାଉଥିବାରୁ ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ବ୍ୟକ୍ତି ଜଣକ ନିଜର ପ୍ରିୟ ପରିଜନକୁ ଶୁଭେଚ୍ଛା ବାର୍ତ୍ତା ଅନାୟାସରେ ପ୍ରେରଣ କରାଯାଇପାରୁଛି। ତେଣୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ଅଲୋଡ଼ା ହୋଇପଡ଼ିଛି। -ସରସ୍ୱତୀ ବିରୁଆ, ଛାତ୍ରୀ, ଆଗରପଡ଼ା



ସମୟର ତାଳେ ତାଳେ ଓ ଆଧୁନିକତ୍ୱର ପରିଭାଷା ମଧ୍ୟରେ ମନୁଷ୍ୟ ତା' ରୁଚିରେ ପରିବର୍ତ୍ତନ ଆଣିଛି। ତେଣୁ ରୁଚିରେ ପରିବର୍ତ୍ତନ ଏବଂ ସ୍ୱଳ୍ପ ଅର୍ଥ ଓ କମ୍ ସମୟ ମଧ୍ୟରେ ସେ ତା'ର ବାର୍ତ୍ତାକୁ ନିଜ ବନ୍ଧୁ, ପରିଜନ, ସହକର୍ମୀ ତଥା ସମ୍ପର୍କୀୟଙ୍କୁ ଡିଜିଟାଲ ସେବା ମାଧ୍ୟମରେ ପ୍ରେରଣ କରିପାରୁଥିବାରୁ ପୂର୍ବ ପ୍ରଚଳିତ ଶୁଭେଚ୍ଛା କାର୍ଡ(ଗ୍ରୀଟିଂସ୍) ପ୍ରାୟ ଅଲୋଡ଼ା ହୋଇପଡ଼ିଛି।

-ବିନୋଦ କୁମାର ଧଳ ସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା

## ଜବରଦଖଲରେ ରାସ୍ତା, ଖେଳ ପଡ଼ିଆ ▶ ଗାଁ ଭିତରକୁ ଯାଇପାରୁନି ଆମ୍ବୁଲାନ୍ସ, ଖେଳିବାକୁ ନାହିଁ ସ୍ଥାନ

ଅସୁରାଳି, ୧୩।୧୨(ସମିସ)



ଧାମନଗର ବ୍ଲକ ସାହସପୁର ଗାଁରେ ପ୍ରାୟ ୫ ହଜାର ଲୋକ ବସବାସ କରନ୍ତି। ଗାଁଟି ଧୂଷୁରୀ ବଜାରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ। ଗ୍ରାମର କିଛି ବ୍ୟକ୍ତି ଜୋର ଜବରଦସ୍ତ ସରକାରୀ ରାସ୍ତା ଓ ଖେଳ ପଡ଼ିଆକୁ ଜବରଦଖଲ କରିଛନ୍ତି। ଫଳରେ ଗ୍ରାମ ମଧ୍ୟକୁ ଯାତାୟାତ କରିବା ତଥା ଜରୁରିକାଳୀନ ପରିସ୍ଥିତିରେ ଗାଁ ମଧ୍ୟକୁ ୧୦୮ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପ୍ରବେଶ କରିପାରୁନାହିଁ। ଗ୍ରାମବାସୀଙ୍କ ନାନାଦି ସମସ୍ୟା ଉପୁଜୁଛି। ପିଲାଙ୍କ ଖେଳ ପଡ଼ିଆକୁ ଜବରଦଖଲ କରିବାରୁ ଗ୍ରାମର ଯୁବକ ଖେଳିବାକୁ ସୁବିଧା ପାଉନାହାନ୍ତି।

ଧୂଷୁରୀ ବଜାରଠାରୁ ଖଡ଼ି ମାହାରା ଗ୍ରାମ୍ୟ ଉନ୍ନୟନ ମୁଖ୍ୟରାସ୍ତାରୁ ବାହାରି ପୋଖରୀଆ ମୌଜା ମଧ୍ୟ ଦେଇ ଏକ ରାସ୍ତା ସାହସପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଅନ୍ୟଏକ ଗ୍ରାମ୍ୟ ରାସ୍ତା ପୋଥାଳ ସାହି ରାସ୍ତାରୁ ବାହାରି ମୁଖ୍ୟ ରାସ୍ତା ସହ ମିଶି ମହାଳିକ ସାହି ପର୍ଯ୍ୟନ୍ତ ଯାଇଛି। ସେହିପରି ଅନ୍ୟଏକ ରାସ୍ତା ଉଦୟ ନାୟକ ଘରଠାରୁ ବାହାରି ମାଝୀ ସାହି ମଧ୍ୟଦେଇ ଭଗବାନ ବିଶ୍ୱାଳଙ୍କ ଘର ପର୍ଯ୍ୟନ୍ତ ଯାଇଛି। ଉକ୍ତ ରାସ୍ତାରେ ଗ୍ରାମର ୪ଟି ୱାର୍ଡର ୪୦୦୦ ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି। ଏ ସମସ୍ତ ରାସ୍ତା ଧାମନଗର ପଞ୍ଚାୟତ ସମିତି ମାଧ୍ୟମରେ ନିର୍ମାଣ ଓ ମରାମତି କରାଯାଏ। ଭୂ-ନକ୍ସାରୁ ଦେଖିବାକୁ ଗଲେ ରାସ୍ତା କେତେକାଂଶରେ ୨୦, ୩୦, ୪୦ ଓ ୫୦ ଉଲ୍ଲେଖ ଥିଲେ ହେଁ କେତେକ ମୁଷ୍ଟିମେୟ ଲୋକ ରାସ୍ତାକୁ ଜବରଦଖଲ କରି ଘରର ପିଣ୍ଡା, ଗୃହ ଓ ଘେରବନ୍ଦୀ କରି ରଖିଥିବାରୁ ଗାଁ ମଧ୍ୟକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପ୍ରବେଶ କରିପାରୁନାହିଁ। ଏମିତିକି ବିଦ୍ୟାଳୟକୁ ପିଲାମାନେ ଯିବାଆସିବା କରିବାରେ ନାନାଦି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଖେଳ ପଡ଼ିଆକୁ ଜବରଦଖଲ କରିଥିବାରୁ ପିଲାଙ୍କ ଖେଳ ପାଇଁ ଅସୁବିଧା ହେଉଛି। ପିଲାମାନେ ଖେଳାକୁଦରୁ ବଞ୍ଚିତ ହେଉଛନ୍ତି।

ସେହିପରି ଗ୍ରାମକୁ ଲାଗିଥିବା ଦେଉଳଡ଼ିହ ମୌଜାର ୨୯୫୩ ପ୍ଲଟର ୪୨ ଡିସିମଲ ଗୋଚର କିସମର ଥିଲେହେଁ ଉକ୍ତ ପ୍ଲଟଟି ୨୯୫୫ ନଦୀକୁ ଲାଗିଥିବାରୁ ସେଠାରେ ଗ୍ରାମବାସୀ ଶୁଦ୍ଧିକ୍ରିୟା ପାଇଁ ବ୍ୟବହାର କରନ୍ତି। ଉକ୍ତ ପ୍ଲଟକୁ କେତେକ ଲୋକ ବେଆଇନ ଭାବେ ଜବରଦଖଲ କରିଛନ୍ତି। ସାହସପୁର ମୌଜାର ଖାତା ନମ୍ବର ୬୫୨ର ପ୍ଲଟନଂ ୨୩୭, ୨୪୪, ୨୪୫, ୨୪୬, ୨୪୬/୧୪୫୬, ୪୪୫, ୧୦୭୫, ୧୦୮୬ ଓ ଖାତା ନମ୍ବର ୬୫୩ର ପ୍ଲଟନଂ ୧୧୨୩, ୧୦୬୭ ଓ ପୋଖରୀଆ ମୌଜାର ପ୍ଲଟ ନମ୍ବର ୪୪୮ ଏବଂ ଦେଉଳଡ଼ିହ ମୌଜାର ଖାତାନଂ ୧୦୮୩ ପ୍ଲଟ ନମ୍ବର ୨୯୫୩ର ସୀମା ନିର୍ଦ୍ଧାରଣ ଓ ଉଚ୍ଛେଦ ନିମନ୍ତେ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ, ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଧାମନଗର ତହସିଲଦାର, ରାଜ୍ୟ ରାଜସ୍ୱ ବିଭାଗକୁ ସାହସପୁର ଗ୍ରାମବାସୀ ନନ୍ଦକିଶୋର ସାହୁ, ବସନ୍ତ ମାଝୀ, ଶରତ ନାୟକ, ଅଧିର ମାଝୀ, ବିନୋଦ ତରାଇ, ସାନନ୍ଦ ତରାଇଙ୍କ ସହ ଅନେକ ଗ୍ରାମବାସୀ ପ୍ରମୁଖ ଅଭିଯୋଗ କରିଛନ୍ତି।

## ୫ ବାଲି ବୋଝେଇ ହାଇୱା ଜବତ

**ବାରିକପୁର, ୧୩।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ଛତାବର ଟୋଲ ପ୍ଲାଜା ନିକଟରୁ ପୁଲିସ ୫ଟି ବାଲି ବୋଝେଇ ହାଇୱା ଟ୍ରକ ଜବତ କରିଛି। ଏହି ଗାଡ଼ିଗୁଡ଼ିକ ଷଠିପୁର ଓ ଆଖୁଆପଦା ପଟୁ ବୈତରଣୀ ନଦୀରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଆସୁଥିଲେ। ପୂର୍ବରୁ ଟୋଲ ପ୍ଲାଜା ନିକଟରେ ଜଗି ରହିଥିବା ପୁଲିସ ଟ୍ରକଗୁଡ଼ିକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲା। ଏଥିରେ ଚୋରା ବାଲି ପରିବହନ ହେଉଥିବା ପୁଲିସ ଜାଣିଥିଲା। ପରେ ପୁଲିସ ଗାଡିଗୁଡ଼ିକୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ନଦୀର ବିଭିନ୍ନ ସ୍ଥାନରୁ ଏବେ ବେଆଇନ ବାଲି ପରିବହନ ହେଉଛି। ଗାଡିଗୁଡିକ ବାଲି ବୋଝେଇ କରି ପାଳଦା ମଣୀନାଥପୁର, ଛତାବର ବଳିଘାଇ ଓ ମଞ୍ଜୁରୀ ରୋଡ ଛତାବର ରାସ୍ତାରେ ଯାତାୟାତ କରୁଛନ୍ତି। ପୋଲିସ ପ୍ରାୟତଃ କେବଳ ଟୋଲ ପ୍ଲାଜା ନିକଟରେ ଜଗୁଆଳୀ ସାଜୁଥିବା ବେଳେ ଅନ୍ୟ ପଥରେ ଅହରହ ବେଆଇନ ଗାଡ଼ି ଚଳାଚଳ କରୁଥିବା ଅଭିଯୋଗ ହୋଇଛି।

## ରେଳ ଧାରଣାରେ କଟି ବୃଦ୍ଧ ମୃତ, କ୍ଷତିପୂରଣ ଦାବି

**ଭଦ୍ରକ, ୧୩।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି-ଧାମରା-ଭଦ୍ରକ ରେଳପଥର ବଳସାହି ଫାଟକ ନିକଟରେ ରେଳଧରଣାରେ କଟି ଯଶିପୁର ପଞ୍ଚାୟତ ଅନ୍ତର୍ଗତ ବିରିହରପୁର ଗାଁର ବସନ୍ତ ବଳଙ୍କ ମୃତ୍ୟୁ ଘଟିଛି। ସେ ନିଜ ମାମୁ ଘର କଷିମୂଳାଗୋଠରୁ ନିଜ ଘରକୁ ଫେରୁଥଲେ। ଏହି ଘଟଣାର କ୍ଷତିପୂରଣ ଦାବିରେ ରେଳଧରଣା ଉପରେ ଧାରଣା ଦେଇଥିଲେ ସ୍ଥାନୀୟ ଲୋକେ। ଫଳରେ ଉଭୟପଟୁ ଅଟକି ରହିଛି ମାଲବାହୀ ଟ୍ରେନ।



ଏଠାରେ ସୂଚନା ଥାଉକି, ଏହି ରେଳଫାଟକ ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ଟ୍ରେନ ଯାତାୟାତ ସମୟରେ କୌଣସି ରେଳ ଫାଟକ ପଡେ ନାହିଁ। ଯାହା ଫଳରେ ଅନେକ ସମୟରେ ଘଟୁଛି ଏପରି ଦୁର୍ଘଟଣା। ମୃତ ବୃଦ୍ଧଙ୍କ ପରିବାରକୁ କ୍ଷତିପୂରଣ ସହ ଫାଟକ ନିର୍ମାଣ ପାଇଁ ଅଡ଼ି ବସିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

## ପ୍ରଧାନଶିକ୍ଷକ ଦେବେନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା



**ଧାମନଗର, ୧୩।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଞ୍ଚାୟତ ଫଳପୁର ଗାଁର ଯୁବ ସମାଜସେବୀ ତଥା ଦଳାଙ୍ଗ ସେବା ସମବାୟ ସମିତି ସଭାପତି ସଞ୍ଜୟ ମହାପାତ୍ରଙ୍କ ପିତା ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ଦେବେନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନିତ୍ୟାନନ୍ଦ ରାଉତଙ୍କ ସଞ୍ଚାଳନାରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ହରେକୃଷ୍ଣ ପାଢ଼ୀ, ଆଇନଜୀବୀ ବିଷ୍ଣୁମୋହନ ପତି, ରଜତ ପଣ୍ଡା, ବିଶ୍ୱରଞ୍ଜନ ସାମଲ, ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ସୁଶାନ୍ତ ରାଉତ, ଯୁବ ସଭାପତି ଭାରତ ବିଜୟ ଦଳେଇ, ସ୍ଥାନୀୟ ସରପଞ୍ଚ ଶୀତାକାନ୍ତ ମିଶ୍ର, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼, ବିଜେଡି ନେତା ରାମଚନ୍ଦ୍ର ସାହୁ, ମାନସ ରଞ୍ଜନ ରାଉତ, କବି ଦୟାନିଧି ମିଶ୍ର, ଶିକ୍ଷାବିତ ହୃଦାନନ୍ଦ କର, ଅଶୋକ ଦାସ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତିଚାରଣ କରି ତାଙ୍କର ଆତ୍ମାର ସଦଗତି କାମନା କରିଛନ୍ତି। ତେବେ ମହାପାତ୍ର ପରିବାର ତଥା ପୁତ୍ର ଓ ପୁତବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବନ୍ଧୁ ବାନ୍ଧବ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ପୁତ୍ର ସଞ୍ଜୟ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଗୋପିନାଥଜୀଉ ହାଇସ୍କୁଲର ବିଭିନ୍ନ ଅନିୟମିତତା ପ୍ରସଙ୍ଗ

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ବନ୍ତ/ଆଗରପଡ଼ା, ୧୩।୧୨(ସମିସ):** ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥଜୀଉ ହାଇସ୍କୁଲର ବିଭିନ୍ନ ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କଠାରେ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିନୋଦ ଧଳ ସାମନ୍ତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ଓ ଅଭିଯୋଗ ଉପରେ ତର୍ଜମା କରିବା ପରେ ଉକ୍ତ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଏହାର ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗୋପୀନାଥଜୀଉ ହାଇସ୍କୁଲ ପ୍ରଧାନଶିକ୍ଷକ ଓ କମିଟି ହାଇସ୍କୁଲ ଆରମ୍ଭରୁ ଯେଉଁ ସ୍ଥାନରେ ଉକ୍ତ ହାଇସ୍କୁଲ ଅବସ୍ଥାପିତ ଅଛି ସେ ସ୍ଥାନରେ ବିଦ୍ୟାଳୟର କୌଣସି କାଗଜପତ୍ର ନଥିବା ସ୍ଥଳେ ଅନ୍ୟ ସ୍ଥାନର କାଗଜପତ୍ର ଦେଖାଇ ୫-ଟି ବିଦ୍ୟାଳୟ ପାଇଁ ମିଥ୍ୟା ତଥ୍ୟ ପ୍ରଦାନ କରି ସରକାରଙ୍କ ଅର୍ଥକୁ ହଡ଼ପ କରିବା, ହାଇସ୍କୁଲରେ ଚାକିରି କରୁଥିବା କେତେକ ଶିକ୍ଷକ ନିଜ ଶିକ୍ଷାଗତ ଯୋଗ୍ୟତାରେ ଜାଲିଆତି କରି ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଆଜି ପର୍ଯ୍ୟନ୍ତ ଶିକ୍ଷକତା କରି ସରକାରଙ୍କ ଅର୍ଥକୁ ଲୁଟି ଚାଲିବା, ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ନେବା ପରେ ଉକ୍ତ ଶିକ୍ଷକ ନାନାଦି ପ୍ରଶାସନିକ ଅନିୟମିତତା କାର୍ଯ୍ୟ କରି ଚାଲିଥିବା ଯେପରି ପୋଷାକ ଓ ଜୋତା ନିମ୍ନମାନର ପ୍ରଦାନ କରି ୧୨୦, ୧୩୦ ଟଙ୍କାରେ ଆଣି ୨୦୦ ଟଙ୍କା ଲେଖାରେ ୟୁସି ପାସ କରିବା ସହ ଅବଶିଷ୍ଟ ଅର୍ଥକୁ ନିଜ ପାକେଟରେ ପୁରାଇବା, ମାର୍ଗଦର୍ଶିକା ଉଲଂଘନ ପୂର୍ବକ ଅନ୍ୟାୟୋଚିତ ଢଙ୍ଗରେ ୨୦୧୯ -୨୦, ୨୦୨୦-୨୦୨୧, ୨୦୨୧-୨୦୨୨, ୨୦୨୨-୨୦୨୩ ଶିକ୍ଷା ବର୍ଷର ସମଗ୍ର ଶିକ୍ଷା ଅର୍ଥକୁ ଅନିୟମିତତା ବଳରେ ଡାଲ କାଗଜପତ୍ର ପ୍ରସ୍ତୁତ କରି ବ୍ୟାଙ୍କରୁ ଟଙ୍କା ଉଠାଇବା, ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଳମ୍ବରେ ବିଦ୍ୟାଳୟର ବ୍ୟବହାରିକ କାଗଜପତ୍ର (ୟୁସି) ପୈଠ କରିବା ଉଦ୍ଦେଶ୍ୟରେ ଜାଲ ରସିଦଯୁକ୍ତ କାଗଜପତ୍ର ପ୍ରସ୍ତୁତ କରିବା ଆଦି ଅଭିଯୋଗ ହୋଇଛି। ଉପରୋକ୍ତ ଅଭିଯୋଗ ଉପରେ ତଦନ୍ତ କରି ଜାଲ ଶିକ୍ଷକଙ୍କୁ ଠାବ କରିବା ସହ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଶ୍ରୀ ଧାଳସାମନ୍ତ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଶନିବାର ତାଙ୍କ ଅଭିଯୋଗପତ୍ର ଉପରେ ବିଚାର କରି ଏହାର ତଦନ୍ତ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ପ୍ରତିରୋଧ ଦିବସ ପାଳିତ

**ବାରିକପୁର, ୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଡାହାଲା ପୁରିପଡ଼ାଠାରେ ଏଆଇକେକେଏମ ପକ୍ଷରୁ ୨ଦିନିଆ ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଯମୁନାପୋଷୀଠାରେ ପ୍ରସ୍ତାବିତ ଜିନ୍ଦଲ କମ୍ପାନୀର ଜମି ଅଧିଗ୍ରହଣ ସ୍ଥାନକୁ କମିଟିର ସର୍ବଭାରତୀୟ ନେତା କମ୍ରେଡ ସତ୍ୟବାନ ଓ ସଦାଶିବ ଦାଶ ପରିଦର୍ଶନ କରିଥିଲେ। ସେଠାରେ ପୁଲିସ ସେମାନଙ୍କୁ ଅଟକ ରଖି ନିର୍ଯାତନା ଦେଇଥିଲା। ଏହି ପରିପ୍ରେକ୍ଷୀରେ ଭାରତର ବିଭିନ୍ନ ସ୍ଥାନରେ ପ୍ରତିରୋଧ ଦିବସ ପାଳିତ ହୋଇଛି। ବ୍ଲକ ଆଞ୍ଚଳିକ ସଦସ୍ୟ ରାମଚନ୍ଦ୍ର ଶଙ୍ଖୁଆଙ୍କ ନେତୃତ୍ୱରେ ଏହି ପ୍ରତିବାଦ ହୋଇଥିଲା। ଏଥିରେ ବରିଷ୍ଠ ସଦସ୍ୟ ପର୍ଶୁରାମ ଲେଙ୍କା, ଅନାମ ସାମଲ, ସୁରମା ସାମଲ ପ୍ରମୁଖ ପୁଲିସର ଏଭଳି ଅମାନୁଷିକ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଏଥିରେ ବ୍ଲକ କମିଟିର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ତେସିଙ୍ଗା ସମିତି ପରିଦର୍ଶନ କଲେ ସମବାୟ ଯୁଗ୍ମ ରେଜିଷ୍ଟ୍ରାର

**ଭଣ୍ଡାରିପୋଖରୀ, ୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ସମବାୟ ସମିତି ପରିଦର୍ଶନ କରିଛନ୍ତି ସମବାୟ ଯୁଗ୍ମ ରେଜିଷ୍ଟ୍ରାର ରୁଦ୍ରପ୍ରତାପ ଦାସ। ଭଦ୍ରକ ଓ ଯାଜପୁର ଜିଲ୍ଲା ନୋଡାଲ ଅଧିକାରୀ ଥିବା ଶ୍ରୀ ଦାସ ତେସିଙ୍ଗା ସମିତିର ଅର୍ଥ କାରବାର, ଧାନଖଳା ନିର୍ମାଣ, ଚାଷୀଙ୍କ ବିଶ୍ରାମ ଗୃହ, ଧାନକ୍ରୟ ବ୍ୟବସ୍ଥା, ବିହନ ଓ କୀଟନାଶକ ବିତରଣ ଆଦି କାର୍ଯ୍ୟ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା ସମବାୟ ନିବନ୍ଧକ ଦୁଃଖୀରାମ ଟୁଡ୍ଡୁ, ସହକାରୀ ସମବାୟ ନିବନ୍ଧକ ବସନ୍ତ ରଣା ଓ ପ୍ରୀତୀତା ଜେନା, ସମିତି ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ସହସମ୍ପାଦକ ରମେଶଚନ୍ଦ୍ର ବେହେରା, ଡାଟା ଏଣ୍ଟ୍ରି ଅପରେଟର ମାନସ ଖୁଣ୍ଟିଆ, ସନ୍ତୋଷ ଦାସ, କର୍ମଚାରୀ ଚିତ୍ତରଞ୍ଜନ ଖୁଣ୍ଟିଆ ଓ ପୁରସ୍ତମ ଖୁଣ୍ଟିଆ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ▶ ୧୫୩୬ଟି ମାମଲାର ସମାଧାନ

**ଭଦ୍ରକ, ୧୩।୧୨(ସମିସ):** ଆଇନ ସେବା ପ୍ରାଧିକାରଣ ପକ୍ଷରୁ ନଳାଙ୍ଗସ୍ଥ ଭଦ୍ରକ ଜିଲ୍ଲା ନ୍ୟାୟାଳୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ ପୁଣ୍ୟଶ୍ଳୋକ୍ ରଥ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ସମସ୍ତ ବିଚାରପତି ତଥା ଜିଲ୍ଲା ଅଧୀନରେ ୩ଟି ତାଲୁକ (ବାସୁଦେବପୁର, ଚାନ୍ଦବାଲି, ଧାମନଗର) ଉପସ୍ଥିତ ଥିଲେ। ମୋଟ ୫୩୩୧୮୪୦୮.୨୪ ଟଙ୍କାରେ ୧୫୩୬ଟି ମାମଲାର ଆପୋଷ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୩୦ଟି ମାମଲାର ୨୧୧୦୧୫୦୦ ଟଙ୍କାରେ, ୩୧ଟି ଚେକ ବାଉନ୍ସ, ପୁନରୁଦ୍ଧାର ମାମଲା ୬୩୮୧୮୩୫ ଟଙ୍କାରେ, ୨୦ଟି ବୈବାହିକ ବିବାଦ, ୨୬୭ଟି ରାଜସ୍ୱ ମୋକଦ୍ଦମା, ୧୮୭୪୬୭ ଟଙ୍କାରେ, ୯୫ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୬୬ଟି ବ୍ୟାଙ୍କ ଋଣ ମାମଲା ୬୫୮୩୦୬୩ ଟଙ୍କାରେ ଭାରତ ସଞ୍ଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୮ଟି ମାମଲା ୩୪୪୫୭ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୩୨୫ଟି ମାମଲା ୫୮୮୫୦୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।



## ଭଦ୍ରକ ରାମକୃଷ୍ଣ ଆଶ୍ରମରେ ମା’ ସାରଦାଦେବୀ ଜୟନ୍ତୀ

**ଭଦ୍ରକ, ୧୩।୧୨(ସମିସ):** ‘ସାରଦା ଦେବୀ ଥିଲେ ଶକ୍ତି ସ୍ୱରୂପିଣୀ ମା’। ୧୮୫୯ରେ ମାତ୍ର ୭ ବର୍ଷ ବୟସରେ ଶ୍ରୀରାମକୃଷ୍ଣଙ୍କୁ ବିବାହ କରିବା ପରେ ତାଙ୍କ ଦିବ୍ୟ ଶକ୍ତିର ଉନ୍ମେଷ ଘଟିଥିଲା। ବିବାହ ପରେ ସେ ସନ୍ତାନ ପାଇଁ ବ୍ୟାକୁଳ ହେଉଥିବା ବେଳେ ଶ୍ରୀରାମକୃଷ୍ଣ ତାଙ୍କୁ ଆଶ୍ୱାସନା ଆଳରେ କହୁଥିଲେ, ତୁମେ ଜୀବନ ତମାମ ଏତେ ମା’ ଡାକ ଶୁଣିବ ଯେ ସବୁବେଳେ ଅଥୟ ହୋଇପଡ଼ିବ। ସେ ସଂସାରର ଏକମାତ୍ର ନାରୀ ଯିଏ ଜଗଜ୍ଜନନୀ ଆଖ୍ୟା ପାଇଛନ୍ତି। ୧୮୮୬ରେ ଶ୍ରୀରାମକୃଷ୍ଣଙ୍କ ଦେହାନ୍ତ ଏବଂ ୧୯୦୨ରେ ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ପରେ ସେ ଅତି ଦକ୍ଷର ସହିତ ରାମକୃଷ୍ଣ ମିଶନ ଓ ମଠର ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ଓଡ଼ିଶା ଆଗମନର ସନ୍ତକ, ଭଦ୍ରକର କୋଠାର ରାମକୃଷ୍ଣ ଆଶ୍ରମରେ ଏବେ ମଧ୍ୟ ସାଇତା ହୋଇ ରହିଛି। ସେହିଠାରେ ମା’ଙ୍କର ଦୁଇ ମାସ ରହଣି ଥିବାରୁ ରାମକୃଷ୍ଣ ସମ୍ପ୍ରଦାୟ ନିମନ୍ତେ ତାହା ପୁଣ୍ୟ ଭୂମି। ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ମା’ ସାରଦା ଦେବୀଙ୍କ ଜୟନ୍ତୀ ଭଦ୍ରକର ରାମକୃଷ୍ଣ ଆଶ୍ରମରେ ପାଳିତ ହେବା ଅବସରରେ ବକ୍ତାମାନେ ଏହି ମତ ବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ରାମକୃଷ୍ଣ ଆଶ୍ରମର ସନ୍ନ୍ୟାସୀ ସ୍ୱାମୀ ଗଣେଶାନନ୍ଦଜୀ ମା’ ସାରଦା ଦେବୀଙ୍କୁ ମାତୃଶକ୍ତିର ଉତ୍ସ ଭାବେ ବ୍ୟାଖ୍ୟା କରିଥିଲେ। ବିଶିଷ୍ଟ ଅତିଥି ରୋଟାରୀୟାନ ବିଜୟ ସାହୁ ଭଦ୍ରକରେ ସ୍ୱର୍ଗତ ରାଖାଳଚନ୍ଦ୍ର ଦାସଙ୍କ ନେତୃତ୍ୱରେ ରାମକୃଷ୍ଣ ଆନ୍ଦୋଳନ କିପରି ଜାଗରୁକ ହୋଇଥିଲା ଏବଂ କୋଠାର ଆଶ୍ରମ ପ୍ରତିଷ୍ଠା ପୃଷ୍ଠଭୂମିର ବିବରଣୀ ପ୍ରଦାନ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷା ବିଶିଷ୍ଟ କବି ସୁଚିତ୍ରା ପାଣିଗ୍ରାହୀ ମା’ଙ୍କ ଆଗମନୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଭଦ୍ରକ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ସୁଧାରାଣୀ ମହାପାତ୍ର ମା’ ସାରଦା ଦେବୀଙ୍କ ବାଲ୍ୟଜୀବନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଆଡଭୋକେଟ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ରାମକୃଷ୍ଣ ଆଶ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରଦ୍ଧେୟ ଚିନ୍ମୟ ଏବଂ ଗଙ୍ଗାଧର ଦେହୁରୀ ଭାବ ସଙ୍ଗୀତ ପରିବେଷଣ କରିଥିଲେ। ସମାରୋହରେ ଇଂ ଅଭୟ ପଣ୍ଡା, ଶାନ୍ତନୁ ରାଉତ, ଡ. ପ୍ରମୋଦ ନାୟକ, ବିବେକାନନ୍ଦ ମୁଖାର୍ଜୀ, ସାମାଜିକ କର୍ମୀ କୁଳମଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମା’ ସାରଦା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




## ୪ କେନ୍ଦ୍ରରେ ନବୋଦୟ ପରୀକ୍ଷା

**ବାରିକପୁର, ୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୪ଟି କେନ୍ଦ୍ରରେ ଆଜି ନବୋଦୟ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବ୍ଲକର ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୨୪୦, ବାରିକପୁର ବିଦ୍ୟାଳୟଠାରେ ୧୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅନୁରୂପ ଭାବେ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ଓ ହାରାମଣି ବାଳିକା ବିଦ୍ୟାଳୟଠାରେ ବିଦ୍ୟାର୍ଥୀ ମାନେ ନବୋଦୟ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ୪ଟି କେନ୍ଦ୍ରରେ ମୋଟ ୭୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଭାର ପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି।

### ସାଂସଦ ଖେଳ ମହୋତ୍ସବ

## ଫୁଟବଲରେ ଆଗରପଡ଼ା କେସିଭିଏମ ଚାମ୍ପିଅନ୍



**ଭଣ୍ଡାରିପୋଖରୀ, ୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ମିନି ଷ୍ଟାଡିଅମରେ ସାଂସଦ ଖେଳ ମହୋତ୍ସବର ଶନିବାର ଅନୁଷ୍ଠିତ ଦ୍ୱିତୀୟ ଦିନରେ ଦଉଡି ଡିଆଁ ଓ ଫୁଟବଲ ମ୍ୟାଚ ଶେଷ ହୋଇଛି। ଏହି ପ୍ରତିଯୋଗୀତାରେ ୧୭ ବର୍ଷ ବୟସରୁ କମ ପିଲାମାନେ ଅଂଶଗ୍ରହଣ କରିଥିଲେ। ଫୁଟବଲର ଫାଇନାଲ ମ୍ୟାଚରେ ଆଗରପଡ଼ା କେସିଭିଏମ ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇଥିଲା ବେଳେ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରନର୍ସଅପ ହୋଇଛି। ବନ୍ଧାଲୋ-ମଢଆଳି ଉଚ୍ଚବିଦ୍ୟାଳୟ ଫୁଟବଲ ଦଳ ତୃତୀୟସ୍ଥାନ ହାସଲ କରିଛି। ସେହିପରି ଦଉଡି ଡିଆଁ ବରିଷ୍ଠ ବର୍ଗର ଫାଇନାଲ ମ୍ୟାଚରେ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରୀ କଳ୍ପନା ସେଠୀ ଚାମ୍ପିଅନ, ସରସଦା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରାଜଶ୍ରୀ ସାମଲ ରନର୍ସଅପ ଓ ସେହି ବିଦ୍ୟାଳୟ ଛାତ୍ରୀ ଉଷାରାଣୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିବା ଜଣାଯାଇଛି। ଦଉଡି ଡିଆଁ କନିଷ୍ଠ ବର୍ଗରେ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅମ୍ରିତା ରାଉତ ଚାମ୍ପିଅନ, ସେହି ବିଦ୍ୟାଳୟର ଦେବାଂଶୀ ଗୋଚ୍ଛାୟତ ରନରସପ ଓ ସରସଦା ଉଚ୍ଚବିଦ୍ୟାଳୟର ସୁଶ୍ରୀ ସଙ୍ଗୀତା ଜେନା ତୃତୀୟ ସ୍ଥାନ ହାସଲ କରିଥିଲେ।

### ଆରଡ଼ି ପୀଠରେ ନବନିର୍ମିତ ପାନ୍ଥନିବାସ ପାଲଟିଛି ଧାନ ଗୋଦାମ

## ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ମିଳୁନି ଆଶ୍ରୟ

**ଭଦ୍ରକ/ଆରଡି, ୧୩।୧୨(ସମିସ):** ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ପ୍ରସିଦ୍ଧି ପାଇଥିବା ଭଦ୍ରକ ଜିଲ୍ଲା ଆରଡିଧାମର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ପାଇଁ ପ୍ରତିଦିନ ଓ ପର୍ଯ୍ୟଟନ ଋତୁରେ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଆଗନ୍ତୁକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଶ୍ରୟ ଓ ରାତ୍ର ରହଣି ନିମନ୍ତେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୯ରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ବିଶାଳକାୟ ପାନ୍ଥନିବାସ ନିର୍ମାଣ କରାଯାଇଛି। ଏହି ନବନିର୍ମିତ ପାନ୍ଥନିବାସ ଦୀର୍ଘ ୨ ବର୍ଷରୁ ଅଧିକ ହେବ କାର୍ଯ୍ୟ ସରିଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଖୋଲା ହେବା ତ ଦୂରର କଥା ଏବେ ଧାନ ଗୋଦାମ ପାଲଟିଛି।



ଏଥିସହ ପାନ୍ଥନିବାସ ଚତୁଃପାର୍ଶ୍ୱରେ ପାଚେରି ନ ଥିବାବେଳେ ଫାଟକରେ ତାଲା ପଡ଼ି ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମଦ ବୋତଲ ଆଦି ପରିସରରେ ପଡ଼ିରହିଛି। ସେହିପରି ପାନ୍ଥନିବାସ କୋଠରୀ ଖୋଲାମେଲା ପଡ଼ିରହିଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଓ ବରିଷ୍ଠ ତୀର୍ଥଯାତ୍ରୀ ଆସୁଛନ୍ତି। ରାତ୍ରଯାପନ ସହ ଆଶ୍ରୟ ନେବା ପାଇଁ ସରକାରୀ ସୁବିଧାକେନ୍ଦ୍ର ନ ଥିବାରୁ ୨/୩ ଗୁଣା ଖର୍ଚ୍ଚରେ ଘରୋଇ କଲ୍ୟାଣ ମଣ୍ଡପ ଓ ଲଜରେ ଆଶ୍ରୟ ନେଇ ଫେରୁଛନ୍ତି। ପୀଠର ବସଷ୍ଟାଣ୍ଡରେ ସମସ୍ତ ଯାତ୍ରୀବାହୀ ବସ୍ ରହୁଥିବାବେଳେ ଶୌଚାଳୟ ଓ ପାନୀୟଜଳର ସୁବିଧା ନ ଥିବାରୁ ଆଗନ୍ତୁକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଶୌଚ ଓ ପାଇଖାନା ଯିବାକୁ ନାନା ହରକତ ହେଉଛନ୍ତି। ନୂତନ ଗାଡି ପାର୍କିଂ ସହ ମନ୍ଦିର ଚତୁଃପାର୍ଶ୍ୱରେ ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ। ଏପରି ସମସ୍ୟା ଦୀର୍ଘବର୍ଷ ହେବ ଲାଗି ରହିଥିବାରୁ ପୂର୍ବ ଅପେକ୍ଷା ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

## ଶକ୍ତି ସଂରକ୍ଷଣ ପ୍ରକଳ୍ପ ‘ଫେକର୍’ ସ୍ଥାୟିତ୍ୱକୁ ସୁଦୃଢ଼ କରୁଛି

ଭଦ୍ରକ, ୧୩।୧୨(ସମିସ)



ଭାରତର ଅନ୍ୟତମ ଅଗ୍ରଣୀ ଫେରୋ ଆଲୋଇସ୍ ଉତ୍ପାଦକ ତଥା ବେଦାନ୍ତର ଏକ ସହାୟକ କମ୍ପାନୀ ଫେକର(ଫେରୋ ଆଲୋଇସ୍ କର୍ପୋରେସନ୍ ଲିମିଟେଡ୍), ଓଡ଼ିଶାରେ ଚାଲିଥିବା ଶକ୍ତି ସଂରକ୍ଷଣ ପଦକ୍ଷେପ ମାଧ୍ୟମରେ ଏହାର ସ୍ଥିରତା ଯାତ୍ରାକୁ ମଜବୁତ କରିବାରେ ଲାଗିଛି। ଏହାର ଦୀର୍ଘସ୍ଥାୟୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କମ୍ପାନୀ ଏକ ଉନ୍ନତ ବର୍ଜ୍ୟ ଉତ୍ତାପ ପୁନରୁଦ୍ଧାର ସିଷ୍ଟମ୍ (ଡବ୍ଲୁଏଚ୍ଆରଏସ୍) ଚଳାଇଥାଏ ଯାହା ଚୁଲିରୁ ଉଚ୍ଚ ତାପମାତ୍ରା ଫ୍ଲୁ ଗ୍ୟାସ୍ ଧରିଥାଏ। ଏହି ସିଷ୍ଟମ ପ୍ରତିବର୍ଷ ୫, ୮୯୦ ମେଗାୱାଟ ଶକ୍ତି ସଞ୍ଚୟରେ ଅବଦାନ ଦେଇଥାଏ, ଫଳସ୍ୱରୂପ ବାର୍ଷିକ ଅମ୍ଳଜାନ ଅବ୍ୟାଟେମେଣ୍ଟର ୪, ୧୮୨ କାର୍ବନ ଡାଇଅକସାଇଡ୍ ସମତୁଲ ଥିବାବେଳେ ଫର୍ଣ୍ଣେସ ଦକ୍ଷତା ବୃଦ୍ଧି ଏବଂ ଇନ୍ଧନ ବ୍ୟବହାର ହ୍ରାସ ହୁଏ। ସୁଦୂର ସ୍ଥାନଗୁଡିକରେ ଅକ୍ଷୟ ଶକ୍ତି ବ୍ୟବହାରକୁ ମଜବୁତ କରି, ଫେକର ଓଷ୍ଟପାଳସ୍ଥିତ କ୍ରୋମାଇଟ୍ ମାଇନ୍ସରେ ଏକ ୧୪-କିଲୋୱାଟ ଛାତ ପ୍ୟାନେଲ ମଧ୍ୟ ସ୍ଥାପନ କରିଛି, ଯାହା ବାର୍ଷିକ ୨୦, ୧୬୦ କିଲୋୱାଟ ପରିଷ୍କାର ଶକ୍ତି ଉତ୍ପାଦନ କରିଥାଏ, ଯାହା ଅଙ୍ଗାରକାମ୍ଳ ସଞ୍ଚୟର ୧୪, ୬୫୬ କେଜି କରିଥାଏ। ଗ୍ରୀଡ୍ ଏବଂ ଡିଜେଲ-ଆଧାରିତ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବାବେଳେ ଏହି ସ୍ଥାପନ ଜଟିଳ ଖଣି କାର୍ଯ୍ୟକୁ ସମର୍ଥନ କରେ। ଖଣି ପରିସର ମଧ୍ୟରେ ସ୍ଥାୟୀ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ପାଇଁ, କମ୍ପାନୀ ୩୭ଟି ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟକ୍ଷମ କରିଛି। ଏହି ସଂସ୍ଥାଗୁଡ଼ିକ ସାମୂହିକ ଭାବରେ ପ୍ରତିବର୍ଷ ୫, ୬୮୮ ଘଣ୍ଟାକୁ କିଲୋୱାଟ ଶକ୍ତି ସଞ୍ଚୟ କରନ୍ତି ଏବଂ ୪, ୧୩୫ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନକୁ ଏଡାଇ ଦିଅନ୍ତି। ଯେତେବେଳେ କି ଖଣି ଅଞ୍ଚଳରେ ସୁରକ୍ଷା ଏବଂ ଦୃଶ୍ୟମାନତାକୁ ଉନ୍ନତ କରନ୍ତି। କମ୍ପାନୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ନିକଟସ୍ଥ ୭୪୫ ସୋଲାର ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ସ୍ଥାପନ କରିଛି। କାର୍ଯ୍ୟକ୍ଷମ ଦକ୍ଷତାକୁ ଆହୁରି ଅଗ୍ରଗତି କରି, ଫେକର କମ୍ପାନୀ ଏହାର କୁଲିଂ ଟାୱାର ସିଷ୍ଟମକୁ ଉନ୍ନତ କରିଛି। ଏହି ପଦକ୍ଷେପ ବାର୍ଷିକ ୯୪, ୩୨୦ କିଲୋୱାଟ ସଞ୍ଚୟକୁ ସୁନିଶ୍ଚିତ କରେ। ଫେକର ସିଇଓ ପଙ୍କଜ ଶର୍ମା କହିଛନ୍ତି, ‘ଆମର ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡିକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଦୀର୍ଘସ୍ଥାୟୀ ସ୍ଥିରତା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ’।

## ଆର୍‌ସିଏମ୍‌ଏସ୍‌ରୁ କିରାସିନି କଳା ବଜାର ଅଭିଯୋଗ ପରେ ତଦନ୍ତ ଆରମ୍ଭ

ଉଦଳା,୧୩।୧୨(ସମିସ): ନିଜେ ଅଛନ୍ତି ଦାୟିତ୍ୱରେ, ହେଲେ ଦାୟିତ୍ୱ ଆଳରେ କରୁଛନ୍ତି କଳାବଜାର। ଗଣମାଧ୍ୟମ ଆଗରେ ଧରାପଡିଯିବା ପରେ ଘଟଣା ଚାପି ଦେବାକୁ କହୁଛନ୍ତି। ନିଜେ ସମ୍ପାଦକ ସାଜିଛନ୍ତି କିରାସିନି ଲୁଟ ଓ କଳାବଜାରୀର ମୁଖ୍ୟ ନାୟକ। ଉଦଳା ଆରସିଏମଏସରୁ ଆସିଛି ଏଭଳି ସାଙ୍ଘାତିକ ଲୁଟର ପ୍ରମାଣ। ଉଦଳା ଆରସିଏମଏସରୁ କିରାସିନି ସ୍ପଷ୍ଟ ଦିବାଲୋକରେ ଚୋରା ଚାଲାଣ ହେଉଥିବା ନେଇ ଖବର ପାଇ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ଏହି ସମୟରେ ସମସ୍ତେ ଗାଡ଼ି ଛାଡି ଚାଲିଗଲେ। ସ୍ପଷ୍ଟ ଦିବାଲୋକରେ କିରାସିନି ଭର୍ତ୍ତି ଡ୍ରମ ଗାଡ଼ିରେ ଲଦି ତାହାକୁ ସମସ୍ତଙ୍କ ଆଖିରୁ ଲୁଚାଇ ନେବା ପାଇଁ ପାଲ ଢାଙ୍କି ନିଆଯିବାକୁ ପ୍ରସ୍ତୁତ ହୋଇଥିଲା। ଯାହାକି ପ୍ରତି ଡ୍ରମରେ ୨୪୦ ଲିଟର ଲେଖାଏଁ ୧୧ ଗୋଟି ଡ୍ରମ ଭର୍ତ୍ତି ହୋଇ ବାଲେଶ୍ୱର ଜିଲ୍ଲା ଚାଲାଣ ହେବାକୁ ପ୍ରସ୍ତୁତ ଥିଲା। ଖବର ପାଇ ଅଚାନକ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଯିବା ପରେ ହଡ଼ବଡେଇ ଯାଇଥିଲେ କିରାସିନି ଲୁଟର ମୁଖ୍ୟ ସାଜିଥିବା ଆରସିଏମଏସର ସମ୍ପାଦକ ବସନ୍ତ ନାୟକ। ଘଟଣାକୁ ଚାପି ଦେବାକୁ କହିଥିଲେ। ଏହାକୁ ବିରୋଧ କରିବା ପରେ ସମ୍ପାଦକ ଡିଲରଙ୍କ ମୁଣ୍ଡରେ ଅଠା ଲଗାଇ ଖସିଯିବାକୁ ଚାହିଁଥିଲେ। ତେବେ ବିନା ରିକ୍ୟୁଜିସନ ଓ ତାଲିକାରେ ଡ୍ରମରେ କିରାସିନି ଭର୍ତ୍ତି କରାଯାଇଥିବା କହିଛନ୍ତି ଖୋଦ କର୍ମଚାରୀ। ଯାହା ଲୁଟ୍ ଯୋଜନାକୁ ସାମ୍ନାକୁ ଆଣିଛି। ଅଭିଯୋଗ ପାଇ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଡ୍ରଗ୍ସ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା

## ପୁଲିସର ବିଫଳତା ନେଇ ଏସ୍‌ପିଙ୍କୁ ଭେଟିଲେ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ

ବାରିପଦା,୧୩।୧୨(ସମିସ): ଚଳିତ ମାସ ୨ ତାରିଖରେ ବୈଶିଙ୍ଗାଠାରେ ମୟୂରଭଞ୍ଜ ଡ୍ରଗ୍ସ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣାରେ ପୁଲିସର ନିଷ୍କ୍ରିୟତା ନେଇ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ଏସପିଙ୍କୁ ଭେଟିଛନ୍ତି। ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ

### ୨ ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ ଚେତାବନୀ

ତୁରନ୍ତ ଗିରଫ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ସୂଚନା ବୈଶିଙ୍ଗା ବଜାରସ୍ଥ ମା'ଦୁର୍ଗା ଫିଡ୍ ନାମକ ଗୋଖାଦ୍ୟ ଦୋକାନରେ ବେଆଇନ ଔଷଧ କାରବାର



ନେଇ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଚଢ଼ଉ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୋକାନୀ ରଞ୍ଜନ ନାୟକ ଓ ଘର ମାଲିକଙ୍କ ପୁଅ ଉତ୍ସର୍ଗ ବେହେରା ଅସଭ୍ୟ ଆଚରଣ ସହ ଡ୍ରଗ୍ସ ନିରୀକ୍ଷକ ଶ୍ରୀ ନାୟକଙ୍କୁ ଧକ୍କା ମାରିଥିବା ଡ୍ରଗ୍ସ ଇନ୍ସପେକ୍ଟର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘ ତରଫରୁ ଘୋର ନିନ୍ଦା କରାଯାଇ ଅଭିଯୁକ୍ତ ଦ୍ୱୟଙ୍କ ପ୍ରତି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ ହୋଇଥିଲା। ଘଟଣା ଘଟିବାର ୧୦ ଦିନ ବିତିଲାଣି। ଅଭିଯୁକ୍ତଙ୍କୁ ଗିରିଫ କରିବାରେ ବୈଶିଙ୍ଗା ପୁଲିସ ବିଫଳ ରହିଛି। ଦୋଷୀଙ୍କ ପ୍ରତି ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରି ତୁରନ୍ତ ରାଜ୍ୟ ସରକାରଙ୍କ ଜଣେ ଅଧିକାରୀଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସମ୍ମାନ ନ ଦେଲେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଂଘ ଆଲୋଚନା ଓ ନିଷ୍ପତ୍ତି କ୍ରମେ ସଭାପତି ବିକାଶ ରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଲିଖିତ ଭାବେ ଅବଗତ ପୂର୍ବକ ନ୍ୟାୟ ଚାହିଁଛନ୍ତି।

### ● ରାଇରଙ୍ଗପୁରରେ ଚତୁର୍ଥ ଜାତୀୟ ଲୋକ ଅଦାଲତ

## ୧୩୩ଟି ମାମଲା ସମାଧାନ, ୧ ଲକ୍ଷ ଟଙ୍କା ଆଦାୟ

ରାଇରଙ୍ଗପୁର,୧୩।୧୨(ସମିସ): ଚତୁର୍ଥ ଜାତୀୟ ଲୋକ ଅଦାଲତ ରାଇରଙ୍ଗପୁରର ସିଭିଲ୍ କୋର୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ ସେବା କମିଟି ଦ୍ୱାରା ଆୟୋଜିତ ଏହି ଲୋକ ଅଦାଲତରେ ବିଭିନ୍ନ ବର୍ଗର ମାମଲା ଶୁଣାଣି କରାଯାଇଥିଲା ଓ ତ୍ୱରିତ୍ ନ୍ୟାୟ ପ୍ରଦାନ କରାଯାଇଥିଲା। ମୋଟ ୨୦୩ଟି ମାମଲା ଗ୍ରହଣ କରାଯାଇଥିଲା ଓ ଏଥିରୁ ୧୩୩ଟି ପାରସ୍ପରିକ ଚୁକ୍ତିନାମା ମାଧ୍ୟମରେ ସମାଧାନ କରାଯାଇଥିଲା। ଯାହାର ସମାଧାନ ପରିମାଣ ୧ ଲକ୍ଷ ଟଙ୍କା ରହିଥିଲା। ଏଡିଜେ ରାଇରଙ୍ଗପୁର କୋର୍ଟରେ ୮ଟି ମୋଟର ଯାନ ଦୁର୍ଘଟଣା ମାମଲାର ଶୁଣାଣି ହୋଇଥିଲା ସ ଅନ୍ୟ ୩ଟି ଫୌଜଦାରୀ ମାମଲାର ସମାଧାନ ହୋଇଥିଲା। ସିନିୟର ସିଭିଲ୍ ଜଜ୍ କୋର୍ଟରେ ୧୭ଟି ଟଙ୍କା ଆଦାୟ ମାମଲା, ୯ଟି ବୈବାହିକ ବିବାଦ ମାମଲା ଓ ୨୩ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ଶୁଣାଣି ହୋଇଥିଲା। ଏଥିରୁ ୫ଟି ମାମଲାର ସମାଧାନ ହୋଇଥିଲା। ଏସଡିଜେଏମ କୋର୍ଟରେ ଏନଆଇ ଆଇନର ଧାରା ୧୩୮ ଅନ୍ତର୍ଗତ ୩ଟି ମାମଲା ମଧ୍ୟରୁ ୧ଟି, ୫ଟି ବୈବାହିକ ବିବାଦ ମାମଲା ଓ ୧୨୨ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା ମଧ୍ୟରୁ ୧୧୫ଟି ସମାଧାନ କରାଯାଇଥିଲା। ଜେଏମଏଫସି କୋର୍ଟରେ ୪ଟି ମାମଲା ସମାଧାନ କରାଯାଇଥିଲା। ଯେଉଁଥିରେ ବୈବାହିକ ବିବାଦ ମାମଲା ଓ ଅନ୍ୟାନ୍ୟ ଦେୱାନୀ ମାମଲା ଅନ୍ତର୍ଭୁକ୍ତ। ଏଡିଜେ ଡକ୍ଟର ଭି. ସୁଜାତା, ବରିଷ୍ଠ ଦେୱାନୀ ବିଚାରପତି ଆଲୋକ ପଣ୍ଡା, ଏସଡିଜେଏମ ମନୀନ୍ଦ୍ର ସାହୁ, ଜେଏମଏଫସି ଶ୍ରୀମତୀ ଚେତନା ପଟ୍ଟନାୟକ ଲୋକ ଅଦାଲତରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଭଡ଼ାଘରୁ ଗୁରୁତର ବିଦ୍ୟୁତ ଅଧିକାରୀ ଉଦ୍ଧାର

ଆନନ୍ଦପୁର, ୧୩।୧୨ (ସମିସ): ଘଷିପୁରା ଗାଁରେ ଭଡ଼ାଘରେ ରହୁଥିବା ଆନନ୍ଦପୁର ଟିପିଏନଓଡିଏଲ୍‌ର ଅଧିକାରୀ ପ୍ରବିଣ କୁମାର ମହତଙ୍କୁ ମୁମୂର୍ଷୁ ଅବସ୍ଥାରେ କବାଟ ଭାଙ୍ଗି ଉଦ୍ଧାର କରିଛି ପୁଲିସ୍। ତାଙ୍କୁ ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ପ୍ରବିଣ ଆନନ୍ଦପୁର ଟିପିଏନଓଡିଏଲ ଏମଆରଟି ବିଭାଗରେ ଅଧିକାରୀ ଭାବେ କର୍ଯ୍ୟ କରନ୍ତି। ଉକ୍ତ ଭଡ଼ାଘରେ ପ୍ରବିଣଙ୍କ ସହ ନିଜ ବିଭାଗର ଅନ୍ୟ ୨ଜଣ ଯନ୍ତ୍ରୀ ମଧ୍ୟ ରହୁଥିଲେ। ଶନିବାର-ରବିବାର ୨ ଦିନ ଛୁଟି ଥିବାରୁ ସାଙ୍ଗରେ ରହୁଥିବା ଅନ୍ୟ ଦୁଇ ଯନ୍ତ୍ରୀ ଘରକୁ ପଳାଇଥିଲେ। ସକାଳୁ ବିଭାଗୀୟ କର୍ମଚାରୀ ବାରମ୍ବାର ଫୋନ୍ କଲେ ମଧ୍ୟ ପ୍ରବିଣ ଫୋନ୍ ନଉଠାଇବାରୁ ସେମାନେ ଯାଇ କବାଟି ଯେତେ ବାଡ଼େଇଲେ ମଧ୍ୟ ଭିତରୁ କେହି ଉତ୍ତର ଦେଉ ନଥିଲେ। ସନ୍ଦେହ ହେବାରୁ ଘରମାଲିକ ଯାଇ ଥାନାରେ ଘଟଣା ସମ୍ପର୍କରେ ଜଣାଇବା ପରେ ଘଷିପୁରା ପୁଲିସ୍ ଆସି କବାଟ ଭାଙ୍ଗିଥିଲା। ପ୍ରବିଣ ବାଥରୁମ୍‌ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତୁରନ୍ତ ତାଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରବିଣଙ୍କ ଘର ଛତିଶଗଡ଼ ଅଞ୍ଚଳରେ ହୋଇଥିବା ଜଣାପଡିଛି।

## ୧୫ରେ ମୟୂରଭଞ୍ଜ ଭଲିବଲ ଖେଳାଳି ଚୟନ

ବାରିପଦା, ୧୩।୧୨(ସମିସ):ବନାରସରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ଉଭୟ ପୁରୁଷ ଓ ମହିଳା ଜାତୀୟ ଭଲିବଲ ଚାମ୍ପିଅସିପ ଅବସରରେ ଚଳିତ ମାସ ୧୬ ଓ ୧୭ ତାରିଖରେ କିଟ୍‌ରେ ରାଜ୍ୟ ଭଲିବଲ ଦଳ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟକୁମାର ଦାସ ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ଉଭୟ ବିଭାଗରୁ ୫ ଜଣ ଲେଖାଏଁ ଖେଳାଳି ପାଇଁ ଚୟନ ପ୍ରତିଯୋଗିତା ୧୫ ତାରିଖରେ ଅନୁଷ୍ଠିତ ହେବ ବୋଲି ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଇଚ୍ଛୁକ ଖେଳାଳି ଉକ୍ତ ଦିନ ସକାଳ ୧୦ଟାରେ ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିବା ସହ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

### ଜମି ମାଡ଼ି ବସିଥିଲା ଥାନା

## ଥାନା ପରିସରରେ ବୁଲିଲା ବୁଲ୍‌ଡୋଜର

ବାରିପଦା, ୧୩।୧୨(ସମିସ): ଲୋକଙ୍କ ଜମିକୁ ଥାନା ମାଡ଼ି ବସିଥିଲା। ଯାହାକୁ ନେଇ ଥାନା ପରିସରରେ ବୁଲ୍‌ଡୋଜର ବୁଲିଛି। ବାରିପଦା ସଦର ଥାନା ପାଚେରି ଭଙ୍ଗାଯାଇଛି। ଲୋକଙ୍କ ଜାଗା ପୁଲିସ ବିଭାଗ ଆୟତ୍ତରେ ଥିବାବେଳେ କୋର୍ଟ ନିର୍ଦ୍ଦେଶ ପରେ ବୁଲ୍‌ଡୋଜରରେ ଭଙ୍ଗାଯାଇଛି। ବାରିପଦା ସଦର ଥାନା ପାଚେରି ନିର୍ମାଣ କରିବା ସମୟରେ ସ୍ଥାନୀୟ ବାସିନ୍ଦା ସଲିମ ଖାନ୍ ନାମକ ବ୍ୟକ୍ତିଙ୍କ



ଘରକୁ ଯିବାକୁ ଥିବା ସରକାରୀ ରାସ୍ତାକୁ ଘେରି ଦେଇଥିଲେ। ଫଳରେ ସଲିମ୍ ଖାନଙ୍କ ଘରକୁ ଯିବାକୁ ରାସ୍ତା ବନ୍ଦ ହୋଇଯାଇଥିଲା। ସଲିମ୍ ଖାନ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ପୁଲିସ ବିଭାଗ କିଛି ଶୁଣି ନ ଥିଲା। ଶେଷରେ ସଲିମ୍ ଖାନ କୋର୍ଟର ଆଶ୍ରୟ ନେଇଥିଲେ। ୨୦୧୮ରେ କୋର୍ଟରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ବାରିପଦା ସଦର ଥାନା ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଯାହାର ବିଚାର କରି କୋର୍ଟ ପାଚେରି ଭାଙ୍ଗି ଘରକୁ ରାସ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ମୁତାବକ ଶନିବାର ଥାନାର ପାଚେରି ଭଙ୍ଗାଯାଇଛି। ଘଟଣା ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ଥିଲେ।

### ● ଘସିପୁରା ବ୍ଲକ୍‌ରେ ରାସନ୍ କାର୍ଡ ଦୁର୍ନୀତି

## ଖାଲିଆମେଣ୍ଟାରେ ଭୂତ ନେଉଛି ଚାଉଳ

ଆନନ୍ଦପୁର,୧୩।୧୨(ସମିସ): ଘସିପୁରା ବ୍ଲକରେ ଅନେକ ରାସନ୍ କାର୍ଡ ଜାଲିଆତି ଓ ବେନାମୀ ହିତାଧିକାରୀଙ୍କ ନାମରେ ପ୍ରତିମାସ ଚାଉଳ ଉଠାଯାଉଥିବା ଭଳି ଦୁର୍ନୀତିର ଅଭିଯୋଗ ହେଉଥିଲେ ମଧ୍ୟ ତଦନ୍ତ ହେଉ ନଥିବା ଅଭିଯୋଗ ହୋଇଛି। ଖାଲିଆମେଣ୍ଟା ପଞ୍ଚାୟତରେ କାର୍ଡ ନମ୍ବର୍ ୧୮୦୪୦୬୧୧୮୬୯ରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅନ୍ତର୍ଭୁକ୍ତ ଏକ ରାସନ୍ କାର୍ଡ ହୋଇଛି। ଯାହାର ସମ୍ପୂର୍ଣ୍ଣ ତଥ୍ୟ ନଥିବା ବେଳେ ଏହା ରୁଦ୍ରନାରାୟଣ ନାୟକଙ୍କ ନାମରେ ଥିବା ସୂଚନା ମିଳିଛି। କାର୍ଡର ତଥ୍ୟ ଅନୁସାରେ ଏଥିରେ ଏହି ପରିବାରରେ ଏକ ମାତ୍ର ସଦସ୍ୟ ଥିବା ବେଳେ ରୁଦ୍ରନାରାୟଣ ଜଣେ ମହିଳା ଓ ତାଙ୍କ ବୟସ ୧୬ ବର୍ଷ ବୋଲି ଉଲ୍ଲେଖ ହୋଇଛି। ଅଭିଯୋଗ ଅନୁସାରେ ଏଭଳି ବ୍ୟକ୍ତି କେହି ନଥିବା ବେଳେ ପ୍ରତ୍ୟେକ ମାସ ଚାଉଳ ଉଠା ଯାଉଛି। ଯଦି ଜଣେ ବ୍ୟକ୍ତି ବୃଦ୍ଧ ହୋଇଥାନ୍ତି ତେବେ ବିନା ସ୍କାନିଂରେ ଚାଉଳ ଦିଆ ଯାଇଥାଏ; କିନ୍ତୁ ଏହି କାର୍ଡଟି ସମ୍ପୂର୍ଣ୍ଣ ରୂପେ କେହି ଜଣେ ଜାଲିଆତି କରି ଚାଉଳ ହଡପ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଘଷିପୁରା ବିଡିଓ ବିନିତା ବିଜୟିନୀ କହିଛନ୍ତି, ସେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

### ● ମିଲ୍‌ରେ ଚାଉଳ ଘୋଟାଲା ଘଟଣା

## ସିଲ୍ ହେଲା ଗୋଦାମ

ଉଦଳା, ୧୩।୧୨(ସମିସ): ଚାଉଳ ଗୋଦାମ ଓ ମିଲରେ ହୋଇଥିବା ବ୍ୟାପକ ଦୁର୍ନୀତି ଘଟଣାରେ ରାଜ୍ୟ ଯୋଗାଣ ବିଭାଗ ଦୁଇଦିନ ତଦନ୍ତ କରିବା ପରେ ଗୋଦାମ ଗୃହ ସିଲ କରିଛନ୍ତି। ଉଦଳା ବ୍ଲକ କୁଟଲିଙ୍ଗଠାରେ ଥିବା ଚାଉଳ ଗୋଦାମ ଓ ମିଲରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ରାଜ୍ୟ ଯୋଗାଣ ବିଭାଗ ଟିମ ସହିତ ସ୍ଥାନୀୟ ଯୋଗାଣ ବିଭାଗ ମିଳିତ ଭାବେ ଚଢ଼ଉ କରିଥିଲେ। ଦୁଇଦିନ ଧରି ରାଜ୍ୟ ଯୋଗାଣ ଅଧିକାରୀଙ୍କ ସହିତ ପୁରା ଟିମ ତଦନ୍ତ କରିବା ପରେ ଚାଉଳ ଗୋଦାମରେ ବ୍ୟାପକ ଦୁର୍ନୀତି ହୋଇଥିବା ତଥ୍ୟ ତଦନ୍ତକାରୀ ଟିମ ହାତରେ ଲାଗିଥିଲା। ପରେ ଚାଉଳ ଗୋଦାମକୁ ସିଲ କରିଛି ତଦନ୍ତକାରୀ ଟିମ। ଗୋଦାମରେ ବ୍ୟାପକ ଚାଉଳ ହେରଫେର ହୋଇଥିବା ସ୍ପଷ୍ଟ ହେବା ପରେ ଗୋଦାମ ସିଲ ହୋଇଥିବା ଜଣାଯାଇଛି।

## ଚାଷୀଙ୍କୁ ବିହନ ବଣ୍ଟନ



ଚମ୍ପୁଆ,୧୩।୧୨(ସମିସ): ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ରବି ଋତୁର ଚାଷ ପାଇଁ ଚଣା, ମସୁର, ମୁଗ ଓ ମଟର ଆଦି ବଣ୍ଟନ କରାଯାଇଛି। ଚମ୍ପୁଆ କୃଷି ଜିଲ୍ଲା କାର୍ଯ୍ୟାଳୟଠାରେ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ଓ ଜାମିନି ନାଏକ ପ୍ରମୁଖ ଚାଷୀଙ୍କୁ ଏହି ବିହନ ବଣ୍ଟନ କରିଥିଲେ। ସୂଚନା ଅନୁସାରେ, ଚଳିତ ବର୍ଷ ଚମ୍ପୁଆ କୃଷି ଜିଲ୍ଲା ଅଧୀନରେ ଥିବା ଚମ୍ପୁଆ ବ୍ଲକରେ ୧୫୦ ହେକ୍ଟର ମୁଗ, ୨୨୦୦ ହେକ୍ଟର ଚଣା, ୩୫୦ ହେକ୍ଟର ମସୁର ଓ ୨୦୦ ହେକ୍ଟର ମଟର ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ଝୁମ୍ପୁରା ବ୍ଲକରେ ୧୦୦ ହେକ୍ଟର ମୁଗ, ୧୫୦ ହେକ୍ଟର ଚଣା, ୩୦୦ ହେକ୍ଟର ମସୁର ଓ ୨୦୦ ହେକ୍ଟର ମଟର ଚାଷ ଲକ୍ଷ୍ୟ ରଖାଯାଇଛି। ସେହିପରି ଯୋଡା ବ୍ଲକରେ ମୁଗ ୧୦୦ ହେକ୍ଟର, ଚଣା ୧୫୦ ହେକ୍ଟର, ମସୁର ୭୫୦ ହେକ୍ଟର, ମଟର ୧୦୦ ହେକ୍ଟର ଚାଷ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ଏହି ଚାଷ ପାଇଁ ଆବଶ୍ୟକ ଅଣୁସାର, କୀଟନାଶକ, ନାନୋ ଡିଏପି, ଘାସମରା ଇତ୍ୟାଦି ଡିବିଟି ମାଧ୍ୟମରେ ରେଜିଷ୍ଟର ଡିଲରଙ୍କଠାରୁ କିଣି ପାରିବେ। ସମସ୍ତ ଅର୍ଥ ତାଙ୍କ ଆକାଉଣ୍ଟ ମାଧ୍ୟମରେ ପୈଠ କରାଯିବ ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କୁ ଉପରୋକ୍ତ ବିହନ ମାଗଣା ପ୍ରଦାନ କରାଯାଇଛି।

## କନ୍ୟା ସନ୍ତାନ ଏକୋଇଶାରେ ଚାରା ରୋପଣ



ଆନନ୍ଦପୁର, ୧୩।୧୨ (ସମିସ): ଘସିପୁରା ବ୍ଲକ ଭଣ୍ଡାରିଡିହା ପଞ୍ଚାୟତ ପଦନପୁର ଗ୍ରାମର ତ୍ରିଲୋଚନ ସାଙ୍କ ପୁତ୍ର ତୋଫାନ ସା, ପୁତ୍ରବଧୂ ଲକ୍ଷ୍ମୀପ୍ରିୟା ରାଉତ ଶିକ୍ଷକତା କରୁଥିବା ବେଳେ ତାଙ୍କ ଝିଅ ଦେବାଶ୍ରୀ ସାଙ୍କର ଏକୋଇଶା ଅବସରରେ ଏକ ନିଆରା ପ୍ରୟାସ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ଆଜିର ଆଧୁନିକ ଯୁଗରେ ଏବେବି ଗ୍ରାମାଞ୍ଚଳରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପୁଅଙ୍କୁ ପ୍ରାଥମିକତା ଦେବାକୁ ଯାଇ କନ୍ୟାଭ୍ରୂଣ ହତ୍ୟା କରାଯାଉଛି। ଏହି କୁପ୍ରଥାକୁ ବନ୍ଦ ସହ ସଚେତନତା ସୃଷ୍ଟି କରିବା ପାଇଁ ଦୁଇ ଶିକ୍ଷକ ଦମ୍ପତି ଆଜି ତାଙ୍କର ଝିଅ ଏକୋଇଶା ଅବସରରେ ଗ୍ରାମର ମୁକ୍ତେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ ଦେବା ସହ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବାଦଲ ସା, ତୁଷାର ସା, ତାପସ ସା, ଦିପୁ ସା, ମୁକ୍ତେଶ୍ୱର ମହାଦେବ ମନ୍ଦିର କମିଟିର ସଦସ୍ୟ କାଳୀପ୍ରସନ୍ନ ସା, ହରେକୃଷ୍ଣ ସେଠୀ, ମାର୍କଣ୍ଡ ମହାରଣା, ସୁରେଶଚନ୍ଦ୍ର ସା, ସିପୁ ମହାନ୍ତି, ମନୋଜ ସା, ପିତାମ୍ବର ରାଉଳ, କୁନି ଦାଶ, ବାଙ୍କୁ ମହାରଣା, ମାନସ ରାଉତ ସିପୁନ ନାଏକ, କୋଦଣ୍ଡଧର ରାଉତ ସାମିଲ ହୋଇଥିଲେ।

### ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍‌ର ୧୭ ଲକ୍ଷ ଟଙ୍କା ଯାତ୍ରୀଭଡ଼ା ଅନିୟମିତତା ଘଟଣା

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ

ବାରିପଦା,୧୩।୧୨(ସମିସ):ଓଡ଼ିଶା ଷ୍ଟେଟ ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଓଏସଆରଟିସି) ଅଧୀନ ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍ ସେବାରେ ମୟୂରଭଞ୍ଜ ଜିଲ୍ଲାରେ ଯାତ୍ରୀଭଡା ଅନିୟମିତତା ପଦାକୁ ଆସିବା ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶରେ ଥାନାରେ ଅଭିଯୋଗ ପରେ ଅପରାଧିକ ମାମଲା ରୁଜୁ ହୋଇଛି। ଅନିୟମିତତା ଘଟଣାରେ ବ୍ୟାଙ୍କର କିଛି କର୍ମଚାରୀଙ୍କ ସମ୍ପୃକ୍ତ ଥିବା ଅନୁମାନ କରାଯାଉଥିବାବେଳେ ଓଏସଆରଟିସିର

**ଅନିୟମିତତା ଟଙ୍କାରେ ଟ୍ରାକ୍ଟର ଓ କାର୍ କିଣାଯାଇଥିବା ଅଭିଯୋଗ**

ରାଇରଙ୍ଗପୁର କର୍ମଚାରୀଙ୍କ ସମ୍ପୃକ୍ତି ମଧ୍ୟ ସମ୍ମୁଖକୁ ଆସିଛି। ସୂଚନା ମୁତାବକ, ଯାତ୍ରୀଙ୍କ ଭଡ଼ା ଟଙ୍କାରେ ବିଶୋଇ ବ୍ଲକରେ କାର୍ଯ୍ୟରତ ସୁପରଭାଇଜର ଲଳିତ ବାରିକଙ୍କ କଳା କାରନାମା ପଦାକୁ ଆସିଛି। ଦୁଇବର୍ଷରେ ଲଳିତ ବାରିକ ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଯାତ୍ରୀ ଭଡା ଆତ୍ମସାତ୍ କରି ନିଜ ପାଇଁ ଘର, ଗାଡି ଓ ଜମି ଚାଷ ପାଇଁ ଟ୍ରାକ୍ଟର କିଣିଛନ୍ତି। ଅନିମିତତା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଓଏସଆରଟିସି ଜିଲ୍ଲା ମ୍ୟାନେଜର ସତ୍ୟଜିତ ବିଷୋୟୀଙ୍କୁ ନିର୍ଦ୍ଦେଶ ଦେବା ପରେ ବିଶୋଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଲଳିତ ବାରିକଙ୍କ ନାମରେ ମାମଲା ରୁଜୁ ହୋଇଛି। ମ୍ୟାନେଜର ବିଷୋୟୀ କହିଛନ୍ତି, ଘଟଣା ସମ୍ପର୍କରେ ଯାଞ୍ଚ ଚାଲିଛି। ଖାଲି ଏହି ବ୍ଲକରେ ହୋଇଛି ନା ଅନ୍ୟ ବ୍ଲକରେ ହୋଇଛି ତାହାର ଯାଞ୍ଚ କରୁଛୁ। ବ୍ଲକକୁ ଯାଇ ସ୍ଥିତି ପରଖୁଛୁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମେ ଥାନାରେ ଅଭିଯୋଗ କରିଥିଲୁ।

### ■ ଅବକାରୀ ବିଭାଗର ମିଳିତ ଚଢ଼ଉ

## ୮୩୦୦ ଲିଟର ମହୁଲ ପୋଚ ନଷ୍ଟ

ମୋରଡା,୧୩।୧୨(ସମିସ): ମୋରଡା ଅବକାରୀ ବିଭାଗ, ସଦର ରେଞ୍ଜ, ଦେଉଳି, ବେତନଟୀ, କୁଳିଅଣା ଅବକାରୀ ବିଭାଗ ଓ ମୋବାଇଲ ଟିମ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିବା ସହିତ ଦେଶୀ ମଦ ଜବତ କରିଛନ୍ତି। ମୋରଡା ଅବକାରୀ ଅଧିକାରୀ ଦୀପକ



କୁମାର ରାଉତଙ୍କ ସୂଚନା ମୁତାବକ, ଆଜି ପୂର୍ବାହ୍ନ ୧୧ଟାରେ ଉକ୍ତ ମିଳିତ ଟିମ ମୋରଡା ବ୍ଲକର ଭାଲୁକଚୁଆ, ତଳସାହିରେ ଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ଉ କରି ୮୩୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୮୩୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହିତ ମଦ ତିଆରି ପାଇଁ ବ୍ୟବହୃତ ଉପକରଣ ମଧ୍ୟ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ ୧୫୬/୨୫ ଓ ୧୫୭/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।

## ବାଛୁରିପଡ଼ା କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା




ପୁରୁଣିଆ,୧୩।୧୨(ସମିସ): ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆସ ସ୍କୁଲ ଯିବା ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ଅଂଶସ୍ୱରୂପ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା ସମିତିର ସଭାପତି, ୱାର୍ଡ ମେମ୍ବର, ସରପଞ୍ଚ, ସମିତିସଭ୍ୟ, ଅଙ୍ଗନବାଡି ଦିଦି ଓ ପୁରାତନ ଛାତ୍ର ସଂଘର ସଭାପତି, ସମ୍ପାଦକ ଓ ସକ୍ରିୟ ଅଭିଭାବକଙ୍କୁ ନେଇ ପୁରୁଣିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିକ୍ଷାସଭାକୁ ବରିଷ୍ଠ ଶିକ୍ଷକ କୃତିବାସ ପଡ଼ିଆରୀ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋବିନ୍ଦ ମହାନ୍ତ, ଜନ୍ମେଜୟ ସ୍ୱାଇଁ, ପରେଶ ପାଣି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଙ୍ଗାରୁଆର ୱାର୍ଡ ମେମ୍ବର ଭାରତୀ ସିଂ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁବାସ ଜେନା ମଞ୍ଚ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ସମାବେଶ

ବାରିପଦା,୧୩।୧୨(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ଶ୍ରମିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ସର୍କଲର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ଓ ଉପଭୋକ୍ତାଙ୍କ ଘରେ ଜବରଦସ୍ତ ସ୍ମାର୍ଟ ମିଟର ବସାଇ ମାତ୍ରାଧିକ ବିଦ୍ୟୁତ ବିଲ୍ ନେବା, ଚାକିରି ଛାଡିଥିବା ଓ ମୃତ୍ୟୁବରଣ କରିଥିବା ଠିକା କର୍ମଚାରୀଙ୍କ ଖାଲିଥିବା ପଦବୀ ପୂରଣ ନ କରିବା, ବିଭିନ୍ନ ଆଳ ଦେଖାଇ କର୍ମଚାରୀଙ୍କୁ ବହିଷ୍କାର କରିବା, ଭିଜିଲାନ୍ସ ଅଧିକାରୀ ବିଦ୍ୟୁତ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ଧମକ ଦେବା, ଭିଜିଲାନ୍ସ ତଦାରଖ ଆଳରେ ବିଭିନ୍ନ ସ୍ଥାନରେ ନିରୀହ ବିଦ୍ୟୁତ ଗ୍ରାହକଙ୍କର ସ୍ମାର୍ଟ ମିଟର ବା ଇଲେକ୍ଟ୍ରୋଷ୍ଟାଟିକ୍ ମିଟର ବସିଥିବା ସ୍ଥଳେ



ବେନିୟମ ଭାବେ ଘରେ ପଶି ବିଦ୍ୟୁତ ଉପକରଣର ଲୋଡ ନିର୍ଦ୍ଧାରଣ କରିବା, କୌଣସି ତ୍ରୁଟି ନଥାଇ ଭିଜିଲାନ୍ସ ଅଧିକାରୀ ସେମାନଙ୍କ କାର୍ଯ୍ୟକାଳ ବଢାଇବା ଉଦ୍ଦେଶ୍ୟରେ ଜରିମାନା କରିବା ଆଦି ଅଭିଯୋଗ କରାଯାଇଥିଲା। ଏ ସମ୍ବନ୍ଧରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ୟାର ଉପଯୁକ୍ତ ସମାଧାନ କରା ନ ଗଲେ ସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମସମ୍ପାଦକ ହିତେଶ ରାଉତ, ସର୍କଲ ସମ୍ପାଦକ କାନ୍ତିଲାଲ ବିଶ୍ୱାଳ, ବାରିପଦା ଡିଭିଜନ୍ ସମ୍ପାଦକ ଜଗଦୀଶ ମହାନ୍ତ, ଉଦଳା ଡିଭିଜନ୍ ସମ୍ପାଦକ ମନୋରଞ୍ଜନ ମହାନ୍ତ, ରାଇରଙ୍ଗପୁର ଡିଭିଜନ ସମ୍ପାଦକ ହୃଷିକେଶ ମହାନ୍ତ, ସହସମ୍ପାଦକ ସଂଜୟ ମହାନ୍ତ, ମନୋଜ ମହାନ୍ତ ଓ ସଂଗଠନ ସମ୍ପାଦକ ବିଜେନ୍ଦ୍ର ଗିରି, କାର୍ଯ୍ୟକାରୀ କମିଟି ସଦସ୍ୟ ଦେବଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ରେ 'ମଟରସାଇକେଲ'



ଡିସେମ୍ବର ୧୯ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ବାବୁ ଭାଇ ପ୍ରଡକସନର ନୂଆ ଓଡ଼ିଆ ସିନେମା 'ମଟରସାଇକେଲ'। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଜ୍ୟୋତି, ଅଭିଷେକ, ଆଲିସା ସାମନ୍ତରାୟ, କୁନା ତ୍ରିପାଠୀ, ପ୍ରୀତି ବିଶ୍ୱାଳ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଭାବେ ଅଛନ୍ତି ପ୍ରେରଣା ପ୍ରତୀକ୍ଷା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ ଓ ପ୍ରଣବ। ଏଥିରେ ଡାକ୍ତର ନିର୍ମଳ ନାୟକଙ୍କ ଗୀତକୁ ସୁନ୍ଦର ଭାବେ ସଂଗୀତରେ ସଜାଇଛନ୍ତି ସୋମେଶ ଶତପଥୀ। ଫ୍ୟାମିଲି ଡ୍ରାମା ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ପସନ୍ଦ କରିବେ ବୋଲି ପୂରା ଟିମ୍ ଆଶାବାଦୀ ଅଛି। ■

## ଖଳନାୟକ ଚରିତ୍ରରେ ଶୁଭମ୍



ଖୁବଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। ତେବେ ଚଳଚ୍ଚିତ୍ରରେ ଖଳନାୟକ ଚରିତ୍ରରେ ଜଣେ ନୂଆ ଚେହେରା ଦେଖିବାକୁ ମିଳିବ। ସେ ହେଲେ ଶୁଭମ୍ ପାଢ଼ୀ। ଶୁଭମ୍ ଖୁବ୍ କମ୍ ବୟସରୁ ଖଳନାୟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଗୁରୁଦାୟିତ୍ୱ ମୁଣ୍ଡକୁ ନେଇଛନ୍ତି। ପ୍ରଥମ କରି ସେ ଖଳନାୟକ ଚରିତ୍ରରୁ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ଓଲିଉଡ୍‌ରେ ଶୁଭମଙ୍କ ପ୍ରଥମ ପାଦ ତାଙ୍କୁ କେଉଁ ଆଡ଼କୁ ନେବ, ତାହା ତ ଚଳଚ୍ଚିତ୍ର ଦେଖିବା ପରେ ଜଣାପଡ଼ିବ। ଶୁଭମ ଯୁକ୍ତ ତିନିର ଛାତ୍ର। ସେ ଅଡ଼ଶପୁର ଅଟୋନମୋସ କଲେଜରେ ପାଠ ପଢୁଛନ୍ତି। ପାଠପଢ଼ା ସହ ସେ ତାଙ୍କର ଅଭିନୟ ଯାତ୍ରକୁ ଆଗେଇ ନେବାକୁ ଇଚ୍ଛାକୁ ରଖିଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନ୍ଟୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖଙ୍କ ସମେତ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■

## ଟେଲିଭିଜନ ପ୍ରିମିୟର

## 'ସାହା ହେବେ ମୋତେ ମା ମଙ୍ଗଳା'



ଡିସେମ୍ବର ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ 'ସାହା ହେବେ ମୋତେ ମା ମଙ୍ଗଳା'। କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସବୁବେଳେ ରକ୍ଷା କରେ, ତାହାକୁ ନେଇ ଏହା ଏକ ସୁନ୍ଦର କାହାଣୀ। ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଏବଂ ସିମରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟି ଗୌରୀ ନାମକ ଏକ ଝିଅର ବିବାହ ଓ ତା'ର ପରବର୍ତ୍ତୀ ରୋମାଞ୍ଚ ଉପରେ ଏକ ଭିନ୍ନ କାହାଣୀ। ମା' ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର୍ ରାଜକୁମାର ଚୌଧୁରୀଙ୍କ ସହ ଏକ ମିଛ ବିବାହ ହୋଇଯାଏ। ଏହା ପରେ ଗୌରୀର ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ। କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛି। ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା ଯିଏକି ରାଜଙ୍କୁ ଭଲପାଏ, ତାକୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡ଼କୁ ମୁହାଁଇ ଥାଏ। ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇ ଚାଲେ। ବର୍ତ୍ତମାନ କେବଳ ଗୌରୀର ଦିବ୍ୟ ଶକ୍ତି ହିଁ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିପାରିବ ଏବଂ ତାଙ୍କୁ ରକ୍ଷା କରିପାରିବ। ଏହି ଚଳଚ୍ଚିତ୍ରରେ ଡ. ନିର୍ମଳ ନାୟକଙ୍କ ଲିଖିତ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ। କଣ୍ଠଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ୍। ଏହି ସିନେମାଟି ସାର୍ଥକରେ ସପରିବାର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■

## 'ଛୁମନ୍ତର' ଛାଡ଼ିଲେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'ଛୁମନ୍ତର' ସିନେମାରେ ନଜର ଆସିଥାନ୍ତେ। ଏବେ ସେ ଏହି ସିନେମାକୁ ଛାଡ଼ି ଦେଇଛନ୍ତି। ତେବେ ସେ ଏହି ସିନେମା କାହିଁକି ଛାଡ଼ିଲେ, ତାହାର କାରଣ ବି କହିଛନ୍ତି। ଅନନ୍ୟା 'କଲ ମି ବେ -୨' ସୁଟିଂ ସହିତ ଏହି ସିନେମାର ତାଳମେଳ ରହିବ ନାହିଁ। ତେବେ 'କଲ୍ ମି ବେ-୨' ସିନେମାର ସୁଟିଂ ଆରମ୍ଭ ହୋଇଛି। ତେଣୁ ଏଥିରେ ବ୍ୟସ୍ତ ରହି ଅନନ୍ୟା 'ଛୁମନ୍ତର' ସିନେମାକୁ ସମୟ ଦେଇପାରିବେ ନାହିଁ। ଫଳରେ ସେ ଏଥିରୁ ଓହରି ଯିବାକୁ ଉଚିତ ମଣିଲେ। ଅନନ୍ୟା ସିନେମାରୁ ଓହରି ଯାଇଥିବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମନ ଦୁଃଖ ହୋଇଛି। ଏହି ଫାଟାନ୍ସି ରୋମାଣ୍ଟିକ୍ ସିନେମାର ପ୍ରସ୍ତୁତି କାହିଁ କେଉଁ ମାସରୁ ଆରମ୍ଭ ହେଲାଣି। ସେହିପରି ଏଥିରୁ ଅନନ୍ୟା ଓହରିବା ପରେ ସିନେମାର କାଷ୍ଟରେ ବି ପରିବର୍ତ୍ତନ ଆସିଥିବା କୁହାଯାଉଛି। ସାଉଥ୍ ସୁନ୍ଦରୀ ଶ୍ରୀଲାଲା ଏବଂ ଜାନ୍‌କୀ ବୋଡିୱାଲାଙ୍କୁ ଅନନ୍ୟାଙ୍କ ସ୍ଥାନରେ ଏହାର ନିର୍ମାତା ନେଲେ। ■

## "ଜୀବନ ଥିବା ଯାଏଁ ଅଭିନୟ କରୁଥିବି"

**ସୁଲଗ୍ନା ନାୟକ, ଅଭିନେତ୍ରୀ**

**ସେ ମଞ୍ଚରେ ଜୀବନ୍ତ ଅଭିନୟ କରନ୍ତି। ମଞ୍ଚ ନାଟକରେ ଲୋକପ୍ରିୟତା ହାସଲ କରି ସେ ଓଡ଼ିଆ ଧାରାବାହିକରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନେକ ଧାରାବାହିକରେ ନାୟିକା ଭାବେ ସେ ଚମତ୍କାର ଅଭିନୟ କରିଛନ୍ତି। ଏହି ପ୍ରତିଭାମୟୀ ଅଭିନେତ୍ରୀ ହେଉଛନ୍ତି ସୁଲଗ୍ନା ନାୟକ। ଭଦ୍ରକ ଜିଲ୍ଲାରେ ତାଙ୍କର ଜନ୍ମ। କଟକରେ ସେ ବଡ଼ ହୋଇଛନ୍ତି। 'ଶଙ୍ଖା ସିନ୍ଦୂର' ତାଙ୍କର ଡେବ୍ୟୁ ଧାରାବାହିକ। ସେ ଅନେକ ଧାରାବାହିକ, ଟେଲିଫିଲ୍ମ, ମ୍ୟୁଜିକ୍ ଭିଡିଓ ଆଦିରେ ଅଭିନୟ କରିଛନ୍ତି। ଧାରାବାହିକ ବା ମଞ୍ଚ ନାଟକ କେଉଁଥିରେ ସୁଲଗ୍ନା ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି ଜାଣିବା ତାଙ୍କ ମୁହଁରୁ।**



**ମଞ୍ଚ ଅଭିନେତ୍ରୀରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

- ମୋ ବାପା ଜଣେ ଜଣାଶୁଣା ଥିଏଟର୍ ନିର୍ଦ୍ଦେଶକ ଥିଲେ। ସେ ଚାହୁଁଥିଲେ ମୁଁ ଭବିଷ୍ୟତରେ ନିର୍ଦ୍ଦେଶନା ଦେବି। ହେଲେ ମୋର ମଞ୍ଚ ନାଟକ ପ୍ରତି ପିଲାଦିନରୁ ଦୁର୍ବଳତା ରହିଲା। ସ୍କୁଲରେ ପଢ଼ିବା ସମୟରୁ ମଞ୍ଚନାଟକ ସହିତ ଜଡ଼ିତ ରହିଲି। 'ମାଟିର ମଣିଷ', 'ଚଇତୁ' ଆଦି ନାଟକରେ ଅଭିନୟ କରିଛି। ପରେ ଓଲିଉଡ୍ ଜଗତରେ ଅଭିନୟ କରିବା ପାଇଁ ଅଡିସନ୍ ଦେଇଥିଲି। 'ଶଙ୍ଖା ସିନ୍ଦୂର' ମୋର ପ୍ରଥମ ଧାରାବାହିକ। ଏଥିରେ ମୋର ଚରିତ୍ର ଥିଲା 'ମିଲି'। ଏହି ଚରିତ୍ର ମୋ କ୍ୟାରିୟର ପାଇଁ ଏକ ମାଇଲ୍‌ଷ୍ଟୋନ୍ ଥିଲା। 'ଜ୍ୱାଇଁ ନଂ ୧', 'ମେକାନିକ୍ ଦିଦି', 'ଜୟ ମା ଲକ୍ଷ୍ମୀ'," ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ଟେଲି ଫିଲ୍ମ 'ବାଜି ଲାଗିଛି ମୋ ଶଙ୍ଖା ସିନ୍ଦୂର', 'କବିତା, ବନିତା, ଲତା' ରେ କାମ କରିବାକୁ ସୁଯୋଗ ମିଳିଛି।

**ପ୍ରଥମ ସୁଟିଂ ସେଟ୍‌ର ଅନୁଭୂତି?**

- ମଞ୍ଚରେ ସିଧାସଳଖ ଦର୍ଶକଙ୍କ ସାମ୍ନାରେ ସଂଳାପ ପରିବେଷଣ କରିବାରେ କେବେ ସମସ୍ୟା ହୋଇନି। ହେଲେ 'ଶଙ୍ଖା ସିନ୍ଦୂର'ର ସୁଟିଂ ସେଟ୍‌ରେ ପ୍ରଥମ ଦିନରେ ମୁଁ ଭୟ କରିଥିଲି। ସବୁକିଛି ଭୁଲ୍‌ଭାଲ୍ କରୁଥିଲି। 'ମିଲି' ଚରିତ୍ର ମୋ ନିଜ ସହିତ ସମାନ ଥିବାରୁ ଚରିତ୍ରକୁ ନେଇ ଭୟ ନଥିଲା। ବରଂ ଟେକ୍‌ନିକ୍ ଦୃଷ୍ଟିରୁ ଭୟ ଲାଗିଥିଲା। ଏନେଇ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରମାନେ ମୋତେ ଭୟ ଛାଡ଼ି ଭଲ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ରୋଷେଇ କରିବାକୁ ଭଲ ପାଏ। ଓଡ଼ିଆ ଉପନ୍ୟାସ ପଢ଼େ। ମୁଁ ଜଣେ ପଶୁପ୍ରେମୀ। ଘରେ ଆହତ ବୁଲାକୁକୁର, ବିଲେଇ, ଗାଈଙ୍କର ଯତ୍ନ ନେବାକୁ ଭଲ ପାଏ। ସେଥିରୁ ମୋତେ ଆତ୍ମସନ୍ତୋଷ ମିଳିଥାଏ।

**ଅଭିନୟକୁ ଉଚ୍ଚକୋଟୀର କରିବାକୁ ସୁଲଗ୍ନା କ'ଣ କରନ୍ତି?**

- ଅଭିନୟ ସବୁବେଳେ ଜୀବନ୍ତ ହେବା ଦରକାର। ମଞ୍ଚ ହେଉ କି ସୁଟିଂ ସେଟ୍। କାରଣ ଦର୍ଶକଙ୍କ ପ୍ରଥମ ଶୁଭଦୃଷ୍ଟି ଅଭିନୟ ଉପରେ ହିଁ ପଡ଼ିଥାଏ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଥାଏ, ଏହାକୁ ସଠିକ୍ ଢଙ୍ଗରେ ଉପସ୍ଥାପନା କରେ। ଅଭ୍ୟାସ ଜାରି ରଖେ।

**ଆଗାମୀ ଯୋଜନା?**

- ସମୟ ସୁଯୋଗକୁ କେହି ବି ହାତଛଡ଼ା କରିବାକୁ ଚାହାଁନ୍ତିନି। ଏବେ ମଞ୍ଚ ନାଟକ କରୁଛି। ଆଗାମୀ ଦିନରେ ଭଲ କାହାଣୀର ସିନେମା ମିଳିବାକୁ ଅପେକ୍ଷା କରିଛି। ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ମଞ୍ଚ ନାଟକରୁ ମୋ କ୍ୟାରିୟର ଆରମ୍ଭ। ଜୀବନ ଥିବା ଯାଏଁ ମଞ୍ଚନାଟକରେ ଅଭିନୟ କରୁଥିବି।

**ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିବାର ଉପାୟ?**

- ମୋ ବାପା ଏହି ଲାଇନ୍‌ରେ ଚିହ୍ନା ମୁହଁ ଥିଲେ। ତେଣୁ ଅଭିନେତ୍ରୀ ହେବା ପାଇଁ ମୁଁ କାହାର ସାହାଯ୍ୟ ନେଇନଥିଲି। ନିଜର ପ୍ରତିଭା ଆଉ ଧୈର୍ଯ୍ୟ ବଳରେ ମୁଁ ଏତେ ବାଟ ଆସିପାରିଛି। ତେଣୁ ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ହେଲେ ଆତ୍ମବିଶ୍ୱାସ ରଖି କାମ କରିବା ଜରୁରି।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଅଭିନୟରେ ପାରଙ୍ଗମ ହେବାକୁ ହେଲେ ପ୍ରଥମେ ମଞ୍ଚନାଟକ କରିବା ଆବଶ୍ୟକ ବୋଲି ମୁଁ ଭାବେ। ଅଧିକାଂଶ କଳାକାର ହେବାକୁ ଫିଟ୍‌ନେସ୍, ଲୁକ୍, ଅଙ୍ଗଭଙ୍ଗୀ, କଷ୍ଟ୍ୟୁମ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। ହେଲେ ପ୍ରଥମେ ଅଭିନୟକୁ ଗୁରୁତ୍ୱ ଦିଅନ୍ତୁ। ନିଜକୁ ମିଳୁଥିବା ଚରିତ୍ରକୁ କେତେ ମାତ୍ରାରେ କରିବେ ତାହାକୁ ଧ୍ୟାନ ଦିଅନ୍ତୁ। ଗୁରୁଜନଙ୍କଠାରୁ ଶିଖିବା ମନୋବୃତ୍ତି ରଖନ୍ତୁ। ■

## ପରଦା ପଛର କାହାଣୀ

## ଚାରିଧାଡ଼ି ଭାବନାରୁ ନିର୍ମିତ ଫିଲ୍ମ

ସିନେ ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏକ ଚର୍ଚ୍ଚିତ ଫିଲ୍ମ 'ଶୋଲେ'। ବଲିଷ୍ଟାର୍ ଅମିତାଭ ବଚ୍ଚନ ଓ ଧର୍ମେନ୍ଦ୍ରଙ୍କ କ୍ୟାରିୟରରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା ଏହି ଫିଲ୍ମଟି। ସେହିପରି ଫିଲ୍ମର କାହାଣୀ ଲେଖକ ସଲିମ୍ ଖାନ୍ ଏବଂ ଜାଭେଦ ଅଖତରଙ୍କ କ୍ୟାରିୟରରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ତେବେ ଫିଲ୍ମର କାହାଣୀକୁ ନେଇ ଏକ ରୋଚକୀୟ କଥା ରହିଛି। ଏହାର କାହାଣୀ କେବଳ ଚାରିଧାଡ଼ିର ଭାବନାକୁ ନେଇ ନିର୍ମିତ ହୋଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହାର ପଟ୍ଟକଥା ଓ ଚରିତ୍ର ବାସ୍ତବ ଜୀବନ ଉପରେ ଆଧାରିତ। ଫିଲ୍ମର ଲେଖକ ନିଜ ବ୍ୟକ୍ତିଗତ ଜୀବନର ଅନୁଭବକୁ କାହାଣୀର ରୂପ ଦେଇଛନ୍ତି। ମାତ୍ର ଚାରିଧାଡ଼ି ଭାବନାରୁ ନିର୍ମିତ ହୋଇଥିବା 'ଶୋଲେ' ଭାରତୀୟ ଚଳଚ୍ଚିତ୍ର ଇତିହାସରେ କାଳଜୟୀ ହୋଇଗଲା। ସଲିମ୍ - ଜାଭେଦ ମିଳିତ ଭାବେ ଏହି ଫିଲ୍ମର କାହାଣୀକୁ ଗତିଶୀଳ କରାଇଥିଲେ। ଏହାର କାହାଣୀ ଦୁଇଜଣ ଅପରାଧୀ ଜୟ ଏବଂ ବୀରୁ ଉପରେ ଆଧାରିତ। ଏଥିରେ ଜୟ ଚରିତ୍ରରେ ଅମିତାଭ ବଚ୍ଚନ ଓ ଭୀରୁ ଭୂମିକାରେ ଧର୍ମେନ୍ଦ୍ର ଚମତ୍କାର ଅଭିନୟ କରିଥିଲେ। ସଲିମ୍ ଖାନ୍ ନିଜର ଦୁଇ ବନ୍ଧୁଙ୍କ ବାସ୍ତବ ଜୀବନକୁ ନେଇ ଏହି ଫିଲ୍ମର କାହାଣୀ ଲେଖିଥିଲେ। ଦୁହେଁ ସଲିମ୍‌ଙ୍କର କଲେଜ ବନ୍ଧୁ ଥିଲେ। ଜଣେ ଜମିଦାରଙ୍କ ପୁଅ ଥିବାବେଳେ ଅନ୍ୟ ଜଣେ କୃଷକ ଥିଲେ। ସେ ଦୁହିଁଙ୍କଠାରୁ ପ୍ରେରଣା ପାଇ ସଲିମ୍ ଏହି ଫିଲ୍ମର କାହାଣୀ ଲେଖିଥିଲେ। ସେହିପରି 'ଶୋଲେ'ର ଡାକୁ ଗବ୍ବର ସିଂ ଚରିତ୍ର ପାଇଁ ବାସ୍ତବରେ ଜଣେ କୁଖ୍ୟାତ ଅପରାଧୀଙ୍କଠାରୁ ପ୍ରେରଣା ଲାଭ କରିଥିଲେ। ତାଙ୍କ ନାଁ ମଧ୍ୟ ଥିଲା ଗବ୍ବର। ସେ ଖୁବ୍ କୁକୁର ପାଳନ କରୁଥିଲେ। ସଲିମ ଖାନ୍ ତାଙ୍କ ପିତାଙ୍କଠାରୁ ଏହି ଡାକୁର କାହାଣୀ ଶୁଣିଥିଲେ। ଫିଲ୍ମର କାହାଣୀ ପୂରା କରିବା ପାଇଁ ସଲିମ୍- ଜାଭେଦ ନିଜ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ଏଥିରେ ସାମିଲ କରାଇଥିଲେ। 'ଶୋଲେ'ର ବସନ୍ତୀ ଏବଂ ଠାକୁର ଚରିତ୍ର ସେଠାରୁ ସୃଷ୍ଟି ହୋଇଛି। ସେହିପରି 'ଶୋଲେ'ରେ ଠାକୁର ଚରିତ୍ର ସଲିମ୍ ନିଜ ଶ୍ୱଶୁର ବଳଦେବ ସିଂଙ୍କଠାରୁ ପ୍ରେରଣା ପାଇ ସୃଷ୍ଟି କରିଥିଲେ। ଫିଲ୍ମରେ ଏହି ଚରିତ୍ରର ନାମ ବଳଦେବ ସିଂ ଠାକୁର ମଧ୍ୟ ଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ଛଅ ବର୍ଷ ସମୟ ଲାଗିଥିଲା। ଫିଲ୍ମର ଏକ ଦୃଶ୍ୟ ୨୩ ଦିନ ଏବଂ ଆଉ ଦୃଶ୍ୟ ସୁଟିଂ ପାଇଁ ତିନିବର୍ଷ ସମୟ ଲାଗିଥିଲା। ଠାକୁରଙ୍କ ପରିବାର ସଦସ୍ୟଙ୍କୁ ଗବ୍ବର ମାରିବାର ଦୃଶ୍ୟଟି ୨୩ ଦିନରେ ସୁଟିଂ ହୋଇଥିଲା। ସେହିପରି ଜୟ ରାଧାଙ୍କ ଏକ ଦୃଶ୍ୟ ୩ ବର୍ଷରେ ସୁଟ୍ ହୋଇଥିଲା। ୨୦୧୭ ମସିହାରେ ଅମିତାଭ ବଚ୍ଚନ ଏହା ସଂପର୍କରେ କହିଥିଲେ। ୫୦ ବର୍ଷ ପୂର୍ବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୫୦ କୋଟି ଆୟ କରିଥିଲା। ■



# ମେସିଙ୍କ ପାଇଁ କୋଲକାତା ପାଗଳ



କୋଲକାତା/ ହାଇଦରାବାଦ୍, ୧୩।୧୨(ଏଜେନ୍ସି):





ବିଶ୍ୱବିଖ୍ୟାତ ଫୁଟବଲ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କ ଭାରତ ଗସ୍ତ କିଛି ସମର୍ଥକଙ୍କୁ ଆନନ୍ଦ ଦେଉଥିଲାବେଳେ କୋଲକାତା ସମର୍ଥକଙ୍କୁ ନିରାଶ କରିଛି। ମେସିଙ୍କ ଗସ୍ତବେଳେ କୋଲକାତାରେ ହଙ୍ଗାମା ହୋଇଥିଲା। ଏଥିଲାଗି ତୀବ୍ର ସମାଲୋଚନା ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦର୍ଶକ ଓ ମେସିଙ୍କୁ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକଙ୍କୁ ଗିରଫ କରାଯାଇଛି ଓ ଦର୍ଶକଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯିବ ବୋଲି ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ କୋଲକାତା ପରେ ହାଇଦରାବାଦ୍‌ରେ ମେସି ପହଞ୍ଚିବା ପରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସହଜରେ ସବୁକିଛି ଆୟୋଜିତ ହୋଇଥିଲା।

**କୋଲକାତା:** ଭାରତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର ଥିଲା। ସହରର ମୁଖ୍ୟସ୍ଥଳରେ ତାଙ୍କର ଏକ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସେ ଉନ୍ମୋଚନ କରିଥିଲେ। ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ମେସି ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଆୟୋଜକ, ମନ୍ତ୍ରୀ, ବିଧାୟକ, ଭିଆଇପିମାନେ ତାଙ୍କୁ ଘେରି ରହିଥିଲେ। ଅଳ୍ପସମୟ ପରେ ତାଙ୍କୁ ହଠାତ୍ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ତାଙ୍କ ଅନୁପସ୍ଥିତି ଜାଣିବା ପରେ ବହୁ ଉଚ୍ଚ ଦରରେ ଟିକଟ କିଣି ଉପସ୍ଥିତ ଥିବା ଦର୍ଶକ ଓ ସମର୍ଥକଙ୍କ ମଧ୍ୟରେ ନିରାଶା ଖେଳିଯାଇଥିଲା। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ। ମନ୍ତ୍ରୀ, ଭିଆଇପି ମେସିଙ୍କୁ ଏପରି ଘେରି ଯାଇଥିଲେ ଯେ, ତାଙ୍କୁ ଦେଖିବା ମଧ୍ୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଫଳରେ ଷ୍ଟାଡିୟମ୍‌ରେ ଅରାଜକତା ସୃଷ୍ଟି ହୋଇଯାଇଥିଲା ଓ ଆୟୋଜକମାନେ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏହି ଗଣ୍ଡଗୋଳିଆ ଘଟଣା ପରେ ଆୟୋଜକ ଓ ପଶ୍ଚିମବଙ୍ଗ ସରକାରଙ୍କୁ ସବୁଆଡୁ ତୀବ୍ର ସମାଲୋଚନା କରାଯାଇଥିଲା। କୋଲକାତାରେ ମେସିଙ୍କର ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହା ଅଧଘଣ୍ଟାରେ ଶେଷ ହୋଇଯାଇଥିଲା। ସୁରକ୍ଷା ଆଳ ଦେଖାଇ ତାଙ୍କୁ ଆଉ କୌଣସି କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ଅଘଟଣ ପରେ କୋଲକାତା ପୁଲିସ୍ ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଉଚ୍ଚଦର ଦେଇ ଟିକଟ କିଣିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ଦେବାକୁ ଘୋଷଣା କରାଯାଇଛି।

### ହାଇଦରାବାଦ୍‌ରେ ଖେଳିଲେ ମ୍ୟାଚ୍

**ହାଇଦରାବାଦ୍:** କୋଲକାତାରୁ ମେସି ଯାଇ ହାଇଦରାବାଦ୍‌ରେ ପହଞ୍ଚିବା ପରେ ତାଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସ୍ୱାଗତ କରିଥିଲେ। ବିମାନବନ୍ଦର ବାହାରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ମେସି ମେସି ସ୍ଲୋଗାନ ଦେଉଥିଲେ। ଏହା ପରେ ମେସି ଏକାଦଶ ଓ ମୁଖ୍ୟମନ୍ତ୍ରୀ ଏକାଦଶ ମଧ୍ୟରେ ୨୦ ମିନିଟିଆ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଅନ୍ୟ ଯୁବ ଖେଳାଳିଙ୍କୁ ସମ୍ବୋଧିତ କରିଥିଲେ ଏହି ବିଶ୍ୱ ଚାମ୍ପିଅନ।

■ ଯୁବ ଏସିଆ କପ୍ କ୍ରିକେଟ୍

## ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ, ୧୩।୧୨ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ସକାଳ ୧୦ଟା ୩୦ରେ ଗ୍ରୁପ୍-ଏ'ର ଏହି ମ୍ୟାଚ୍ ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଉଭୟ ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଗ୍ରୁପ୍ ମ୍ୟାଚରେ ବିଜୟୀ ହୋଇଛନ୍ତି। ଗତକାଲି ଭାରତ ୨୩୪ ରନର ବଡ଼ ବ୍ୟବଧାନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୯୫ ବଲରେ ୧୭୧ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ସେହିଭଳି ପାକିସ୍ତାନ ଏହାର ପ୍ରଥମ ମ୍ୟାଚରେ ମାଲେସିଆକୁ ୨୯୭ ରନରେ ହରାଇଥିଲା। ରେକର୍ଡ ଉପରେ ନଜର ପକାଇଲେ ଯୁଥ ଦିନିକିଆରେ ଦୁଇଦେଶ ମଧ୍ୟରେ ୨୭ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭାରତ ୧୫ଟି ଓ ପାକିସ୍ତାନ ୧୧ଟି ମ୍ୟାଚ୍ ବିଜୟୀ ହୋଇଛି। ଗୋଟିଏ ମୁକାବିଲା ଟାଇ ରହିଛି।

## ହରିକେନ୍ସକୁ ପ୍ରଥମ ଡବ୍ଲ୍ୟୁବିବିଏଲ୍ ଟାଇଟଲ୍

ହୋବାର୍ଟ, ୧୩।୧୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍) ର ୧୧ତମ ସଂସ୍କରଣରେ ହୋବାର୍ଟ ହରିକେନ୍ସ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ହୋବାର୍ଟ ୮ ୱିକେଟ୍‌ରେ ପର୍ଥ ସ୍କଚର୍ସକୁ ପରାସ୍ତ କରି ପ୍ରଥମଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିଛି। ସୋଫି ଡିଭାଇନଙ୍କ ପର୍ଥ ସ୍କଚର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ୍ ହରାଇ ୧୩୭ ରନ କରିଥିଲା। ଜବାବରେ ଓପନର୍ ଲିଜେଲି ଲି'ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ହରିକେନ୍ସ ୫ ଓଭର ବଳକା ଥାଇ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ୪୪ ବଲରେ ୭୭ ରନ କରିଥିବା ଲିଜେଲି ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ଆସାମର ୪ କ୍ରିକେଟର୍ ବାସନ୍ଦ

**ଗୌହାଟୀ, ୧୩।୧୨ (ଏଜେନ୍ସି):** ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦୁର୍ନୀତିରେ ଜଡ଼ିତ ଥିବା ଅଭିଯୋଗରେ ଆସାମର ୪ଜଣ କ୍ରିକେଟର୍ ବାସନ୍ଦ ହୋଇଛନ୍ତି। ସେମାନେ ହେଲେ ଅମିତ ସିହ୍ନା, ଇଶାନ ଅହମ୍ମଦ, ଅମନ ତ୍ରିପାଠୀ ଓ ଅଭିଷେକ ଠାକୁରି। ଶୁକ୍ରବାର ଆସାମ କ୍ରିକେଟ୍ ସଂଘ (ଏସିଏ) ପକ୍ଷରୁ ରାଜ୍ୟ କ୍ରାଇମବ୍ରାଞ୍ଚ ନିକଟରେ ଏଫଆଇଆର୍ ଦାଖଲ କରାଯିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ସୟଦ ମୁସ୍ତାକ ଅଲି ଟ୍ରଫିରେ ଏହି ୪ଜଣ ଖେଳାଳି ଆସାମ ଦଳର ଅନ୍ୟ ଖେଳାଳିଙ୍କୁ ପ୍ରଭାବିତ କରିବା ଏବଂ ସେମାନଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି, 'ଅଭିଯୋଗ ପ୍ରକାଶ ପାଇବା ପରେ ବିସିସିଆଇର ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ତଦନ୍ତ କରିଥିଲା। ଏସିଏ ମଧ୍ୟ ଫୌଜିଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି'। ବାସନ୍ଦ ହୋଇଥିବା ଏହି ୪ଜଣ କ୍ରିକେଟର୍ ବର୍ତ୍ତମାନ ଏସିଏ, ଏହାର ଜିଲ୍ଲା ୟୁନିଟ୍ କିମ୍ବା ଅନୁବନ୍ଧିତ କ୍ଲବ ଦ୍ୱାରା ପରିଚାଳିତ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା ମ୍ୟାଚରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି।

**ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦ ଆଜି**

# ବିଶ୍ୱକପ୍ ପୂର୍ବରୁ ଗିଲ୍‌ଙ୍କ ଲାଗି ଅଗ୍ନିପରୀକ୍ଷା



ଖେଳ ଆରମ୍ଭ : ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର

**ଧର୍ମଶାଳା,୧୩।୧୨(ଏଜେନ୍ସି):** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ରବିବାର ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ସିରିଜ୍ କବ୍‌ଜା ଉପରେ ଆଉ ପାଦେ ଆଗେଇବ। ଏଣୁ ଏହି ମ୍ୟାଚ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବେ ସମସ୍ତେ ଚିନ୍ତିତ। ଘରୋଇ ଦଳର ଟିମ୍ ମ୍ୟାନେଜମେଣ୍ଟ ଲାଗି ଏହା ଯେତିକି ଚିନ୍ତାର କାରଣ ସାଜିଛି, ତା'ଠାରୁ ଅଧିକ ବିପଦରେ ଅଛନ୍ତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍। ଉଭୟ ଖେଳାଳି ଆଦୌ ଫର୍ମରେ ନ ଥିବାରୁ ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଚୂଡାନ୍ତ କରିବା ଉଭୟ ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ଲାଗି ସମ୍ଭବପର ହେଉନାହିଁ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ-ମାର୍ଚ୍ଚରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ନିଜର ଦକ୍ଷତା ଓ ଦୁର୍ବଳତା ସଜାଡିନେବାକୁ ଆଉ ମାତ୍ର ୮ଟି ମ୍ୟାଚ୍ ରହିଛି। ଏହା ମଧ୍ୟରୁ ଚଳିତ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ର ୩ଟି ମ୍ୟାଚ୍ ରହିଛି। ଏହି ସିରିଜ୍ ଉଭୟ ସୂର୍ଯ୍ୟକୁମାର ଓ ଶୁବମନଙ୍କ ଭାଗ୍ୟ ପରୀକ୍ଷା ହେବ। ବିଶେଷକରି ଗିଲ୍ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ କି ନାହିଁ, ସୂର୍ଯ୍ୟକୁମାରଙ୍କୁ ନେତୃତ୍ୱ ପଦରୁ ହଟାଯିବ କି ନାହିଁ ତାହା ଏହି ୩ଟି ମ୍ୟାଚ୍ ପରେ ସ୍ପଷ୍ଟ ହେବ। ବିଶେଷ କରି ସଞ୍ଜୁ ସାମସନ, ଋଷଭ ପନ୍ତଙ୍କ ପରି ଖେଳାଳି ବେଞ୍ଚରେ ବସିଥିଲାବେଳେ, ରିଙ୍କୁ ସିଂ ଅପେକ୍ଷା କରିଥିଲାବେଳେ ଶୁବମନଙ୍କୁ ଆଉ କେତେଦିନ ଓ କେତେ ସୁଯୋଗ ମିଳିବ ତାହା ଏହି ୩ଟି ମ୍ୟାଚ୍‌ରେ ନିଶ୍ଚିତ ଚୂଡାନ୍ତ ହେବ। ଏହି ସିରିଜର କଟକରେ ଖେଳାଯାଇଥିବା ମ୍ୟାଚ୍‌ରେ ଗିଲ ୪ ଓ ରାୟପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଖାତା ଖୋଲି ପାରି ନ ଥିଲେ। ଏହି ସ୍କୋର ତାଙ୍କ ଲାଗି ବିପଦ ସାଜିଛି। ସୂର୍ଯ୍ୟକୁମାରଙ୍କୁ ନେଇ ଚିନ୍ତାଥିଲେ ମଧ୍ୟ ତାଙ୍କ ନିକଟରୁ ଏବେ ନେତୃତ୍ୱ କାଢ଼ିନିଆଯିବ ନାହିଁ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ପରାଜୟ ଆଶଙ୍କାରେ ଓଡ଼ିଶା

ଭୁବନେଶ୍ୱର, ୧୩।୧୨ (ସମିସ): ମଧ୍ୟପ୍ରଦେଶରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ପରାଜୟର ଆଶଙ୍କାରେ ରହିଛି। ଛତିଶଗଡ଼ ବିପକ୍ଷ ଏହି ମ୍ୟାଚରେ ୧୦୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଶନିବାର ୨ୟ ଦିବସ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୧୦୩ ରନ ସଂଗ୍ରହ କରିଛି। ଆଶୁତୋଷ ନାୟକ ସର୍ବାଧିକ ୫୨ ରନ କରି ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ବେଳକୁ ତପନ ଗୁପ୍ତା ୫ ଓ ମୃତ୍ୟୁଞ୍ଜୟ ତ୍ରିପାଠୀ ୩ ରନ କରି ଖେଳୁଛନ୍ତି। ପାଞ୍ଚ ୱିକେଟ୍ ବଳକା ଥାଇ ଓଡ଼ିଶା ୬ ରନ ପଛରେ ରହିଛି। ରବିବାର ମ୍ୟାଚର ଅନ୍ତିମ ତଥା ୩ୟ ଦିବସ। ତେଣୁ ଛତିଶଗଡ଼ ସ୍ଥିତି ମଜଭୁତ ରହିଛି। ପୂର୍ବରୁ ଏହି ମ୍ୟାଚର ପ୍ରଥମ ଇନିଂସରେ ଓଡ଼ିଶା ୧୩୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଛତିଶଗଡ଼ ୨୪୮ ରନରେ ସୀମିତ ରହିଥିଲା।

## ଜାତୀୟ ସିନିଅର ହ୍ୟାଣ୍ଡବଲ୍: ଆଲୋକଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୩।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ଡିସେମ୍ବର ୧୫ରୁ ପଶ୍ଚିମବଙ୍ଗରେ ଆରମ୍ଭ ହେବ। ଏଥିଲାଗି ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆଲୋକ କୁମାର ଭୋଇଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ଅବସରରେ ଶନିବାର କ୍ରୀଡ଼ା ବିଭାଗ ପକ୍ଷରୁ ଓଏସ୍‌ଡି ବିଜୟ ସାହୁ, ଡ. ଶାଶ୍ୱତ କୁମାର ରାଉତ, ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଙ୍କ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ, କୋଚ୍ ଗୌରୀଶଙ୍କର ମିଶ୍ର ପ୍ରମୁଖ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଓଡ଼ିଶା ଦଳ: ଆଲୋକ ଭୋଇ (ଅଧିନାୟକ), ବିଶ୍ୱରଞ୍ଜନ ପାତ୍ର, ରଜତ ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁଚରଣ ମହାରଣା, ରାମଶିଷ ଜେନା, ଅନିଷ ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା ଓ ଅନୁରାଗ ଦାସ।

**ନାଲ୍‌କୋ ଓପନ୍ ଟେନିସ୍**

## କବୀର, ଦେବାଶିଷ ସେମିରେ

**ଭୁବନେଶ୍ୱର,୧୩।୧୨(ସମିସ):** କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲିର ପୁରୁଷ ବିଭାଗ ସେମିଫାଇନାଲରେ କବୀର ହନ୍ସଙ୍କ ସହ ଦେବାଶିଷ ସାହୁ, ପ୍ରତ୍ୟୁଷ ମହାନ୍ତିଙ୍କ ଅମୃତଜୟ ମହାନ୍ତିଙ୍କର ମୁକାବିଲା ହେବ। ମହିଳା ବିଭାଗ ଏକକରେ ପ୍ରିଶା ଦାସ, ସେକ୍ ସାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ମଧ୍ୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବିଭାଗ ଏକକରେ ଆହାନ ମିଶ୍ର, ଆୟୂଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଲେଶ ରଥ ସେମିକୁ ଉନ୍ନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଏକକରେ ସେକ୍ ସାଫ୍‌ଜା, ସାଇରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଞ୍ଜନା ଦାସ, ବାଳକ ଏକକରେ ଶୀୟାସ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୁୟାଂଶ ଥାଟୋଇ ଓ ସଫଳ ଅଗମନ ମଧ୍ୟ ଫାଇନାଲ ଲାଗି ଆସନ୍ତାକାଲି ବା ରବିବାର ଲଢ଼େଇ କରିବେ।

**ସତ୍ୟବ୍ରତ ସ୍ମାରକୀ ଫୁଟବଲ**

## ଫାଇନାଲରେ ୟୁନିଟ୍ ୬ ବନାମ ଫାଓ ଏକାଦଶ




**ଭୁବନେଶ୍ୱର,୧୩।୧୨(ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ-୬ ଆଥ୍‌ଲେଟିକ ଆସୋସିଏସନ ଓ କଟକର ଫାଓ ଏକାଦଶ ମଧ୍ୟରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଆସନ୍ତାକାଲି ଖେଳାଯିବ। କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରି ୟୁନିଟ୍-୬ ଏଏ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଛୋଟୁ ମୁର୍ମୁ ସମସ୍ତ ୩ଟି ଯାକ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସମ୍ବଲପୁରର ହରି ଦାସ ୨ଟିଯାକ ଗୋଲ ଶୁଝାଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଟକର ସନ୍‌ରାଇଜ୍ କ୍ଲବ୍‌କୁ ୫-୦ରେ ବିପୁଳ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଓ ଏକାଡେମୀ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ହଂସ୍‌ଦା, ଅର୍ପଣ ଲାକ୍ରା, ଜିଜୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଛୋଟୁ ମୁର୍ମୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ପଣ ଲାକ୍ରାଙ୍କୁ ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

**ଓଡ଼ିଶା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ**

## ଫାଇନାଲରେ ଉନ୍ନତି-ଈଶାରାଣୀ





ଭୁବନେଶ୍ୱର, ୧୩।୧୨ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏକ ଲକ୍ଷ ୧୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୧ କୋଟି) ପୁରସ୍କାର ରାଶିବିଶିଷ୍ଟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଶନିବାର ସମସ୍ତବର୍ଗର ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। ଏଥିରେ ପୁରୁଷ ସିଙ୍ଗଲ୍ସରେ ଭାରତର କିରଣ ଜର୍ଜ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଦ୍ୱିତୀୟ ସିଡ୍ କିରଣ ୨୧-୧୯, ୮-୨୧, ୨୧-୧୮ ଗେମରେ ସାଥୀ ଭାରତୀୟ ଖେଳାଳି ରୌନକ ଚୌହାନଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ କିରଣଙ୍କ ମୁକାବିଲା ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କ ସହ ହେବ। ଅନ୍ୟ ଏକ ସେମିରେ ମହମ୍ମଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ନିଜ ଦେଶର ବିସମୋ ରାୟା ଓକତୋରାଙ୍କୁ ହରାଇଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ଉନ୍ନତି ହୁଡା ଓ ଈଶାରାଣୀ ବରୁଆଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଉନ୍ନତି ସେମିଫାଇନାଲରେ ୧୮-୨୧, ୨୧-୧୬, ୨୧-୧୬ ଗେମରେ ସାଥୀ ଭାରତୀୟ ତସନିମ ମିର୍‌ଙ୍କ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ଈଶାରାଣୀ ୧୮-୨୧, ୨୧-୭, ୨୧-୭ ଗେମରେ ତନୟା ହେମନ୍ତଙ୍କ ହରାଇଥିଲେ। ଈଶାରାଣୀ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍-୧୦୦ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟଙ୍କୁ ସେମିଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ମିକ୍ସଡ ଡବଲ୍ସରେ ମଧ୍ୟ ଭାରତର ସାତ୍ତ୍ୱିକ ରେଡ୍ଡୀ ଓ ରେଶିକା ଯୋଡ଼ି ସେମିଫାଇନାଲରେ ନିରାଶ କରିଛନ୍ତି।

# ମହାରାଜା ସେଭେନ୍ସ ରଗ୍‌ବୀ ଉଦ୍‌ଘାଟିତ

ବାରିପଦା, ୧୩।୧୨(ସମିସ):



ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଶନିବାର ବାରିପଦା ଷ୍ଟାଡିୟମ ପଡିଆରେ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ୨୦ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିସହ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ପୁରୁଷ ବିଭାଗରେ ପ୍ରଥମ ସେମିଫାଇନାଲ ଦିଲ୍ଲୀର ଫ୍ୟୁଚର ହୋପ୍ ହରକ୍ଲିନ୍ସ ଓ ମୁମ୍ବାଇ ମେଜିସିଆନ ଏବଂ ଦ୍ୱିତୀୟ ସେମିଫାଇନାଲ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ ଦିଲ୍ଲୀ ହରିକେନ୍ସ ମଧ୍ୟରେ ଖେଳାଯିବ। ସେହିଭଳି ମହିଳା ବିଭାଗରେ ପ୍ରଥମ ସେମିରେ କୋଲକାତାର ଫ୍ୟୁଚର ହୋପ ହରିକେନ୍ସ ଓ ସିଲିଗୁଡିର ସରସ୍ୱତୀପୁର ଲେପୋଡର୍ ସାମ୍ନାସାମ୍ନି ହେବେ। ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ କୋଲକତା ପୁଲିସ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ ବୋଲି ସହ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି।

ଉଦଘାଟନୀ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ ଓ ସୋମନାଥ ସିଂହ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS